| ୩ | । ପ୍ର । ଜାଜପୁର । ତା । ଦଶିନ୍ଦ୍ରବର । ମୌ । ଯୋବଗ ଜମିଦାର ପ୍ରସନ୍ନକୁ ବାସ ଜମିଦାର ଉପଜା ମା ୩୮୨୨। ମଧ୍ୟରୁ ମା ୧୦।୨୧୩ ର ଜମା ...<br>ଉକ୍ତ ଯୋବଗ ମଉଜ ଦଉଳ ସାହେବଙ୍କ ଦାଖିଲ ପତ୍ର । ବା । ଜମି ମା ୨୩।୧୨- ୩ ର ଜମା ... ... ... ...<br>ଉକ୍ତ ତାଲୁକ ସାମିଲ । ମୌ । ଖଣ୍ଡଗିର ଜମିଦାର ସୀତାନାଥ ସ୍ପ ଓଡ଼ିଆଙ୍କ ଜମିଦାର ଉପଜାଉ ସନ ୧୮୬୫ ମସିହା ସିତାମ୍ବରନାଥ ତା ୧ ପରେ ଯୋଗ- ସାହେବଙ୍କ ଦାଖିଲ ପତ୍ର । ବା । ଜମି ଉଦକ ମା ୧୮।୫। ର ଜମା ...<br>ଉକ୍ତ ପ୍ରଗନା ଅଟଗ । ସ । କାକାତ୍ରି ପାଟଣେ ମୁରଙ୍ଗା ଜମିଦାର ଜଗେଶ୍ୱରସ୍ୱାମି ଓଡ଼ିଆଙ୍କ ଜମିଦାର ଉପଜା ସମସ୍ତ, ଡଭ ବ୍ରଜମୋହନ ସାହେବଙ୍କ ତାରେ ସନ୧୮୬୫ ମସିହା ଅଗ୍ରହାୟଣ ତା ୨୦ ପ୍ରଥ ଖତା । ବା । ମା୧ । ୦ ୧ ର ଜମା ଏବୁଦ ମା ୫୨।୧୫ ର ଅଭାବ ଜମା ... ...<br>ବ ୩ ସ୍ଥିତ କୋଠୀ ଇଟାର ପକ୍କା ମା ୩୧।୨୨୩୵ ଡଗାର ଗ୍ରାମ ଗ୍ରହୀତାଙ୍କ ଜାମ- ଖେସ୍ରେ ଯାହା ସ୍ୱତ୍ୱଭିତରେ ଭାସନ ଜୋରରେ ଦଖଲ ଅଛି ତାହାକୁ କାଟି ମା ୨୫।୧୭୩୵ ଓ ତହିଁର ପ୍ରାଚୀର ଦଖଲ ସ୍ୱତ୍ୱ ଓ ତହିଁର ଜ ୩ ସ୍ଥିତ କୋଠୀ ଓ ତହିଁ ସମ୍ବନ୍ଧ ଥିବା କବୁଲତଖାନା ଇତ୍ୟାଦ ଏ ମୋକଦମାରେ ଲହନ ଅଛି ତାହା ଏ ମୋକଦମାରେ ନିଲାମ ହେବ । | ଟ ୬୩୧ ଓ<br>ଟ ୧୧୬୵୨ ଓ<br>ଟ ୧୬୵୨ ଓ<br>ଟ ୫୩<br>ଟ ୩୧/୫ ମାତ୍ର | | |
| ୪ | ସହର କଟକ ବକ୍ସିବଜାରରେ ଥିବା କୋଠୀ ଏ ମୋକଦମାରେ ଲହନ ଅଛି ତାହା ଏ ମୋକଦମାରେ ନିଲାମ ହେବ । | | | |
| ୫ | ସହର କଟକ ବକ୍ସି ବଜାରରେ ଥିବା କୋଠୀ ଏକଖୋଲା ଏ ମୋକଦମାରେ ଲହନ ଅଛି ତାହା ଏ ମୋକଦମାରେ ନିଲାମ ହେବ । | | | |

Split by PDF Splitter

Digitized by srujanika@gmail.com

Split by PDF Splitter

SEED NO.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୧୦ | ତା ୧୭ ଇଂ ମାହେ ଜୁନ ସନ ୧୮୭୪ ମସିହା । ଦୂ । ୫ ଅଷାଢ଼ ସନ ୧୨୮୧ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସଂ ୨୦ ସଂଖ୍ୟା | ପଶ୍ଚାଦ୍ଦେୟ ଟ ୩॥

ଜର୍ମାନୀ ଦେଶରେ ରୂପା ସମ୍ବନ୍ଧରେ ଯେଉଁ କମିଶନ ବସିଥିଲା ତହିଁର ଅଧିବେଶନ ବନ୍ଦ ହୋଇଅଛି । କଥିତ ହୁଏ କମିଶନରମାନେ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ବିଷୟଟି ଯେପରି ଗୁରୁତର ଏହା ଯେ ସ୍ୱାର୍ଥତ୍ୟାଗ ଭିନ୍ନ ସହଜେ ମୀମାଂସିତ ହୋଇ ପାରିବ ତାହା ବୋଧ ନାହିଁ ।

———

...ନସାହେବଙ୍କ ଯୋଗେ ...ଲର ଅମୀର ଓ ଅମ୍ ...ନାଙ୍କ ...ଙ୍କଙ୍କ ସାକ୍ଷାତ ହେବାର ...ବନ୍ଦୋବସ୍ତ ଲାଗିଅଛି । ଏ ମହାଶୟ ବର୍ତ୍ତମାନ ...ମଲାଠାରେ ଅଛନ୍ତି ଏବଂ ଅମୀରଙ୍କର କାର... ...ଜା ଏବଂ ଅନ୍ୟକାର୍ଯ୍ୟନିମିତ୍ତ ୧୮୦୦୦ ପାଉଣ୍ଡ ...ଲ୍ୟର ହଲ ସେନ ଯାଉଅଛନ୍ତି । ସର ସଲ- ...ର ଯାଇନ ଅମୀରଙ୍କର ଏଜେଣ୍ଟ ଅଛନ୍ତି ।

———

ହବବୁଅସ ନାମକ ଜଣେ ଜର୍ମନିବାସୀ ...କପ୍ରକାର ତୋପ ପ୍ରସ୍ତୁତ କରିଅଛନ୍ତି ଯେ ...ହାକୁ ବନ୍ଧୁକଗୋଳ ଭେଦ କରିପାରେ ...ହିଁ । ଗତମାସ ତା ୨୩ ରିଖରେ ଏହା ...ସ୍ତ୍ରିକ ନଗରରେ ଡଉକ ଅଫ କାମ୍ବ୍ରିଜ ଓ ...ର୍ଜି ଜବର୍ଟସପ୍ରଭୃତିଙ୍କ ସମ୍ମୁଖରେ ପରୀକ୍ଷିତ ...ହୋଇଥିଲା ଏବଂ ପରୀକ୍ଷାରେ ଦେଖାଗଲା ଯେ ...୨ ଅଳ୍ପଦୂରରୁ ବନ୍ଧୁକ ମାଇଲେସ୍ଵା ଗୋଳ ଏ ତୋପ ଭେଦ କରିପାରିଲା ନାହିଁ । ଦଳକୁ ଦଳ ଜେତେ କୌଶଳ ଉଦ୍ଭାବନ ହେଉଅଛି ।

———

ସମ୍ବଲପୁର ପରବର୍ତ୍ତରେ ନାଗପୁରଠାରୁ ରେଲଵାଇ ନିର୍ମାଣ କରି କଟକଠାରେ ଇଷ୍ଟକୋଷ୍ଟ ରେଲଵାଇସଙ୍ଗେ ଯୋଗ କରିବାକାରଣ ବଙ୍ଗଲା ନାଗପୁର ରେଲବାଇ କମ୍ପାନି ମନସ୍ଥ କରି ଅଛନ୍ତି । ଯେଉଁଠାରେ ମହାନଦୀ ତେଲନଦୀ ସଙ୍ଗେ ମିଶିଅଛି ସେହିଠାରେ ମହାନଦୀ ପାର ହେବା କାରଣ ସେମାନେ ପ୍ରସ୍ତାବ କରନ୍ତି । ଏହା ଯେପରି ମଧ୍ୟ ପ୍ରଦେଶର ସାହିତ୍ୟ ଯୋଗେ ଉତ୍କଳ ଲାଭକର ବାଟ ହେବ ସେହିପରି ବୋମ୍ବାଇକୁ ସିଧା ବାଟରେ କଟକ ସହିତ ଯୋଗ କରିବ । ଏହା ଶୁଣିବାକୁ ଭଲ ଲାଗିବା ସଙ୍ଗେ ସଙ୍ଗେ ଶୁଣାଯାଏ ଯେ ବର୍ତ୍ତମାନ ଜେତେକ ବର୍ଷ ଏଥିର କାର୍ଯ୍ୟ ଆରମ୍ଭ ହେବ ନାହିଁ ।

———

ସଂସ୍କୃତକଲେଜର ପୁରାତନ ଛାତ୍ରଦଳର ଏକମାତ୍ର ଜୀବିତ ପଣ୍ଡିତ ତାରାନାଥ ତର୍କାଳଙ୍କାର ଥିଲେ । ଗତପୂର୍ବ ଶୁକ୍ରବାର ଦିବସ ସେ ମଧ୍ୟ ଇହଲୀଳା ସମ୍ବରଣ କଲେ ଏହି ଦଳର ଶାକାୟନ୍ତ୍ରାଣ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବଙ୍ଗପ୍ରଦେଶରେ ମଡେଲସ୍କୁଲ ସ୍ଥାପନ କରିଥିଲେ । ବର୍ତ୍ତମାନ ପୁରାତନଦଳ ଶେଷ ହୋଇ ଗଲେ । ଆମ୍ଭମାନଙ୍କ ସକାଶେ ସେମାନେ ଯାହା କରି ଯାଇଅଛନ୍ତି ତାହା ରକ୍ଷା କରି ପାରିଲେ ଆମ୍ଭମାନଙ୍କର ଉନ୍ନତି ହେବାର ସମ୍ଭାବନା । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଁ ଯେ ଏମାନଙ୍କ ଆତ୍ମା ସ୍ୱର୍ଗଧାମକୁ ଭୂଷିତରେ ମାଳ ହେଉ ଓ ଏମାନଙ୍କର ପରିବାରବର୍ଗ ଶାନ୍ତିରେ କାଳଯାପନ କରନ୍ତୁ ।

———

ଅଫିମକମିଶନଙ୍କ ରିପୋର୍ଟ ଶୀଘ୍ର ଭାରତ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥିତ ହେବାର ସମ୍ବାଦ ମିଳିଅଛି । ରିପୋର୍ଟ ଆସିଲେଁ ସବୁ ବିଷୟ ଜଣାଯିବ । ଆମ୍ଭେମାନେ ଅତିଶୟ ଆହ୍ଳାଦର ସହିତ ଶୁଣିଲୁଁ ଯେ କମିଶନଙ୍କ ସଭାପତି ଲର୍ଡ ବ୍ରାସି ତାଙ୍କର ବ୍ୟୟଭାରର ଅଂଶ ସ୍ୱୟଂ ବହନ କରିଅଛନ୍ତି । ଅନ୍ୟାନ୍ୟ ସଭ୍ୟମାନଙ୍କୁ ସେମାନଙ୍କର ଖରଚ ବ୍ୟୟ କରିବାକୁ ଅନୁରୋଧ କରିଥିଲେ କିନ୍ତୁ ଏ ପ୍ରସ୍ତାବରେ ସେମାନଙ୍କର ଅନୁମୋଦନ ହେଲା ନାହିଁ ବୋଲି ଶୁଣା ଯାଉଅଛି । ଲର୍ଡବାସି ଅତୀବ ପ୍ରଶଂସାର କାର୍ଯ୍ୟ କରିଅଛନ୍ତି ଓ ସାଧାରଣ କାର୍ଯ୍ୟରେ ଯେଉଁପ୍ରକାର ମହାନ୍ ହୃଦୟ ଦର୍ଶାଇବାକୁ ହୁଏ ତାହା ଦର୍ଶାଇଅଛନ୍ତି । ଅମୃତାନନ୍ଦର ବର୍ତ୍ତମାନ ଏହିକ ନିବେଦନ ଯେପରି ବ୍ୟୟଭାର ବହନ କରିବାକୁ ଭାରତକୁ ନ ହୁଏ ।

———

Digitized by srujanika@gmail.com

Split by PDF Splitter



ଉତ୍ତର କାନ୍ଦର ଠାରେ ଗତମାସ ଶେଷଭାଗରେ ପ୍ରଚୁର ବୃଷ୍ଟି ଏବଂ ଭୟାନକ ବନ୍ୟା ହୋଇ ଥିବାର ସମ୍ବାଦ ମିଳଇ । ଉଭଗା ଭୟସ୍ଥଠାରୁ କଡ଼ି ଉଲ୍ୟ କୂଳ ପ୍ଲାବନ କରି ଅନେକକ ଘର, ଗୋରୁ ଏବଂ ମନୁଷ୍ୟ ପ୍ରଭୃତି ଭସାଇ ନେଇ ଅଛି । ଅନେକ ଲୋକେ ଗଛି ଘିବା ଭୟରେ ଘର ଉପରେ ଆଶ୍ରୟ ନେଇ ଥିଲେ । କେତେ ଲୋକ ବୁଡ଼ି ମରି ଅଛନ୍ତି ତାହା ଅବଧି ନିଶ୍ଚୟ କରି ଯାଇ ନାହିଁ ଏବା ଟେ। ୭୦ ଟି ମୃତ ଶରୀର ଧରା ଯାଇଥିବାର ସମ୍ବାଦ ମିଳଇ । ସହସ୍ର ୨ ଲୋକେ ଆଶ୍ରୟହୀନ ହୋଇ ଅଛନ୍ତି ଏବଂ ପିନ୍ଧିଲା ଲୁଗା ଖଣ୍ଡିକ ଛଡ଼ା ଅନ୍ୟ କିଛି ନାହିଁ । ଧାନ ଚାଉଳ ଓ ଦ୍ରବ୍ୟାଦି କେତେ ଯେ ନଷ୍ଟ ହୋଇ ଅଛି ତାହା ନିରୂପଣ କରିବା କଠିନ ।—କେଉଁଠାରେ ଅତିବୃଷ୍ଟି କେଉଁଠାରେ ଅବା ଅନାବୃଷ୍ଟି ।

---

ବିହାର ଏବଂ ଉତ୍ତରପଶ୍ଚିମ ଅଞ୍ଚଳର ଆମ୍ବଗଛମାନଙ୍କରେ କାଦୁଅ ଏବଂ ବାଳ ଲେସା ହୋଇଥିବା ସେହି ଖବରଠାରୁ ବଙ୍ଗଦେଶପର୍ଯ୍ୟନ୍ତ ଇଂରାଜ ମହଲରେ ଭୂମିକ ଆନ୍ଦୋଳନ ଲାଗି ଯାଇଅଛି ଏମନ୍ତ କି କଥାଟା ପାର୍ଲିଆମେଣ୍ଟରେ ମଧ୍ୟ ଉଠିଥିଲା । ଅବଶ୍ୟ ଏପରି ବହୁଦୂର ବିସ୍ତୃତ ରାଜ୍ୟଖଣ୍ଡର ପ୍ରାୟ ସମସ୍ତ ଅନୁକୂଳରେ ଏପରି କାଦୁଅ ଏବଂ ବାଳମିଶ୍ରିତ ହୋଇ ଲେସାହେବା ଆଶ୍ଚର୍ଯ୍ୟଜନକ ଏବଂ କିମ୍ବଦନ୍ତି ବର୍ତ୍ତିତ ଏକ ସମୟରେ ସଂଘଟିତ ହୋଇଥିବାର କୋଉଥିଲେ ମଧ୍ୟ ଏଥିମଧ୍ୟରେ କୌଣସି ରାଜନୈତିକ ଚାତ୍ରୁ ଗୁପ୍ତ ଅଛି ବୋଲି ଅନୁମାନ କରିବା ପାଗଳର କାର୍ଯ୍ୟ ଅଟଇ । ତାହା ଥିଲେ ଏତେ ଦିନରୁ ଅବଶ୍ୟ କିଛି ହେଲେ ପ୍ରକାଶ ହୋଇଯାଇଥାନ୍ତା । ଫଳତଃ ଏଥିରେ ଅମ୍ଭମାନଙ୍କର ସାହେବମାନେ ଆପଣା କାର୍ଯ୍ୟଦ୍ୱାରା ଲୋକଙ୍କର ବିଶ୍ୱାସଭାଜନ ହୋଇଥିବାର ବୁଝିପାରି ଭଲରୁ ଭାଳ ଚେରୁ ଅଛନ୍ତି ।

---

ଅମ୍ଭମାନଙ୍କର ଅଭିଜ୍ଞ ସ୍ପେସିଏଲ୍‌ଡେପୁଟି ଶ୍ରୀଯୁକ୍ତ ବାବୁ ସୁଦାମଚନ୍ଦ୍ର ନାୟକ ସର୍ବସ୍ଥାନବାର ବିଷୟ ନୟାଗଡ ଗମନ କରୁଅଛନ୍ତି । ନୟାଗଡ ମୁକାମରେ ଦେଓ୍ୱାନ ଶ୍ରୀଯୁକ୍ତ [illegible]ଙ୍କର ବିଷୟ ହେବ । ଦେଓ୍ୱାନବାବୁ ପ୍ରାପ୍ତ ହୁଇ ଏ ଦେଶ ବର୍ଷକରେ ପଡ଼ିଅଛନ୍ତି ଯାହା ଦେଖି ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ କ, ଭୁବସାହେବ ତାଙ୍କ ସମସ୍ତ ହାଲ ବୃତ୍ତି ପୂର୍ବ ମାନେଜରରୁ ବରଖାସ୍ତ କରି ନୂତନ ମାନେଜର ନିଯୁକ୍ତ କରିବାର ଦେଓ୍ୱାନଙ୍କୁ ରାଜ୍ୟରେ ରହିବାର ଅନୁମତି ପ୍ରଦାନ କରି ଅତି ସୁବିଚାର କରିଥିଲେ । କିନ୍ତୁ କୋନକରୁଙ୍କୁ ବୋଧ ହୁଏ କୌଣସି ଗୁଡ଼ ସ୍ଥିର କରି ରଖି ଦେଇ ନାହିଁ ନଚେତ୍ କାହିଁକି ମୋକଦ୍ଦମା ଉପସ୍ଥିତ ହୁଅନ୍ତା । ତାଙ୍କ ନାମରେ ରାଜ୍ୟବଦ୍ଧରେ କାର୍ଯ୍ୟମାନ କରିଥିବା ଦୋଷାରୋପ ହୋଇଅଛି । ଦେଖାଯାଉ ଓଙ୍ଗିଲର ସାହାଯ୍ୟ ନେଇଅଛନ୍ତି । ଅମ୍ଭେମାନେ ଆଶା କରୁଁ ସୁଦାମବାବୁ କରିଯେଷ ବନ୍ଧୁଦ୍ୱାରା କଣ୍ଟାରେ ଶାନ୍ତି ସ୍ଥାପନ କରି ଜନସାଧାରଣରେ ସୁଖ୍ୟାତି ଲଭିବେ ।

---

ସିବୁଟ୍ରେଡର ଗଭର୍ଣ୍ଣମେଣ୍ଟଗେଜେଟରେ ପ୍ରକାଶ ହୋଇଥିଲା ଯେ ଗଭର୍ଣ୍ଣମେଣ୍ଟର କାର୍ଯ୍ୟରେ ହିନ୍ଦୁ ଓ ମୁସଲମାନ ପ୍ରାର୍ଥୀ ଥିଲେ ହିନ୍ଦୁଅପେକ୍ଷା ମୁସଲମାନର ଇଂରାଜବିଦ୍ୟା କମ୍ ଥିଲେ ସୁଦ୍ଧା ତାହାର ଦାମ୍ବୀପ୍ରତି ସୁବିଚାର କରାଯିବ । ଗଭର୍ଣ୍ଣମେଣ୍ଟଙ୍କର ହିନ୍ଦୁ ଓ ମୁସଲମାନ ମଧ୍ୟରେ ଏପରି ପାର୍ଥକ୍ୟକରଣର କାରଣ କଅଣ ହୋଇପାରେ । ସାଧାରଣତଃ ଦେଖାଯାଉ ଅଛି ଯେ ଉଚ୍ଚ ସ୍ଥାନମାନଙ୍କରେ ସ୍ୱଦେଶୀ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ଅଛି କିନ୍ତୁ ମୁସଲମାନ ଜାତିଙ୍କ ପ୍ରତି ଏ ପ୍ରକାର ବିଶେଷ ଅନୁଗ୍ରହ ଦର୍ଶାଇବାର ଆବଶ୍ୟକ ହୋଇ ନାହିଁ । ହିନ୍ଦୁ ଓ ମୁସଲମାନଙ୍କୁ ଏକଭାବରେ ଦେଖିଲେ ଗଭର୍ଣ୍ଣମେଣ୍ଟଙ୍କ ସୁବିଚାର ପ୍ରକାଶିତ ହେବ । ସାର ଉଇଲିୟମ ଉଏଡର୍ବର୍ଣ୍ଣ ଏହି ବିଷୟରେ ଭାରତ ସଚିବ ଫାଉଲର ସାହେବଙ୍କୁ ପ୍ରଶ୍ନ କରନ୍ତାରେ ସେ ଉତ୍ତର ଦେବାକୁ ଅସମର୍ଥ ହୋଇଥିଲେ କିନ୍ତୁ ଏ ବିଷୟରେ ଭାରତସଚିବଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତ ହୋଇଛନ୍ତି । ଅମ୍ଭେମାନେ ଆଶା କରୁଁ ଭାରତ ଗଭର୍ଣ୍ଣମେଣ୍ଟ ସବୁ ଜାତିପ୍ରତି ସମାନ ବିଚାର କରିବେ ।

---

ବର୍ଦ୍ଧମାନର ଜଣେ ଧାନେଦିଗୋଷ୍ଠୀ କାର୍ଯ୍ୟ ଅଭାବରେ କଷ୍ଟ ପାଉଥିବା ବିଷୟ ତାଙ୍କ ଶ୍ୱଶୁରଙ୍କୁ ଜଣାଇବାରେ ଶ୍ୱଶୁର ଜାମାତାର ଦୁଃଖ ଦୂରଗର୍ଥେ ତାଙ୍କୁ ଗୋଟିଏ ବ୍ୟବସାୟରେ ନିଯୁକ୍ତ କରିଥିଲେ । ବ୍ୟବସାୟର ଲାଭ ଦୂରେ ଥାଉ ର କେବାକ କଥା କେଉଁ କିନ୍ତୁ ଦୁର୍ଭାଗ୍ୟବଶତ୍ ଜାମାତା ସମୁଦାୟ ମୂଳଧନରୁ ଅନୁଷାକ କରି ଶ୍ୱଶୁରଙ୍କୁ ଠକିଗଲା । କିନ୍ତୁ ଶ୍ୱଶୁର ମଧ୍ୟ ଛାଡ଼ିବା ଲୋକ ନୁହନ୍ତି । ସ୍ୱକୀୟ ସମ୍ପତ୍ତି ଗଲ ଦେଖି ହିନ୍ଦୁ ଓ ଜୁଅର୍ଲିରେ କାର୍ଯ୍ୟ କପଣ ? ସୁତରାଂ ଶ୍ୱଶୁର ସପାରର ତଦ୍ରୂପ ପରଦାଗ କରି ଜାମାତାଙ୍କ ବିରୁଦ୍ଧରେ ମୋକଦ୍ଦମା ଆଣିଥିଲେ । ଜାମାତା ଉଚ୍ଚ ସବଡିଭିଜନାଲ ଅଫିସରଙ୍କ ଦ୍ୱାରା ବିଶ୍ୱାସଘାତକତା ଅପରାଧରେ ଏକବର୍ଷ କଠିନ ପରିଶ୍ରମ ସହ କାରାବାସଦଣ୍ଡ ପ୍ରାପ୍ତ ହେଲେ ଏବଂ ବର୍ତ୍ତମାନ ଜଜସାହେବଙ୍କ ନିକଟରେ ଅପିଲ ଦାଏର କରିଅଛନ୍ତି । ବିଚାରର ଫଳ ପ୍ରକାଶ ପାଇ ନାହିଁ ! ସମସ୍ତ ମଙ୍ଗଳ ବିଧିବାକୁ ଗଲେ କ୍ଷତି ହୁଏ ଏହି [illegible] ଦୃଷ୍ଟା[illegible] କାଳରେ ଦେଖା ଯାଉଅଛି । [illegible]ନ୍ତ ! ଧର୍ମ କି ଲୋପ ହେଲା ?

---

ଲୁଣ ଚୋରାଣ ବନ୍ଦ ହେବାରୁ ଗେଞ୍ଜାମ ସନ୍ନିହିତ ଥାନାଅନ୍ତ ପ୍ରଭୃତି କେତେକ ସ୍ଥାନରେ ପ୍ରଜା କାଟିବା ଅଭାବରେ କଷ୍ଟ । ତହିଁଉପରେ ନିମକ ପୁଲିସ ଅତ୍ୟାଚାର ଅସହ୍ୟ ହୋଇଅଛି । ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ନିମକ କର୍ମଚାରୀମାନେ ଅଧିକ ମୋକଦ୍ଦମା ଚଳାଇ କରି ପାରିଲେ ସୁଖ୍ୟାତି [illegible] ଲାଭ ପାଇବାକୁ ଯୋଗ୍ୟ [illegible] ମାଏବ ମାନଙ୍କୁ ସୁଖ୍ୟାତି [illegible] ଦ୍ୱାରା ବହୁ ସମୟରେ ପ୍ରଜ [illegible]ଭିରେ ଲୁଣି ମାଟି ପକାଇ ଧରନ୍ତି ଓ ସଜାରେ ସେମାନଙ୍କୁ ଧରି ଚାଲାନ ଦଅନ୍ତି । ଅମ୍ଭମାନଙ୍କ ବିବେଚନାରେ ଯେବେ ଲୁଣ ସମ୍ପର୍କୀୟ ମୋକଦ୍ଦମା ବିଚାରକ ମାଜିଷ୍ଟ୍ରେଟମାନେ ନିମକପୁଲିସ ଉପରେ ଅଧିକ ନିର୍ଭର ନ କରି ସତକଥା ବାହାର କରିବା ପ୍ରତି ଅଧିକ ଯତ୍ନବାନ ହେଲେ ଏ ପ୍ରକାର ଅତ୍ୟାଚାର ଅବଶ୍ୟ ଉଠିଯିବ । ସଙ୍କୋପର ଗଭର୍ଣ୍ଣମେଣ୍ଟଙ୍କ ପ୍ରକାଶ୍ୟ ପ୍ରକାଶିତ ହେଲାଥାଏ ଅନୁସାରେ ସାମାନ୍ୟ ପରିମାଣ ଲବଣ ସମ୍ପର୍କୀୟ ମୋକଦ୍ଦମାର ବିଚାର ଡେପୁଟିମାଜିଷ୍ଟ୍ରେଟଙ୍କର ଅଗ୍ରାହ୍ୟ ହେବା ଉଚିତ । କମିଶନରଙ୍କରେ ସରକାର ଅନେକ ଅର୍ଥବ୍ୟୟ କରି ସତର୍କ ଦୃଷ୍ଟି ପାଉ ନାହାନ୍ତି ଅଥଚ ପ୍ରଜାମାନେ ପ୍ରପୀଡ଼ିତ ହେଉ ଅଛନ୍ତି । ଏହି ଦୁଃଖର ବିଷୟ ଅଟଇ ।

---

Digitized by srujanika@gmail.com

Split by PDF Splitter



ଗତ ଶନିବାର ଏ ନଗରରେ ଅକସ୍ମାତ୍ ଝାଉଁବୃଷ୍ଟି ହୋଇଥିଲା । ମେଘ ଯେରୂପ ଅନ୍ଧକାର ହୋଇ ଘୋଟି ଆସିଲା ତହିଁରୁ ତାହା ବହୁଦୂରବ୍ୟାପୀ ବୋଲି ଅନୁମାନ କରା ଯାଇଥିଲା ମାତ୍ର ଫଳରେ ତାହା ଦେଖାଗଲା ନାହିଁ । ମୋଫସଲରେ ଅନେକସ୍ଥାନରେ ଅଦ୍ୟାପି ପ୍ରଚୁର ବୃଷ୍ଟି ହୋଇଥିବାର ସମ୍ବାଦ ଆସି ନାହିଁ । କେବେ ଅଳ୍ପ ଅଳ୍ପ ବୃଷ୍ଟି ହୋଇଥିବାରୁ ତଥାଏ ଛରଛର ହୋଇ ଗାରେ ଗାରେ ଲଙ୍ଗଳ ପକାଇ ସେଚ୍ଛାମତେ ବଦଳ ବୁଣି ଯାଉଅଛନ୍ତି । ଏଥିରେ ଫସଲ ଯେ କିରୂପ ହେବ ତାହା ସହଜରେ ବୁଝାଯାଇ ପାରେ । ଯାହା ହେଉ ଗତ ବୃହସ୍ପତିବାରଠାରୁ ଲଗାଣବୃଷ୍ଟି ଆରମ୍ଭ ହୋଇଅଛି ଏବଂ ବୃଷ୍ଟିର ଗତି ଦେଖି ତାହା ସର୍ବତ୍ର ହୋଇଥିବାର ଅନୁମାନ ହୁଏ । ଏ ବୃଷ୍ଟି ଯୋଗେ ଆଉ କଷ୍ଟ ନ ହେଲେ ସୁଦ୍ଧା ଉତ୍ତମ ଫସଲ ହେବାର ଆଶା ଜାତ ହୋଇଅଛି ଏବଂ ମୂଲିଆ ଓ ଛୋଟ ଛୋଟ ମୂଲ ଲାଗି ଟିକିଏ ନିଶ୍ୱାସମାର ପାଇବେ । ବାସ୍ତବରେ ମୋଫସଲର ଅବସ୍ଥା ନିତାନ୍ତ ମନ୍ଦ । ଅନେକ ଲୋକଙ୍କୁ ଅନ୍ନକଷ୍ଟ ନିତାନ୍ତ ବାଧୁଅଛି ଏବଂ କୌଣସି କୌଣସି ସ୍ଥାନରୁ ଅନାହାରରେ ଲୋକେ ନଷ୍ଟ ହୋଇଥିବାର ମଧ୍ୟ ସମ୍ବାଦ ମିଳଇ । ଗବର୍ଣ୍ଣମେଣ୍ଟ ଲୋକଙ୍କର ଅବସ୍ଥା ବୁଝି ସାହାଯ୍ୟ କରିବାର ଚେଷ୍ଟା କଥା ଥାଉ ଲୋକେ ବରଂ ବନ୍ଦୋବସ୍ତ ଯୋଗୁଁ ଅସ୍ଥିର ଓ କାତର ହୋଇଅଛନ୍ତି ।

---

ରୂପାର ମୂଲ୍ୟ କ୍ରମଶଃ ହ୍ରାସ ହୋଇ ଯାଉଥିବା ଓ ବଟ୍ଟାର ଦର ବଢ଼ି ଯାଉଥିବା ଦୃଷ୍ଟିରେ ଭାରତ ଗବର୍ଣ୍ଣମେଣ୍ଟଙ୍କର ବଡ଼ ଭାବନା ପଡ଼ୁଅଛି । ଆଉ ଟିକିଏ ବଟ୍ଟାର ଦର ବୃଦ୍ଧି ହେଲେ ଭାରତ ଗବର୍ଣ୍ଣମେଣ୍ଟ ଆପଣା ଆୟବ୍ୟୟର ସାମଞ୍ଜସ୍ୟ ରକ୍ଷା କରିବା କାରଣ କିମ ନାଠାରେ ସଞ୍ଚ କରି ତହିଁର ଉତ୍ତର କରିବେ । କଥିତ ହୁଏ ଯେବେ କପା ଉପରେ ଶୁଳ୍କ ବା ମାସୁଲ ବସାଇବାର ପ୍ରସ୍ତାବ ସଭାରେ ଗ୍ରାହ୍ୟ ନ ହୁଏ ତାହା ହେଲେ ଅଗତ୍ୟା ଭାରତବାସିଙ୍କ ଉପରେ ନୂତନ ଟାକ୍ସ ବସାଇବାକୁ ହେବ । ଏ ସମ୍ବାଦ ଯେ କାହାରିକି ସୁଖକର ହେବ ନାହିଁ ବୋଲିବା ଅଧିକ । ଦେଶ ସୁଦ୍ଧା ଲୋକେ ଏବଂ ବିଦେଶୀ ବଣିକ ଲୋକମାନେ କପା ମାସୁଲ ବସାଇବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ସୁଦ୍ଧା ଗବର୍ଣ୍ଣମେଣ୍ଟ ବିଲାତି ବ୍ୟବସାୟିଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ତାହା କଲେ ନାହିଁ ବରଂ ଦେଶ ଲୋକେ ଅନ୍ନକଷ୍ଟରେ ପ୍ରପୀଡ଼ିତ ହେଉଥିବା ସମୟରେ ଦୁର୍ଭିକ୍ଷ ପାଣ୍ଠିରୁ ଖର୍ଚ୍ଚ କରି ଯିବାରେ ସୁଦ୍ଧା କୁଣ୍ଠିତ ହେଲେ ନାହିଁ । ବର୍ତ୍ତମାନ ଭାରତର ସର୍ବତ୍ର ଦୁଃସମୟ ପଡ଼ି ଯାଇଛି । ଅନାବୃଷ୍ଟି ଏବଂ ଅତି ବୃଷ୍ଟିରେ ଲୋକେ ନିତାନ୍ତ କାତର ଅଛନ୍ତି । ଏମନ୍ତ ସମୟରେ ତାହିଁ ଟିକସ ଭାଣ୍ଡା କରିବା ଦ୍ୱାରା ଗବର୍ଣ୍ଣମେଣ୍ଟ ଲୋକଙ୍କୁ ଅସନ୍ତୁଷ୍ଟ କରିବେ ନା ତାହା ନ କରି ଆପଣା ସ୍ୱଜାତିର ସମୃଦ୍ଧିଶାଳୀ ବ୍ୟବସାୟୀଙ୍କ ଅନୁରୋଧ ଓ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଲୋକଙ୍କୁ ଅଧିକ ପୀଡ଼ା ଦେବାକୁ ବସି ଅଛନ୍ତି । ଟେଲଅମୃତରେ ଟେଲ ଉଠା ହେବାର ପର୍ବାରୁ ପ୍ରବାଦ ପ୍ରଚଳିତ ଅଛି ଏବଂ ଦେଶରେ ଟେଲ ଥିଲେ ଗବର୍ଣ୍ଣମେଣ୍ଟ ତାହା ନେଇ ଯାଇ ଢାଳନ୍ତେ ଆମ୍ଭମାନଙ୍କର କୌଣସି ଆପତ୍ତି ନ ଥିଲା । ମାତ୍ର ଗବର୍ଣ୍ଣମେଣ୍ଟ ନିଶ୍ଚୟ ବୁଝିପାରୁ ଅଛନ୍ତି ଦେଶରେ ଆଉ ରସ ନାହିଁ । ଯେତେ ରସ ଟଣା ହେଲାଣି ତହିଁରେ ଅଧେ ରକ୍ତ ବାହାର ଯାଇ ଲୋକଙ୍କୁ ବିଶେଷ ବାଧୁ ଅଛି । ଏଣିକି ଆଉ ଟାଣିଲେ ତାହା ଲୋକଙ୍କର ମୃତ୍ୟୁର କାରଣ ହେବ । ତଥାପି ଯେବେ ଆପଣାଦେଶୀୟ ବ୍ୟବସାୟିଙ୍କ ପାଇଁ ସେ ରସ ସୁଦ୍ଧା ଟାଣିବାକୁ ଗବର୍ଣ୍ଣମେଣ୍ଟ କୃତସଙ୍କଳ୍ପ ହେବେ ତେବେ ନିଶ୍ଚୟ ବୋଲିବାକୁ ହେବ ଯେ ଆମ୍ଭମାନଙ୍କର କପାଳ ନିତାନ୍ତ ମନ୍ଦ ଓ ଉନ୍ନତିର ଆଶା ବୃଥା । ଯେତେବେଳେ ନାନାପ୍ରକାର ବ୍ୟୟ ବନ୍ଦ କରି ଦେଶର ଧନ ବୃଦ୍ଧି କରିବାର ନିତାନ୍ତ ଆବଶ୍ୟକ ହୋଇ ଅଛି ସେତେବେଳେ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ବୃଥା ବର୍ମା ଇତ୍ୟାଦିରେ ଲକ୍ଷ ଲକ୍ଷ ଟଙ୍କା ଅକାତରରେ ଖର୍ଚ୍ଚ କରି ଯାଉ ଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଗବର୍ଣ୍ଣମେଣ୍ଟ ଲୋକମାନଙ୍କର ବର୍ତ୍ତମାନ ଅବସ୍ଥା ଭଲରୂପେ ହୃଦୟଙ୍ଗମ କରି ଏବିଷୟ ବିଚାର କରିବାରେ ଅଗ୍ରସର ହେବେ । ନୋହିଲେ ରକ୍ଷା ନାହିଁ ।

---

### ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

( ପୂର୍ବପ୍ରକାଶିତ ଉତ୍ତାରୁ )

ଏଫ୍, ଏ, ପରୀକ୍ଷା—ଗତବର୍ଷ ପ୍ରାୟ ପଚିଶ ଶତ ଛାତ୍ର ମଧ୍ୟରୁ ନ ୯୨୯ ଜଣ ଏବଂ ତହିଁ ପୂର୍ବବର୍ଷ ନ ୨୮୮୯ ଜଣ ମଧ୍ୟରୁ ନ ୧୧୨୪ ଜଣ ପାସ କରିଥିଲେ । ଏବର୍ଷ ପରୀକ୍ଷାର୍ଥିଙ୍କ ସଂଖ୍ୟା ଅବଶ୍ୟ ଜଣା ନ ପଡ଼ିଲେହେଁ ଗତ ବର୍ଷଠାରୁ ଊଣା ହେବାର ସମ୍ଭବ ନୁହଇ । ମାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ୧ମ ଶ୍ରେଣୀରେ ନ ୪୨ ଜଣ ୨ୟ ଶ୍ରେଣୀରେ ନ ୨୩୪ ଜଣ ଏବଂ ୩ୟ ଶ୍ରେଣୀରେ ନ ୬୫୩ ଜଣ ମୋଟ ନ ୯୨୮ ଜଣ । ଏମନ୍ତେ ଗତବର୍ଷଠାରୁ ଏବର୍ଷର ପାସ ସଂଖ୍ୟା ଗୋଟିଏ ଊଣା ହେଲେହେଁ ଉଭୟ ବର୍ଷର ଫଳ ସମାନ ବୋଲିବାକୁ ହେବ ବିଶେଷତଃ ଗତବର୍ଷ ପରି ଏବର୍ଷ ମଧ୍ୟ ନ ୪୨ ଜଣ ଛାତ୍ର ପ୍ରଥମ ଶ୍ରେଣୀରେ ପାସ କରିଅଛନ୍ତି । ଯୋଗ୍ୟତାନୁସାରେ ଗତବର୍ଷ ହୁଗ୍ଲି କଲେଜ ପ୍ରଥମ ଓ ପ୍ରେସିଡେନ୍ସୀ ୨ୟ ହୋଇଥିଲା । ଏବର୍ଷ ପ୍ରଥମରୁ ଷଷ୍ଠ ପର୍ଯ୍ୟନ୍ତ ସ୍ଥାନ ଏହା ପ୍ରେସିଡେନ୍ସୀ କଲେଜ ଅଧିକାର କରିଅଛି ଏବଂ ହୁଗଲି କଲେଜର ନାମ ଆଦୌ ନାହିଁ । ମେଟ୍ରୋପଲିଟାନ, ଉତ୍ତରପଡ଼ା, ବଙ୍ଗବାସୀ ଓ ସିଟି କଲେଜମାନ ମଧ୍ୟ ଉଚ୍ଚସ୍ଥାନ ପାଇଅଛନ୍ତି । ଗତ ଦୁଇବର୍ଷ ପୂର୍ବେ ଏକ ସହସ୍ରରୁ ଅଧିକ ଛାତ୍ର ପାସ କରିବା ସ୍ଥଳେ ଏଣିକି ଊଣା ପଡ଼ିବା ଉନ୍ନତି ବୋଲଯାଇ ନ ପାରେ । ଯାହା ହେଉ ଏବର୍ଷର ଫଳ ଗତବର୍ଷଠାରୁ ମନ୍ଦ ହୋଇ ନାହିଁ ସୁଖର ବିଷୟ ଅଟଇ । ମାତ୍ର ଏଠା ରେଭେନ୍ସା କଲେଜ ଫଳ ବଡ଼ ଶୋଚନୀୟ ଅଟଇ । ସନ ୧୮୯୧ ସାଲର ନ ୨୮ ଜଣ ମଧ୍ୟରୁ ନ ୧୨ଜଣ ଓ ସନ ୧୮୯୨ ସାଲରେ ନ ୪୨ଜଣ ମଧ୍ୟରୁ ନ ୨୦ଜଣ ଓ ସନ ୧୮୯୩ ସାଲରେ ନ ୪୦ଜଣ ମଧ୍ୟରୁ କେବଳ ନ ୫ ଜଣ ପାସ କରିଥିଲେ । ଏବର୍ଷ ନ ୩୧ ଜଣ ପରୀକ୍ଷା ଦେଇଥିବା ସ୍ଥଳେ ନ ୫ ଜଣରୁ ଅଧିକ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି । ଏମନ୍ତେ ଏବର୍ଷର ପାସସଂଖ୍ୟା ଗତବର୍ଷ ସଙ୍ଗେ ସମାନ ଅଟେ ମାତ୍ର ବିଶେଷ ଏତିକି ଯେ ଗତବର୍ଷ ୧ମ ଶ୍ରେଣୀ ଶୂନ୍ୟ ଓ ୨ୟ ଶ୍ରେଣୀରେ ଏକଜଣ ପାସ କରିଥିଲେ ଏବର୍ଷ ପ୍ରଥମ ଶ୍ରେଣୀରେ ଏକଜଣ ଓ ୨ୟ ଶ୍ରେଣୀରେ ନ ୨ ଜଣ ପାସ କରିଅଛନ୍ତି ଏବଂ ଅବଶିଷ୍ଟ ଦୁଇଜଣର ନାମ ୩ୟ ଶ୍ରେଣୀରେ ଅଛି । ଗୁଣାନୁସାରେ ବହୁତ ତାରତମ୍ୟ ହେଲେହେଁ ଗତବର୍ଷ ପରି ଏବର୍ଷର ଫଳ ମଧ୍ୟ ଅତ୍ୟନ୍ତ ମନ୍ଦ ବୋଲିବାକୁ ହେବ ।

ବି, ଏ, ପରୀକ୍ଷା ଗତବର୍ଷ ପ୍ରାୟ ତେରଶତ ଜଣ ଛାତ୍ର ମଧ୍ୟରୁ ନ ୩୧୨ ଜଣ ଏବଂ ତହିଁ ପୂର୍ବବର୍ଷ ପ୍ରାୟ ସେହି ସଂଖ୍ୟା ଅର୍ଥାତ୍ ନ ୧୨୩୫ ଜଣ ମଧ୍ୟରୁ ନ ୩୦୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଉଭୟ ବର୍ଷରେ ନ ୬୨ ଜଣ

Digitized by srujanika@gmail.com

Split by PDF Splitter



ଲେଖାଁଏ ଅନର୍ ପାସ କରିଥିଲେ । ଏବର୍ଷ ଅନରରେ ଜ ୮୯ ଣ ଏବଂ ସାଧାରଣରେ ଜ ୪୦୮ ଣ ସର୍ବସୁଦ୍ଧା ଜ ୪୯୭ ଣ ପାସ କରିଅଛନ୍ତି । କେତେ ଜଣ ପରୀକ୍ଷା ଦେଇଥିଲେ ଜାଣିପାରି ନାହୁଁ ମାତ୍ର ଗତ ଦୁଇବର୍ଷ ଅପେକ୍ଷା ଏବର୍ଷ ପ୍ରାୟ ଦୁଇଶତ ଅଧିକ ଛାତ୍ର କୃତକାର୍ଯ୍ୟ ହୋଇଥିବାରୁ ଏବର୍ଷର ଫଳ ସନ୍ତୋଷଜନକ ବୋଲିବାକୁ ହେବ । ଦୁଃଖର ବିଷୟ ଯେ ଏଠା ରେଭେନସା କଲେଜ ଏହି ସାଧାରଣ ବୃଦ୍ଧିର କଣିକାମାତ୍ର ଭାଗ ପାଇନାହିଁ । ଗତବର୍ଷ ଏହି କଲେଜରୁ ପରୀକ୍ଷା ଦେଇଥିବା ଜ ୨୦ ଣ ଛାତ୍ର ମଧ୍ୟରୁ କେବଳ ଜ ୨ ଣ ଓ ତହିଁ ପୂର୍ବବର୍ଷ ଜ ୧୯ ଣ ମଧ୍ୟରୁ ଜ ୭ ଣ କୃତକାର୍ଯ୍ୟ ହୋଇଥିଲେ । ଏବର୍ଷ ଜ ୨୫ ଣ ଛାତ୍ର ମଧ୍ୟରୁ ଜ ୭ ଣ ସାଧାରଣ ଧାରାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କ୍ରମାଗତ ଦୁଇବର୍ଷ ହେଲା ଅନର ପରୀକ୍ଷାରେ ଏଠା କଲେଜର ଜଣେ ସୁଦ୍ଧା କୃତକାର୍ଯ୍ୟ ହୋଇନାହିଁ ଅଥବା ପାସ ସଂଖ୍ୟା ଜ ୭ ଣରୁ ଅଧିକ ହୋଇନାହିଁ । ଗତବର୍ଷ ଜ ୨ ଣ ସ୍ଥଳରେ ଏବର୍ଷ ଜ ୭ ଣ ପାସକରିବାର ଦେଖି ଏ ଫଳକୁ କେହି୨ ଭଲ କହୁଥାନ୍ତି । ମାତ୍ର ତହିଁର ପ୍ରକୃତ ଅର୍ଥ ଏହିକି ଯେ ଏବର୍ଷର ଫଳ ଗତବର୍ଷ ଅପେକ୍ଷା ନିତାନ୍ତ ମନ୍ଦ ହୋଇନାହିଁ । ନଚେତ୍ ସାଧାରଣ ଫଳ ଦୃଷ୍ଟିରେ ଏଠାର ଫଳ ନିତାନ୍ତ ମନ୍ଦ ବୋଲିବାକୁ ହେବ । ରେଭେନସା କଲେଜ କ୍ରମାଗତ ଏକପ୍ରକାର ଅଧୋଗତିକି ଯିବା ନିତାନ୍ତ ଶୋଚନୀୟ ଅଟଇ ଏବଂ ଶୀଘ୍ର ଏଥିର ପ୍ରତିକାର ଆବଶ୍ୟକ ।

—○※○—

# ସପ୍ତାହିକ ସମ୍ବାଦ ।

ଶ୍ରୀମାନଙ୍କର ମହାରାଣୀ ଭିକ୍ଟୋରିଆଙ୍କ ପ୍ରପୌତ୍ର ଜାତ ହେବାରୁ ପ୍ରଜାମାନଙ୍କୁ ଅଗାମି ଦିନମାନେ ଉତ୍ସାହିତ କରିବେ ।

ଅଗାମୀ ସୋମବାର ଦିନଠାରୁ ଏଠା କଟକର କଲେଜ ଦିବା ଘ ୧୧ ଟା ଠାରୁ ଅପରାହ୍ଣ ଘ ୫ ଟା ପର୍ଯ୍ୟନ୍ତ ହେବାର ବନ୍ଦୋବସ୍ତ ହୋଇଅଛି । ଅଧ୍ୟାପକ କଲେଜମାନେ ବୋଧ ହୁଏ ଆଗାମୀ ସପ୍ତାହରୁ ସକାଳୁଆ କଲେଜ ହେବାର ସ୍ଥିର ହେବ ।

ଏଠା କେନ୍ଦ୍ରବାଜାର ଓ ମଙ୍ଗଳାବାଗ ସ୍କୁଲମାନ ଗ୍ରୀଷ୍ମାବକାଶ ଛୁଟିରେ ବନ୍ଦହୋଇ ଅଛିରେ ପିଟିଅଛି ।

କୁଳ ନିରଜନିଦାନଶୀଳ ଦେଶୀମାନ ପରିବର ଡାକ୍ତରିଖାନା ସାହେବ ପ୍ରକାଶ କହାଗଲ ହୋଇଅଛନ୍ତି ଓ ... ଦେଶୀୟମାନଙ୍କ ପକ୍ଷର ସେଠାର ଦରଖାସ୍ତ ହେବ ...

ଲେଖିଥିଲ କରୁ ଲୋକଙ୍କ ପାଦାପ୍ରିୟ ଗଞ୍ଜାମରେ ହୋଇଅଛି ।

## ଡିଲ୍‌କଟାର-ଗେଜେଟ୍ ।

ଓଡିଶାର ବନ୍ଦୋବସ୍ତ କମିଶନର ମିଃ ଜନଷ୍ଟ ମତ୍ ଗତ ନଭେମ୍ବର ତା ୧ ରିଖଠାରୁ ଦେଓ୍ୟାନୀ ପର୍ଯ୍ୟନ୍ତ ୬ମ୍ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟରର ପଦରେ ନିଯୁକ୍ତ ହେଲେ ।

ନିମ୍ନଲିଖିତ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟରମାନେ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଜଗତସିଂହପୁରର ମାନେଜର ମିଃ ଜବରର ଅଲ୍ ଇବ୍ରାହିମ ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

କଲକାଷ୍ଟେଟର ମାନେଜର ମିଃ ସର୍ଦ୍ଦାରଓସିଲହୋସେନ ୪ମ ଶ୍ରେଣୀରେ ବାହାଲ ହେଲେ ।

ଭଦ୍ରକର ଜୋଃ ମାଜିଷ୍ଟ୍ରେଟ ଓ ଜୋଃ କଲେକ୍ଟର ବାବୁ ନଗେନ୍ଦ୍ରନାଥ ଘୋଷ ଓ କଟକର ଜୋଃ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ପ୍ରସନ୍ନ କୁମାର ନାୟକ କଟକରେ ନମସ୍କାରେ ଯଥାକ୍ରମେ ୪ମ ଓ ୫ମ ଶ୍ରେଣୀକୁ ଉନ୍ନତ ପଦ ହୋଇଅଛନ୍ତି ।

---

ଗତ ମଙ୍ଗଳବାର ତା ୧୨ ଦିନ ସନ୍ଧ୍ୟାରେ କଟକ ତଟା ପାଇକ ପଡାରେ ଜଣେ ସ୍ତ୍ରୀଲୋକ ଅପଣା ସ୍ୱାମୀକୁ ହାଣି ପକାଇ ଥିବାର ସମ୍ବାଦ ମିଳଇ । ସ୍ତ୍ରୀଲୋକର ସ୍ୱାମୀ ତାହାର ଚରିତ୍ରପ୍ରତି ସନ୍ଦେହକରି ଗାଳିମନ୍ଦ ଦେଉଥିବାରୁ ସ୍ତ୍ରୀଲୋକଟି ଏ କାଣ୍ଡ କରିଅଛି । ପୁଲିସ ଉକ୍ତ ସ୍ତ୍ରୀଲୋକ ଓ ତାହାର ଉପପତି ଦୁହିଁଙ୍କି ଗିରଫ କରିଅଛନ୍ତି । ଉପପତି ମୁକ୍ତିପାଇ ଅଛି ଏବଂ ସ୍ତ୍ରୀଲୋକ ନାମରେ ମୋକଦ୍ଦମା ଚାଲୁଅଛି ।—ଏ ବଡ ଯନ୍ତ୍ରଣାର କଥା ।

କାବୁଲର ଅମୀର ଆଗାମୀ ଗ୍ରୀଷ୍ମ ଅନ୍ତରେ ବିଲାତ ଯାତ୍ରା କରିବାର ସ୍ଥିର କରି ଅଛନ୍ତି । ଯିବା ପୂର୍ବେ ଅମୀର ଭାରତ ରାଜପ୍ରତିନିଧିଙ୍କ ସହିତ ସାକ୍ଷାତ କରିଯିବେ । ଅମୀର ବିଲାତ ଗଲେ ତାଙ୍କୁ ସେଠାରେ ବଡ଼ ସମ୍ମାନ ହେବ । ସେ ପଞ୍ଜାବ ଦେଇ ଯିବେ ।

କଲିକତାଠାରୁ ଅଲିପୁରଠାକୁ କେତେଜଣ କରେଷ୍ଟାବଲ ଓ ଜଣେ ହାବିଲଦାର କଏଦୀ ନେଇ ଯାଉଥିଲେ । ଶିଆଳଦାରେ ରେଲ ଗାଡି ଧରିବା ସମୟରେ ଜଣେ କଏଦୀ ହାବିଲଦାରଙ୍କୁ ପାଣି ପିଇବାକୁ ପ୍ରାର୍ଥନା କରିବାରୁ ହାବିଲଦାର ତାହାର ପ୍ରସ୍ତାବ ଅନୁସାରେ କଏଦୀକୁ ମୁକ୍ତ କରିଲା । ଏଥିରେ ହାବିଲଦାର ଏକ ବେଳକେ ମୋହିତ ହୋଇ ତାହାର ମୁଣ୍ଡରେ ବାଡିରେ ଏମନ୍ତ ଆଘାତ କଲା ଯେ ସେହିଠାରେ ମୃତ୍ୟୁ ହୋଇଗଲା । ହାବିଲଦାରକୁ ଦଣ୍ଡ ମିଳିଲେ ୫ ଶହ ଟଙ୍କା ଜରିମାନା ହୋଇଅଛି ।

ରାଜସ୍ଥାନରେ ଗତ ମଙ୍ଗଳବାର ତା ୨୧ ଦିନ ଅପରାହ୍ଣ ଘ ୩ ଟା ସମୟରେ ଭୂମିକମ୍ପ ଅନୁଭବ ହୋଇଥିବାର ସମ୍ବାଦ ମିଳଇ ।

ଜଣେ ମୁସଲମାନ ରମଣୀ ଅପଣାର ଭ୍ରାତୃଷ୍ପୁତ୍ର ସଙ୍ଗେ ବିବାହରେ ସମ୍ମତ ନଥିବାରୁ ତାଙ୍କ ବିରୁଦ୍ଧରେ ମୋକଦ୍ଦମା କରିଥିଲା । ଉଚ୍ଚ ନ୍ୟାୟାଳୟ ଅଦାଲତରେ ଉକ୍ତ ରମଣୀର ପକ୍ଷରେ ଡିକ୍ରି ହୋଇଅଛି ।—ବାଲ୍ୟବିବାହରେ ଏପରି ଘଟୁଅଛି ।

କୋଷ୍ଟଲର ଜଣେ ଇଷ୍ଟ ମୁତବାର ବିବାହାର୍ଥ ଘାସ୍ତି ଅନୁଷ୍ଠାନ କରୁଥିବା ଅବସ୍ଥାରେ କେତେକ ଲୋକ ୫୦୦୦ ଟଙ୍କା ଚୋରି କରି ନେଲେ । ସେ ୫ ଦିନ ୧୦ ଦିନ ...

ଜଣ୍ୟ ପଟ୍ଟନା ବିବାହ କରିବାକୁ ପ୍ରସ୍ତାବ କଲେ । ସେମାନେ ପ୍ରସ୍ତାବରେ ସମ୍ମତ ହୋଇ ବିବାହକୁ ମନୋନୀତ କରିଲେ ଏବଂ ସେମାନେ କନ୍ୟାର ପୂର୍ବେ ଅନ୍ୟଜଣକ ସହିତ ବିବାହ ସମ୍ବନ୍ଧ ପଡିଥିବା ଓ ସେ ଯେଉଁ କେତେକ ଗୋଲମାଲ ଥିବାରୁ କପୋତର୍ କର କନ୍ୟା ଗ୍ରହଣିବାର ପ୍ରସ୍ତାବ କଲେ । ଏଥିସହିତ ଦିନ୍ୟାର ଜେଲଖାନାରେ ସ୍ତ୍ରୀଲୋକମାନଙ୍କ କୋଠରିରେ ରଖାଇ ଅଛନ୍ତି । କଟକଠାରେ ବଡ ସଙ୍କଟ ଦେଖିଲେ ଯେ କନ୍ୟା ଗାଳିରେ ନାହିଁ । ଏବେକେହେଲେ ଭଲ ଯେ ଲୋକମାନଙ୍କର ପ୍ରତାରଣା ବୁଝିପାରି ତାଙ୍କ ନାମରେ ପୁଲିସରେ ଏତଲା ଦେଇଅଛି ଏବଂ ଅସାମୀମାନଙ୍କ ମଧ୍ୟରୁ ଜଣେ ଧରା ହୋଇ ଅଛି । ଅନ୍ୟ ଦୁଇଜଣ ଅସାମୀଙ୍କର ସନ୍ଧାନ ମିଳି ନାହିଁ ।

ବମ୍ବାଇ ଏବଂ ଉତ୍ତର ପଶ୍ଚିମ ପ୍ରାଦେଶ ଜଇଦଡା ମସ୍‌ଜିଦରେ ଜଣେ ଲୋକ ଗଛରେ କାତୁଅ ଏକ ବାଜ ଲେଖିଥିବା ପତ୍ର ଛାଡି ପୁଲିସ କର୍ତ୍ତୃପକ୍ଷ ହୋଇଅଛନ୍ତି । ଏହି କଥା ମାର୍ଜିତ ଜନାର୍ଦ୍ଦନ ଏହା ପାଇଲେ କୋଣ ଜଣାଯାଏ । ପୁଲିସ ଏ ଲୋକର ଅନୁସନ୍ଧାନ କରି ଅଛନ୍ତି ।

ଫଳଗଛ ଏବଂ ମଣ୍ଡି ଗୋଟାଇବା କାରଣ ଭଣ୍ଡ ସାଧୁମାନେ ହେବ ବାବୁ ଯାଦବଚନ୍ଦ୍ର ବଶିଷ୍ଠଙ୍କୁ ନିଯୁକ୍ତ କରି ଅଛନ୍ତି । ଦେଶୀୟ ଲୋକଙ୍କୁ ଏପ୍ରକାର କର୍ତ୍ତୃତ୍ୱପୋଷକ ସମ୍ମାନିତ କରିବା ବଡ ସୁଖର ବିଷୟ ଅଟଇ ।

କଟକ ସାହୁଦାନରେ ମୁତ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ସ୍ଥାନ ନିରୂପଣ ସମ୍ବନ୍ଧରେ 'ଯେଉଁକାର୍ଯ୍ୟ' ସମ୍ବୋଧନ ରଚନା ଲେଖି ଦେବେ ତାଙ୍କୁ ଉତ୍ତରତାର ଦେଓ୍ୟାନ ଗଲେବେର ଗୋଟିଏ ସୁବର୍ଣ୍ଣ ପଦକ ପୁରସ୍କାର ଦେବେ ବୋଲି ବିଜ୍ଞାପନ ଦେଇ ଅଛନ୍ତି । ସେ ରଚନା କଟକ ସଭାରେ ହେବ ଏବଂ ତହିଁର ଅଗାମି ଜାନୁଆରୀ ମାସ ତା ୩୦ ଖଣ୍ଡ ପର୍ଯ୍ୟନ୍ତ ଦିଆଯିବ ଯାଇଅଛି ।

କାଶ୍ମୀରର ପ୍ରଧାନ କୋଷାଧ୍ୟକ୍ଷ ପଣ୍ଡିତ ଦୟାରାମ ଶ୍ରୀନଗରଠାରେ ଗତମାସ ତା ୨୧ ଦିନରେ ଗୁରୁତର ଅସୁସ୍ଥ ହୋଇଥିବାର ସମ୍ବାଦ ମିଳଇ । କାଶ୍ମୀରଠାରେ ଏହାଙ୍କର ସଙ୍ଗ ଗୁପ୍ତସାକ୍ଷୀ ଦେଇ ଶବଗୃହରେ ବହୁମୂଲ୍ୟ ଶାଲ ଇତ୍ୟାଦି ଅବୃତ ହୋଇ ଶ୍ମଶାନକୁ ନିଆ ହୋଇ ଏବଂ ଏହି କାଠଯୋଗ ଟଙ୍କା, ପଇସା ଓ ଫୁଲ ବୁଣା ଯାଇଥିଲା ।

ଫ୍ରାନ୍ସର ଦକ୍ଷିଣ ପଶ୍ଚିମ କେବୋଲିଅନ ବୋଲାଯାଉଥିବା ସ୍ଥାନ ମଧ୍ୟରୁ କେବଳ ୬ ୫ ଓ ଶତବର୍ଷ ବୟସ୍କ ଲୋକ ମିଳେ । ଏମାନେ ଶତବର୍ଷରୁ ଅଧିକ ବୟସ୍କ ଅଟନ୍ତି ।

ବୁଝେଇର ଏକଜଣକର ଏକ ଘୋଡ଼ାର ଦନ୍ତ ଉଠିଲା ଏବଂ ଅଧିକ କଥା ପ୍ରକାଶିତ ଅଛି । ଜର୍ମ୍ମନମଧ୍ୟରେ ବିବାହ ହୋଇଥିବା ଜ ୨ ଣ ପୁରୁଷ ଭାଇରେ ଭଗ୍ନି ଭ୍ରମ ଦେଖି କରିଲେ ଯେ ସେମାନେ ଏକ ଦମ୍ପତ୍ତି ମଲ୍ଲ ପ୍ରଭୃତି ଲୋକମାନଙ୍କ ଯବକାଳରେ ପ୍ରକ୍ରିୟା ...

ଜଣେ ଲୋକ କହେ ପଶୁଙ୍କରି ଗୋମାଂସଭକ୍ଷ ପ୍ରଭୃତି ଲୋକଙ୍କରେ ୧୦୦୦ ଟାଙ୍କ ଏବଂ ହାତି ପାଇଲେ ବଳଭ୍ରଷ୍ଟ ପ୍ରଭାଉଁବାକୁ ଏକବୋର୍ଡ଼ କୋଳିବେଲିଆ କର୍ଣ୍ଣ ସମୟ ପଡିବ । ଏ ଲୋକର ଏକ କାର୍ଯ୍ୟ ନ ଥିଲା ।

ଜଣେ ଗଣକ କହିଅଛନ୍ତି ଯେ ସମୁଦ୍ରର ଜଳ କ୍ରମେ କମିଯାଉଅଛି ଏବଂ ଦଶ ହାଜ ଓ ବୃଦ୍ଧି ଉତ୍ତାପରେ ସେଥିରେ ପୃଥିବୀ ଗୋଟିଏ ପାଲଟିଯିବ ଯେ ସମସ୍ତ ଜୀବଜନ୍ତୁ ମରିବେ । ପୃଥିବୀ ଉତ୍ତପ୍ତ ହୋଇ ବର୍ଷରେ ଯୋଡ଼ିବ ।—ଏହାଙ୍କ ଗଣନା ଯଥାର୍ଥ ହେଉ ବା ନ ହେଉ ।

Digitized by srujanika@gmail.com

Split by PDF Splitter



ଓଡ଼େଲ ନାମକ ଜଣେ ଗୋରା ସିପାହି ଢାକାପଲଟଣରେ ଗତ ଅପ୍ରେଲମାସ ତା ୧୩ ରିଖରେ ପୁନାଠାରେ ଫାଶି ପାଇଲା । ଅସାମୀ ନିର୍ଭିକଚିତ୍ତରେ ଫାଶିକାଷ୍ଠ ଉପରକୁ ଯାଇ ସେଠାରେ ପହଞ୍ଚ ଦେଖୁଥିବା ସଙ୍ଗି ସିପାହିମାନଙ୍କୁ ସମ୍ବୋଧନ କରି କହିଲା କି ସୁରାପାନ ମୋହର ଏହି ଦୁର୍ଦ୍ଦଶାର କାରଣ ଅଟେ । ମୁଁ ମଦର ପାନକରି ଅନେକ ଅପରାଧ କରିଅଛି ଏବଂ ତହିଁ ପାଇଁ ଆଜି ପ୍ରାଣ ଦେଇ ପ୍ରାୟଶ୍ଚିତ୍ତ କରୁଅଛି । ତୁମ୍ଭେମାନେ ମୋହର ଅବସ୍ଥା ଦେଖି ପ୍ରତିଜ୍ଞା କର ଯେପରି ମଦ ସ୍ପର୍ଶ କରିବ ନାହିଁ । ଏହା କହି ଈଶ୍ବରଙ୍କଠାରେ ପ୍ରାର୍ଥନା ଓ ନିଜପାପ ସକାଶେ ଅନୁତାପ ପ୍ରକାଶ କରି ଫାଶି ଗଲା । ମଦର ସେବନକାରୀମାନେ ଏଥିରୁ କିଛି ଶିକ୍ଷାଲାଭ କରିବେ କି ?

ରଙ୍ଗନଭାଇଓଟିସ କଲେଜର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ଲ୍ଲେସ ଡାର୍ଲିଂ ଆପଣାର କେତେଗୁଡ଼ିଏ ଛାତ୍ରୀଙ୍କି ନେଇ ସମୁଦ୍ର ସ୍ନାନସୁଖ ଭୋଗେଚ୍ଛାରେ ଉକ୍ତ ନଗରରେ ବାସା କରି ରହିଥିଲେ । ଗତ ଅପ୍ରେଲମାସ ତା ୨୯ ରିଖ ପ୍ରାତଃକାଳରେ ଜଣେ ଛାତ୍ରୀ ସ୍ନାନ କରୁ କରୁ ଅଧିକ ପାଣିକୁ ଚାଲିଯିବାରୁ ତାହାକୁ ଉଦ୍ଧାର କରିବା କାରଣ ଶିକ୍ଷୟିତ୍ରୀ ନିଜେ ପାଣିରେ ପଶିଯାଇ ଜଳମଗ୍ନ ହୋଇ ମଲେ ।

ପ୍ରିନ୍ସ ବିଷମାର୍କ ଏକ ସମୟରେ ଜର୍ମାନୀର ପ୍ରଧାନ ମନ୍ତ୍ରୀ ଥିଲେ ଏବଂ ସମସ୍ତ ୟୁରୋପ ଏହାଙ୍କୁ ଶ୍ରେଷ୍ଠ ବୁଦ୍ଧିମାନ୍ ଏବଂ କୌଶଳୀ ବୋଲି ମାନ୍ୟ କରୁଥିଲେ । ବର୍ତ୍ତମାନ ସେ ରାଜକାର୍ଯ୍ୟ ପରିତ୍ୟାଗ କରି ମତ୍ସ୍ୟ କୁକ୍କୁଟ ହଂସ ମୃଗ ପ୍ରଭୃତି ପୋଷିବା ବ୍ୟବସାୟ ଏବଂ କମା କର୍ଣ୍ଣାଙ୍କ ସ୍ଥାପନ ପୂର୍ବକ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଅଛନ୍ତି ।

ଲୁଧିଆନାର ଜଣେ ଡାକ୍ତର କହୁଅଛନ୍ତି "ଚାହା ବ୍ୟବହାର ଦ୍ବାରା ମନୁଷ୍ୟର ଅନେକ ପୀଡ଼ା ହୋଇଥାଏ । ଛାଡ଼ି ଦେଲେ ଅନେକ ରୋଗରୁ ଅବ୍ୟାହତି ମିଳିବ" । ବୋଧହୁଏ ଲୁଷରାଜ୍ୟରେ ଲୁଗା ଠାରୁ ଅଧିକ ହୋଇ ଅଛି ।

## ପୁରୀ-ସମ୍ବାଦ ।

ଏବର୍ଷ ଆଗତ ରଥଯାତ୍ରାରୁ ବଙ୍ଗାଳି ଯାତ୍ରୀସଂଖ୍ୟା ବିଶେଷ ହେବା ବୋଧ ହେଉ ନାହିଁ । କଲେରା ହେତୁ ଯାତ୍ରୀମାନଙ୍କେ ଆସିବାକୁ ଅସ୍ବୀକାର କରିବାରୁ ଅନେକ ଗୁମାସ୍ତା ଫେରି ଆସିଅଛନ୍ତି । ଅତି ଅଳ୍ପ ବଙ୍ଗାଳୀ ଯାତ୍ରୀ ଅତ୍ୟଳ୍ପ ପରିମାଣରେ ଆସିଥିଲେ । ଲୋକେ ପ୍ରତ୍ୟେକ ଯାତ୍ରୀରେ ଏକଟଙ୍କା ହିସାବରେ ଫିସ ଦେଇ ଘରମାନ ପାଣ୍ଡ କରି ଯାତ୍ରୀଙ୍କି ଅପେକ୍ଷା କରୁଅଛନ୍ତି ।

ପୁଲିସ ଇନସ୍ପେକ୍ଟର ବାବୁ ଅବିନାଶଚନ୍ଦ୍ର ଷଷ୍ଠୀ ମାସର ଛୁଟି ନେଇ ଗ୍ରାମକୁ ଯାଇଥିବାରୁ ତାହାଙ୍କ କର୍ମରେ କୋର୍ଟ ଇନସ୍ପେକ୍ଟର ବାବୁ ଶ୍ରୀ ଗଗନଚନ୍ଦ୍ର ବସୁ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି ଏବଂ ଟାଉନ ଥାନାର ସବ ଇନସ୍ପେକ୍ଟର ବାବୁ କୃପାସିନ୍ଧୁ ମହାନ୍ତି ମାସ ୩ ର ଛୁଟି ନେବାରୁ ଉକ୍ତ କର୍ମରେ ବାବୁ ଅଚ୍ୟୁତ ସିଂହ ଏବଂ ବାବୁ ଜଗନ୍ନାଥ ଚକ୍ରବର୍ତ୍ତି ନିଯୁକ୍ତ ହୋଇ ଅଛନ୍ତି । ଚକ୍ରବର୍ତ୍ତି ମହାଶୟ ଜଣେ ନୂତନ ସବ ଇନସ୍ପେକ୍ଟର ପରୀକ୍ଷୋତ୍ତୀର୍ଣ୍ଣ ଅଟନ୍ତି ।

ପ୍ରାୟ ପ୍ରତିବର୍ଷ ଯେପରି ଶ୍ରୀତଲକ୍ଷ୍ମୀ ମନ୍ଦିର ମଫସଲରେ ଦୁର୍ଭିକ୍ଷ ହୁଏ ଏବର୍ଷ ମଧ୍ୟ ସେହିପରି ମଫସଲରେ ଶୁକ୍ରବାର ଏବଂ ସହରରେ ଶନିବାର ଶୀତଲଷଷ୍ଠୀ ଯାତ୍ରା ହୋଇଥିଲା । ମଫସଲର ଅନେକ ସ୍ଥାନରେ ବାଦୀ ବାଣ-ମାନ ହୋଇଥିଲା । ଏଥିନିମନ୍ତେ ତରତଣୀ ସାହି ଯମେଶ୍ବର ମହାଦେବଙ୍କ ବାଣ ବଡ ଭଲ ହୋଇଥିଲା ।

ଗତ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ପ୍ରତ୍ୟହ

ବର୍ଷା ହୋଇଅଛି । ବର୍ଷା ଅଧିକ ହୋଇ ନ ଥିଲେହେଁ ଯାହା ହୋଇଅଛି ତଦ୍ବାରା ମଫସଲ ମାନଙ୍କରେ ହଳ ହୋଇ ବୁଣାବୁଣି ଆରମ୍ଭ ହୋଇଅଛି ଏବଂ ଗ୍ରୀଷ୍ମ ଶାନ୍ତ ହୋଇ ଧରିତ୍ରୀ ଶୀତଳ ହୋଇଅଛି ।

କଟକର ଜମିଦାର ଶ୍ରୀଯୁତ ବାବୁ ବହାଦରଲାଲ ପଣ୍ଡିତଙ୍କର ଅଠରନଳା ନିକଟରେ ଯେଉଁ ଅନ୍ନଛତ୍ର ହୋଇଅଛି ତହିଁର ନିବାସୀ ଅତିଥିମାନଙ୍କ ଖାଦ୍ୟାର୍ଥ ପଣ୍ଡିତ ମହାଶୟ ପ୍ରତ୍ୟହ ଟ ୫ ଙ୍କାର ଅନ୍ନ ମହାପ୍ରସାଦ ବନ୍ଦୋବସ୍ତ କରି ଦେଇ ଅଛନ୍ତି ଏବଂ ଗୋଟିଏ ପୁସ୍ତକଣୀ ଖୋଳା ହେଉଅଛି । ପୁଣ୍ୟକ୍ଷେତ୍ରରେ ଏପରି ଗୋଟିଏ ମହତ କୀର୍ତ୍ତି ସ୍ଥାପନ କରିବାହାରି ପଣ୍ଡିତ ମହାଶୟ ଅକ୍ଷୟ ସୁକୃତୋପଚୟ କରୁଅଛନ୍ତି ।

ଜଗନ୍ନାଥ ସନାତନ ଧର୍ମରକ୍ଷିଣୀ ସଭାର ସମ୍ପାଦକ ବାବୁ ଶିବଚରଣ ମହାନ୍ତିଙ୍କ ଶାରୀରିକ ଅସୁସ୍ଥତା ହେତୁ ସଭାର କାର୍ଯ୍ୟ ସହକାରୀ ସମ୍ପାଦକଙ୍କଦ୍ବାରା ଚଳୁଅଛି ।

କାଲି ଜଳମାନ ମୁହାଣରୁ ବାହାର ହେବାପାଇଁ ମିଉନି-ସିପାଲଟୀ ଏବର୍ଷ ଡାକ୍ତରଖାନା ନିକଟ ବଡ଼ଦାଣ୍ଡ ମଧ୍ୟରେ ଯେଉଁ ପୋଲ ନିର୍ମାଣ କରିଅଛନ୍ତି ତାହା ଉପର ଦେଇ ରଥ ଗଲାବାର ଲୋକେ ଅସୁବିଧା ମଣୁଅଛନ୍ତି । ଉକ୍ତ ପୋଲ ପ୍ରାୟ ହା ୨୫ ତ ଉଚ୍ଚ ହୋଇଥିବାରୁ ରଥ ସେ ତାହା ଉପରେ ସହଜରେ ଯିବ ଏ ବିଷୟରେ ଆମ୍ଭମାନଙ୍କର ଘୋର ସନ୍ଦେହ ଉପସ୍ଥିତ ହୋଇଅଛି ।

ବର୍ଷା ହେବାରୁ ନଗରର ସ୍ବାସ୍ଥ୍ୟ ଭଲ ଅଛି । ଜ୍ବର ଅନେକ ପରିମାଣରେ ଲାଘବ ହୋଇଅଛି । ଇତି ।

## ଯାଜପୁର-ସମ୍ବାଦ ।

ଏଠାକାର ଇଂରାଜୀସ୍କୁଲ ଗ୍ରୀଷ୍ମାବକାଶର ପର ଗତ ଜୁନମାସ ତା ୧୧ ରିଖଠାରୁ ଖୋଲି ତା ୧୧ ଖଠାରୁ ହେଉଅଛି ।

ଏସପ୍ତାହରେ କେତେକ ଅଧିକ ବୃଷ୍ଟି ହୋଇ ଆକାଶ ସର୍ବଦା ମେଘାଚ୍ଛନ୍ନ ହୋଇ ରହୁଅଛି ମଧ୍ୟ ଶୀଘ୍ର ବର୍ଷିଯାଇ ଅଛି ।

ଯାଜପୁର ଥାନାର ସବଇନ୍ସପେକ୍ଟର ବାବୁ ଲକ୍ଷ୍ମୀକାନ୍ତର ନଗଦୀ ଟ ୨।୵ ଟ୍ରେଜେରୀକୁ ଦାଖଲକରିବାନିମନ୍ତେ ଆସି ଟ ୧।୵ ଦାଖଲ କରିଥିଲା ଓ ଅନ୍ୟ ଏକଦଫାରେ କାର୍ଯ୍ୟାଳୟର କାଗଜ ଟ ୦।୵୭ କମ୍ପାରେ ଜମା ନ ଦେଇ (ଏକୁନ ଟ ୧।୵୭) ଆତ୍ମସାତ କରିଥିବା ଅପରାଧରେ ଫୌଜଦାରୀ ସୋପର୍ଦ୍ଦ ହୋଇ ବର୍ତ୍ତମାନ ହାଜତରେ ଅଛି । ସରକାରୀ କର୍ମଚାରୀମାନେ ତହବିଲ ତୋଷରପ ଅପରାଧରେ ପ୍ରତିନିୟତ ଦଣ୍ଡଭୋଗ କରୁଥିବାସ୍ଥଳେ ସେଥି ଶୁଣିସୁଦ୍ଧା ଏପରି କରିବା ନିତାନ୍ତ ବୁଦ୍ଧିହୀନର କାର୍ଯ୍ୟଭିନ୍ନ ଅନ୍ୟକିଛି ନୁହେଁ ।

ଜନକାଗ ପୋଷ୍ଟାଫିସର ଯେଉଁ ବ୍ରଜମୋହନ ଘୋଷ ପୋଷ୍ଟମେନ ମଣିଅର୍ଡ଼ର ଟଙ୍କା ଆତ୍ମସାତ କରିଥିବା ଅପରାଧରେ ଦୌରାସୋପର୍ଦ୍ଦ ହୋଇଥିଲା ଶ୍ରୀଯୁକ୍ତ ସେସନ ଜଜ ସାହେବଙ୍କ ବିଚାରରେ ତାହାର ଛଅବର୍ଷ କାରାଦଣ୍ଡ ଓ ଟ ୩୧ ଙ୍କା ଅର୍ଥଦଣ୍ଡର ଆଦେଶ ହୋଇ ଅଛି ।

ଅଷ୍ଟସ୍ଥାନ ଡକାଏତି ମକଦ୍ଦମାରେ ୭ ୫ ଜଣ ଅସାମୀ ପୁଲିସଙ୍କଦ୍ବାରା ଚାଲାଣ ହୋଇ ବର୍ତ୍ତମାନ ହାଜତାଧୀନରେ ଅଛନ୍ତି ।

ଯାଜପୁର ଠାରୁ ଦଶରଥପୁର ପର୍ଯ୍ୟନ୍ତ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ବ କୂଳରେ ଉକ୍ତପଟ ଉପରେ ମାଟି ପକାଇବାର ପବ୍ଲିକ ଓ୍ବାର୍କସଡିପାର୍ଟମେଣ୍ଟରୁ ମଞ୍ଜୁର ହୋଇ

କାର୍ଯ୍ୟାରମ୍ଭ ହୋଇଥିବାରୁ ବର୍ତ୍ତମାନ ଅଲ୍ପକଷ୍ଟ ସମୟରେ କଡ଼ାଇ କୁଲି ତଦନ୍ତ ମାଟିଖୋଳ ପ୍ରାଣରକ୍ଷା କରୁଅଛନ୍ତି ଏମନ୍ତ କି କଟକ ନିକଟବର୍ତ୍ତି ସ୍ଥାନମାନଙ୍କରୁ କୁଲିମାନେ ଆସି ଏଠାରେ କର୍ଯ୍ୟ କରୁଅଛନ୍ତି ।

ଜେନାପୁର ପବ୍ଲିକ ଓ୍ବର୍କସ ଡିପାର୍ଟମେଣ୍ଟର କେତେକ ଜଣ ଆମଲା ସରକାରୀ କାଠ ପଟା ଓ ଅନ୍ୟାନ୍ୟ କେତେକ ଦ୍ରବ୍ୟ ଆତ୍ମସାତ୍ କରିବା ଅଭିପ୍ରାୟରେ ଆପଣ ଆପଣା ବସା ମଧ୍ୟରେ ରଖି ଥିବାର ଶ୍ରୀଯୁକ୍ତ ଅନରେବଲ ସାହେବ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ କର୍ଣ୍ଣଗୋଚର ହେବାରୁ ସାହେବ ମଫସ୍ବଲ ଯାଇ କେତେକଜଣ ଆମଲାଙ୍କ ବସାରୁ ଉପରୋକ୍ତ ସରକାରୀ ମାଲମାନ ବାହାରକରି ବର୍ତ୍ତମାନ ତଦାରଖ ତଦନ୍ତ କରୁ ଅଛନ୍ତି ଶେଷଫଳ କି ହେବ ଏ ପରେ ପ୍ରକାଶ କରିବୁଁ । ଏପରି ଦଶ ଟଙ୍କାରେ ଭଣ୍ଡାର ନେଉଥିବା ସ୍ଥଳେ ସରକାରୀ ଜିନିଷ ପ୍ରତି ଏତେ ଲୋଭ କାହିଁକି ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ନିମ୍ନଲିଖିତ ବିବରଣକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କରି ଶ୍ରୀକ୍ଷେତ୍ରର ଜନସାଧାରଣଙ୍କୁ ଅଧିକତର କୃତଜ୍ଞତା ପାଶରେ ଆବଦ୍ଧ କରିବେ ।

ଅଦ୍ୟ ଶୁକ୍ରବାର ସନ୍ଧ୍ୟା ଘ ୫ ଟା ସମୟରେ ଜିଲ୍ଲା ସ୍କୁଲରେ ସ୍ବର୍ଗୀୟ ପ୍ରାତଃସ୍ମରଣୀୟ ମହାତ୍ମା ରାୟ ନନ୍ଦକିଶୋର ଦାସ ବାହାଦୂରଙ୍କ ଅକାଳ ବିୟୋଗରେ ବ୍ୟଥିତ ହୋଇ ଜାତୀୟ ଶୋକ-ଚିହ୍ନ ସ୍ବରୂପ ଏଠାକାର ଜନସାଧାରଣ ଏକ ସଭା ଆହ୍ବାନ କରିଥିଲେ ।

ମହାମାନ୍ୟ କର୍ତ୍ତବ୍ୟପରାୟଣ ଶ୍ରୀଯୁତ ଶ୍ରୀ କଲେକ୍ଟର ସାହେବ ସଭାପତିର ଆସନ ଗ୍ରହଣ ପୂର୍ବକ ଏଠାକାର ଲୋକମାନଙ୍କୁ ଅନୁଗୃହୀତ କରିଅଛନ୍ତି ଓ ମୃତ ମହତ ବ୍ୟକ୍ତିମାନଙ୍କପ୍ରତି ଭାଙ୍କର ଓ ଇଂରେଜ ଜାତିର କିପ୍ରକାର ସମ୍ମାନ ଓ ଭକ୍ତି କାର୍ଯ୍ୟଦ୍ବାରା ଏଦେଶ ଲୋକମାନଙ୍କୁ ତାହାର ପରିଚୟ ଦେଇଅଛନ୍ତି । ସାମାନ୍ୟ ବେତନଭୋଗୀ ଡିସ୍ନୀ ଜଣେ ଦେଶୀ ଡେପୁଟୀ କମିଶନରୀ ପଦ ପ୍ରାପ୍ତ ହେବେ ଓ ତାହାଙ୍କ ଅକାଳମୃତ୍ୟୁରେ ସମସ୍ତ ଉତ୍କଳବାସିମାନେ ମର୍ମାହତ ହେବେ ଏହା ଅଳ୍ପ ଗୌରବର ବିଷୟ ନୁହେ ଇତ୍ୟାଦିରୂପେ ମୃଦୁଲଳିତ ସ୍ବରରେ ସଭାପତି ମହାଶୟ ସଭାର କାର୍ଯ୍ୟାରମ୍ଭ ପୂର୍ବକ ବକ୍ତୃତାରେ ଅଦ୍ୟ ଆହୂତ ସଭାର ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ବିଶଦରୂପେ ବ୍ୟାଖ୍ୟ

Digitized by srujanika@gmail.com

ନର ସଭ୍ୟମଣ୍ଡଳୀଙ୍କର ମନକୁ ଏକ ମହାନ୍ ଭବରେ ପୂର୍ଣ୍ଣ କଲେ । ସଭାପତିଙ୍କର ଦର୍ପୋତ୍ଫୁଲ୍ଲିତ ମୃଦୁଗମ୍ଭୀରଭାବ ଦେଖି ଉପସ୍ଥିତ ବ୍ୟକ୍ତିମାତ୍ରକେ ତାହାଙ୍କର କାର୍ଯ୍ୟରେ ଅଧିକତର ବିମୋହିତ ହେଲେ ।

ଅତଃପର ସଭାପତିଙ୍କ ଅନୁରୋଧକ୍ରମେ ବାବୁ ଦିବାକର ଦାସ ପ୍ରସ୍ତାବ କଲେ ଯେ "ସ୍ୱର୍ଗୀୟ ମହାତ୍ମା ରାଏ ନନ୍ଦକିଶୋର ଦାସ ବାହାଦୁରଙ୍କ ଅକାଳବିଚ୍ଛେଦରେ ଏ ସଭା ଯତ୍ପରୋନାସ୍ତି ମର୍ମାହତ ଏବଂ ବିଧବା ପତ୍ନୀ, ପୁତ୍ର କନ୍ୟା ଓ ଆତ୍ମୀୟ ବନ୍ଧୁବାନ୍ଧବମାନଙ୍କର ଆଶ୍ୱାସପ୍ରକାଶେ ଏ ସଭାରୁ ପତ୍ର ଲିଖିତ ହେଉ" ଏହି ପ୍ରସ୍ତାବ କଲାବେଳେ ସେ କରୁଣସ୍ୱରରେ କହିଲେ ସଭ୍ୟମଣ୍ଡଳୀ ଓ ସଭାପତି ମହାଶୟ ଆପଣମାନେ ଜାଣନ୍ତି ଏଠାରେ ଏକତ୍ରିତ ହୋଇଅଛନ୍ତି ଓ ମୁଁ ଜାଣେ ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଅଛି ଏ ବିଷୟ ମୁଁ ମୋର ସାମାନ୍ୟ ବୁଦ୍ଧିଦ୍ୱାରା ପ୍ରକାଶ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଓ ମୋର ନିବେଦନ ଏହି ଯେ ଆପଣମାନେ କଳ୍ପନା ଚିତ୍ରପଟରେ ସେହି ମହାତ୍ମାଙ୍କର ଚିତ୍ର ଅଙ୍କିତ କରିବେ । ବାକ୍ୟବିଶାରଦ କୃତବିଦ୍ୟ ବ୍ୟକ୍ତିମାନେ, ଅସାଧାରଣ ଧୀସମ୍ପନ୍ନ, ଉତ୍କଳାକାଶର ଉଜ୍ଜ୍ୱଳତମ ନକ୍ଷତ୍ର, ଏହି ହତଭାଗ୍ୟ ସମାଜର ଏକମାତ୍ର ଶିରୋମଣି, ଏବଂ ଏହି ପତିତଜାତିର ଏକମାତ୍ର ଗୌରବ ଓ ଅଳଙ୍କାର ସାମଗ୍ରୀର ଅପୂର୍ବ ଇତିହାସ ବ୍ୟାଖ୍ୟା କରନ୍ତୁ । ଜଣେ ସାମାନ୍ୟ କର୍ମଚାରୀ ଯେ କି ଏହି ବିଦ୍ୟାଳୟର ଛାତ୍ର ଓ ପ୍ରଥମେ ଏହି ସ୍କୁଲରେ ଶିକ୍ଷକରୂପେ ନିଯୁକ୍ତ ହୋଇଥିଲେ ସେ ଆଜି ଉତ୍କଳ ଗୌରବର ସ୍ୱରୂପେ ନଭୋମଣ୍ଡଳରେ କିରଣଜାଳ ପ୍ରକାଶ ପୂର୍ବକ ଦେଶବିଦେଶାକାଶକୁ ଜ୍ୟୋତି-ପୂର୍ଣ୍ଣ କରିଅଛନ୍ତି ଏ ଅସାଧାରଣ ଧୀସମ୍ପନ୍ନ କର୍ତ୍ତବ୍ୟପରାୟଣ ମହାତ୍ମାଙ୍କର ଇତିବୃତ୍ତ ଏଠାରେ ବର୍ଣ୍ଣନାକରିବା ମୋର ସାଧ୍ୟାତୀତ ଓ ଉତ୍କଳର ଭବୀ ଇତିହାସ ଏହି ଅପୂର୍ବ ଚରିତ୍ର ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ କରିବ, ଅନ୍ତରେ ସେ ମହାତ୍ମାଙ୍କର ପରଲୋକ ହେବାକୁ ଗଲେ ଇଦାନୀନ୍ତନ ବଙ୍ଗେଶ୍ୱରଙ୍କର ପ୍ରଧାନ ସଚିବଙ୍କର କଥା ମନେ କରନ୍ତୁ ଯେ କି ସ୍ୱର୍ଗୀୟ ମହାତ୍ମାଙ୍କର ମୃତ୍ୟୁର ପର ତାଙ୍କର ଗୁଣ କୀର୍ତ୍ତନକାଳେ କହିଅଛନ୍ତି; ନନ୍ଦକିଶୋର "ଉତ୍କଳର ସୁପ୍ରସିଦ୍ଧ ସନ୍ତାନ ଏବଂ ଯେ କି କର୍ତ୍ତବ୍ୟକାର୍ଯ୍ୟସାଧନରେ ଜୀବନ ଉତ୍ସର୍ଗ କରିଅଛନ୍ତି ।" ଅବଶ୍ୟ ଆପଣମାନେ ପରେ ଶୁଣିବେ ଯେ ରାଏ ବାହାଦୁରଙ୍କ କୀର୍ତ୍ତିକଳାପ ଭାବି ବଂଶାନୁଧରମାନଙ୍କଠାରେ ପରିଚୟ ଦେବା ନିମନ୍ତେ ଓ ଆମ୍ଭେମାନେ ଆମ୍ଭମାନଙ୍କର ଜାତୀୟ କର୍ତ୍ତବ୍ୟ କାର୍ଯ୍ୟ ସାଧନରେ ପରାଙ୍ମୁଖ ନ ଥିଲୁଁ ଏହି ଅଭିଯୋଗରୁ ରକ୍ଷା ପାଇବା ନିମନ୍ତେ ଏସଭା ସର୍ବ ସାଧାରଣଙ୍କୁ ଯଥାସାଧ୍ୟ ଦାନ କରିବା-ନିମନ୍ତେ ଅନୁରୋଧ କରିବେ । ସ୍ମୃତି ଚିହ୍ନଦ୍ୱାରା ନନ୍ଦକିଶୋର ବାବୁଙ୍କର କୀର୍ତ୍ତିସ୍ତମ୍ଭ ସ୍ଥାପନ କଲେ ଆମ୍ଭମାନଙ୍କର ଦେଶର ମଙ୍ଗଳ ସାଧିତ ହୋଇ ପାରେ ମାତ୍ର ମୃତ ମହାତ୍ମା ତାଙ୍କର ନିଜ କୀର୍ତ୍ତିବୃକ୍ଷ ସେ ସ୍ୱୟଂ ରୋପଣ କରି ଯାଇ ଅଛନ୍ତି ତାହାର ପରିଚୟ ଉତ୍କଳର କର୍ତ୍ତବ୍ୟପରାୟଣ ମହାତ୍ମାମାନଙ୍କର ଭାବି ଇତିହାସ ଲେଖକ, ସମାଜସଂସ୍କାରକ, ଏ ହତଭାଗ୍ୟ ଉତ୍କଳ ସମାଜରେ କାରୁଣ୍ୟଗତମାନେ ଶତ୍ରୁଦ୍ୱାରା ଓ ଅର୍ଥାଭାବରେ ନପ୍ରକାର ଦୁଃଖ ଭୋଗ କରନ୍ତି ଏହାର ପର୍ଯ୍ୟାଲୋଚକ ସ୍ୱର୍ଣ୍ଣାକ୍ଷରରେ ଉତ୍କଳ ଇତିହାସରେ ଘୋଷିତ କରିବେ ଶ୍ରୀଯୁକ୍ତ ବାବୁ ମାଗୁଣି-ଦାସ ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କଲେ ଅତଃପର ସଭ୍ୟମଣ୍ଡଳୀଙ୍କ ଦ୍ୱାରା ଏହା ସମର୍ଥିତ ହେଲା ।

ଶ୍ରୀଯୁକ୍ତ ପଣ୍ଡିତ ଦିବ୍ୟଦର ରଥ ଏହି ପ୍ରସ୍ତାବ କଲେକି ମୃତ ମହାତ୍ମାଙ୍କର ସ୍ମରଣ ଚିହ୍ନ ସ୍ଥାପନ କରିବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା ଅବଶ୍ୟ କରାଯାଉ ଏହି ପ୍ରସ୍ତାବକୁ ମେନେଜର ଶ୍ରୀଯୁକ୍ତ ବାବୁ ଯାଦବାନନ୍ଦ ଦାସ ମହାପାତ୍ରଙ୍କ ଅନୁମୋଦନ କଲେ । ସେ କହିଲେ ଆପଣମାନେ ଯେଉଁ ଚିତ୍ର ( ହସ୍ତରେ ପ୍ରାତଃସ୍ମରଣୀୟ ମହାତ୍ମାଙ୍କ ଜନ୍ମସ୍ଥାନରେ ପ୍ରକାଶ ହୋଇଥିବା ପତ୍ରକୁ ଧାରଣ ପୂର୍ବକ ) ସମ୍ମୁଖରେ ଦେଖୁ ଅଛନ୍ତି ତାହା ରୂପରେ ଯେପ୍ରକାର ଗୁଣରେ ସେହିପ୍ରକାର । ଆଜି ଏ ମହାତ୍ମା ସମସ୍ତ ଉତ୍କଳ ଦେଶକୁ ଜାହାଙ୍କି ସମସ୍ତ ଭାରତବର୍ଷକୁ ଶୋକ ସାଗରରେ ନିମଜ୍ଜନ କରି ଶାନ୍ତି ସୁଧା ଭୋଗ କରିବା ନିମନ୍ତେ ସ୍ୱର୍ଗ ଧାମକୁ ପ୍ରସ୍ଥାନ କରି ଅଛନ୍ତି । ସେ ସ୍ୱୟଂ ଡେପୁଟୀ କମିଶନର ଥିଲେ, ଡେପୁଟୀ କଲେକ୍ଟରଙ୍କ ପୁତ୍ର ଓ ପିତା, ତାଙ୍କର ଶ୍ୱଶୁର ଡେପୁଟୀ କଲେକ୍ଟର ଓ ସେ ଡେପୁଟୀ କଲେକ୍ଟରଙ୍କର ଶ୍ୱଶୁର ... ... ... ... ... ... ... .. ... ...

ସେ ଏହିପ୍ରକାର ରାଏ ବାହାଦୁରଙ୍କର ଗୁଣକୀର୍ତ୍ତନ ଏକପାର୍ଶ୍ୱ କରନ୍ତା ଦ୍ୱାରା ଅନେକକ୍ଷଣ ବ୍ୟାପି ସମାପ ନ କରିଥିଲେ ।

ଶେଷରେ ଏହିସଭା ଦ୍ୱାରା ଉକ୍ତ ପ୍ରସ୍ତାବ ସମର୍ଥିତ ହୋଇଥିଲା ।

ବାବୁ ଭବାନୀଶଙ୍କର ଦାସ ଏହି ପ୍ରସ୍ତାବ କଲେ ଯେ ନିମ୍ନଲିଖିତ ବ୍ୟକ୍ତିମାନେ ଏହି ସବକମିଟୀର ମେମ୍ବର ହେଉନ୍ତୁ ଯେଉଁମାନେ କି ଉପରୋକ୍ତ ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରିବେ । ନାମ—

ଶ୍ରୀଯୁକ୍ତ ମେଡେଷ୍ଟ୍ରର ଜନସ ସାହେବ
" ବାବୁ ଯାଦବାନନ୍ଦଦାସ ମହାପାତ୍ର
" " ଜଗବନ୍ଧୁ ପଟ୍ଟନାୟକ
" " ଭଗବତୀଚରଣ ସେନ
" " କପିଳେଶ୍ୱର ମିଶ୍ର
" " ମାଗୁଣି ଦାସ
" " ଦିବାକର ଦାସ

ଉପରୋକ୍ତ ମେମ୍ବରମାନେ ସଭ୍ୟସଂଖ୍ୟା ବୃଦ୍ଧି କରିପାରିବେ । ଏହି ପ୍ରସ୍ତାବ ସଭା ଦ୍ୱାରା ସମର୍ଥିତ ହୋଇଥିଲା ।

ବାବୁ ଯାଦବାନନ୍ଦଦାସ ମହାପାତ୍ର ପ୍ରସ୍ତାବ କଲେ ଯେ ଏହି ସବକମିଟୀ କଟକ ଓ ବାଲେଶ୍ୱରର ସମିତିମାନଙ୍କ ସଙ୍ଗେ ଯୋଗଦାନ କରିବେ ଯେ ପ୍ରକାର କି ଏସଭାର ଉଦ୍ଦେଶ୍ୟ କାର୍ଯ୍ୟରେ ପରିଣତ ହେବ । ଏହି ପ୍ରସ୍ତାବକୁ ବାବୁ କପିଳେଶ୍ୱର ମିଶ୍ର ଅନୁମୋଦନ କଲେ । ଅତଃପର ସଭ୍ୟମଣ୍ଡଳୀଙ୍କ ଦ୍ୱାରା ଏପ୍ରସ୍ତାବ ସମର୍ଥିତ ହେଲା ।

ଅତଃପର ବାବୁ ମଧୁସୂଦନ ଦାସ ଓକିଲ ସଭାପତିଙ୍କୁ ଧନ୍ୟବାଦ ପ୍ରଦାନପୂର୍ବକ ସଭାପତିଙ୍କୁ ଓ ସେ ମୃତ ମହାତ୍ମାଙ୍କର ଜଣେ ପରମବନ୍ଧୁ ଥିବାରୁ ବହୁ ସଭାପତିଙ୍କର ପ୍ରଶଂସା କରିଥିଲେ । ସଭାପତି ମହାଶୟ ଶେଷରେ କହିଲେ ଯେ ତାଙ୍କୁ ଏସ୍ଥଳରେ ସଭାପତି କରିବା ଦ୍ୱାରା ସଭା ତାଙ୍କପ୍ରତି ବିଶେଷ ସମ୍ମାନ ଦେଖାଇ ଅଛନ୍ତି ଓ ତାଙ୍କର ଏକାର୍ଯ୍ୟରେ ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ଶେଷରେ ସଭ୍ୟମଣ୍ଡଳୀ କରତାଳି ଦ୍ୱାରା ସଭାପତିଙ୍କୁ ଧନ୍ୟବାଦ ପ୍ରଦାନ କଲାପରେ ସଭା ଭଙ୍ଗ ହେଲା ।

ତା ୨୫ ଇଏ ମଇ ସନ ୧୮୯୫ ମସିହା } ଶ୍ରୀ—

---

ମୂଲ୍ୟପ୍ରାପ୍ତ ।

| | | |
|---|---|---|
| ବାବୁ ଚନ୍ଦ୍ରଶେଖର ମହାପାତ୍ର | ତେଲେଙ୍ଗା | ୫ ୩୯ |
| ଜଗନ୍ନାଥ କର | କଟକ | ୫ ୧୯ |

Split by PDF Splitter
Digitized by srujanika@gmail.com

| | | |
|---|---|---|
| ,, ଚକ୍ରଧର ମହାନ୍ତି | ଦେଉଗଡ | ଟ ୧୯ |
| ,, ଦୁର୍ଗାପ୍ରସାଦ ଦତ୍ତ | ପୁରୀ | ଟ ୩୯ |
| ,, ଗୋପାଳଚରଣ ଦାସ | ବାଲେଶ୍ୱର | ଟ ୩୯ |
| ,, ନୀଳକଣ୍ଠ ସାମନ୍ତସିଂହାର ଦେଦେଗ | | ଟ ୩୯ |
| ,, ଗୁଜକିଶୋର ଦାସ | କଟକ | ଟ ୩୯ |
| ,, ଯଦୁମଣି ଜେନ | ଚଉଦଙ୍ଗ | ଟ ୬୯ |
| ,, ଯୋଗେଶ୍ୱରଚନ୍ଦ୍ର ଚନ୍ଦ୍ର | କଟକ | ଟ ୩୯ |


# ବିଜ୍ଞାପନ ।

ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ଣ୍ଡ ଯାଏ ପୁସ୍ତକ ଡାକରେ ଯିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ବଙ୍କେଲା } ବାମଣ୍ଡା
ଶ୍ରୀ ଦାଶରଥି ରାଉତ } ସମ୍ବଲପୁର ପୋଃ

ନୋଟିସ ।

କଟକ ଟ୍ରେନିଂ ବା ନର୍ମାଲ ସ୍କୁଲର ପଣ୍ଡିତ-ବିଭାଗରେ ପ୍ରବେଶାର୍ଥୀ ଓ ବୃତ୍ତିଭୋଗୀ ଛାତ୍ରମାନେ ଅପଣା୨ ସାର୍ଟିଫିକଟସହିତ ଜନ୍ମ ସ୍ୱାକ୍ଷରଂ କାରଙ୍କ ସମୀପରେ ଚଳିତମାସ ତା ୨୫ ରଖରେ ବା ତତ୍ପୂର୍ବରେ ଉପସ୍ଥିତ ହୋଇ ଅବେଦନ କରିବେ ।

କଟକ } ମଧୁସୂଦନ ରାଓ
୧୨।୬।୯୪ } ହେଡ୍‌ମାଷ୍ଟର କଟକ ଟ୍ରେନିଂସ୍କୁଲ

NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections ( Minor course 1895 )

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal.

To be had of the Secretary Printing Company Cuttack

# Wanted

A second Master for the Middle Class English School at Dhenkanal on Rs. 30 per mensem. None need apply who is neither a graduate nor an undergraduate. Preference will be given to those who have Experience in teaching.

The selected candidate will be appointed on 6 months probation and he should agree except under circumstances beyond ones own control, to stick to the post at least for 2 years.

Applications will be received up to the 20th instant by the undersigned.

Dhenkanal } Mahammud Ali
The 6th June } Secry.
1894 } *Dhenkanal School Committee*

ଭାରତରେ ନୂତନପ୍ରତିଷ୍ଠା ।

The Ayurvedic medicine manufacturing Company Ld. Kulna, Bengal.

ଦ ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁ ଫ୍ୟାକ୍‌ଚରିଂ କୋମ୍ପାନୀ ଅବ୍ ଇଣ୍ଡିୟା ଲିମିଟେଡ଼ କାଲନା, ବେଙ୍ଗାଲ ।

ବର୍ତ୍ତମାନ ଏହି କୋମ୍ପାନୀ କାଲନା ନଗରରେ ରେଜଷ୍ଟ୍ରିକୃତ କାର୍ଯ୍ୟାଳୟ " ଦ ଆୟୁର୍ବେଦୀ ଫାର୍ମେସି ଅବ୍ ଇଣ୍ଡିୟା " ଖୋଲି ଆୟୁର୍ବେଦୋକ୍ତ ଯାବତୀୟ ତୈଳ,ଘୃତ, ମୋଦକ, ଅରିଷ୍ଟ, ଚୂର୍ଣ୍ଣ ଓ ବଟିକାଦ ଶାସ୍ତ୍ରୀୟ ଔଷଧ ଏବଂ ଶାସ୍ତ୍ରମତ ପରୀକ୍ଷାଦ୍ୱାରା ଅବଧୃତ "ଶୋଧନ କୁନ୍ତଳ" "ଜ୍ୱର-କୁଳାନ୍ତକ ବଟୀ" "ଦନ୍ତସ୍ନାନ ଚୂର୍ଣ୍ଣ " ପ୍ରଭୃତି ବର୍ତ୍ତମାନ ସମୟର ବିଶେଷୋପଯୋଗୀ ଉପକାରୀ ଔଷଧସକଳ ବହୁ ପରିମାଣରେ ପ୍ରସ୍ତୁତ କରି ସଦର ଓ ମଫସଲରେ ବିକ୍ରୟ କରୁଅଛନ୍ତି । ଶାସ୍ତ୍ରୀୟ ଔଷଧର ଶୁଦ୍ଧସାଧନ କରିବା କମ୍ପାନୀର ଉଦ୍ଦେଶ୍ୟ । ସମସ୍ତେ ଚିକିତ୍ସା ଏବଂ ଔଷଧ ବିଷୟରେ ବିବୃତ ରହିଲେ ଉନ୍ନତ ହେବାର କଠିନ । ଏହି ନିମିତ୍ତ କୋମ୍ପାନୀ କେବଳ ଔଷଧ ସମ୍ବନ୍ଧରେ ମନୋଯୋଗୀ ହୋଇ ଅଛନ୍ତି । ଏଥିରେ ଚିକିତ୍ସକ ଓ ଚିକିତ୍ସିତର ବିଶେଷ ଉପକାର ହେବ । ଯେଉଁମାନଙ୍କର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀର ପ୍ରସ୍ତୁତ ଔଷଧ ସେମାନଙ୍କର ନେବା ଉଚିତ ସାଧାରଣଙ୍କ ସୁବିଧା ନିମିତ୍ତ କୋମ୍ପାନୀର ଚିକିତ୍ସାବିଭାଗରୁ ବ୍ୟବସ୍ଥା ମଧ୍ୟ ଦିଆଯାଏ । କୋମ୍ପାନୀର ଔଷଧ ଗ୍ରହଣକଲେ ବିନାମୂଲ୍ୟରେ ବ୍ୟବସ୍ଥା ଦିଆଯାଏ । ବ୍ୟବସ୍ଥାପ୍ରାର୍ଥୀ ସେମାନେ ଅନୁପୂର୍ବିକ ବୃତ୍ତାନ୍ତ ଲେଖି ପଠାଇବେ ।

ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ କୋମ୍ପାନୀର ବିବରଣ ଦିଆଯାଉଥିବା ତାଲିକା ପୁସ୍ତକରୁ ଜଣାଯିବ । ତାଲିକା ପୁସ୍ତକ ଏବଂ ଔଷଧାଦି ନିମିତ୍ତ କୋମ୍ପାନୀର ସେକ୍ରେଟରୀ ଏବଂ ଟ୍ରେଜରରଙ୍କୁ ପତ୍ର ଲେଖିବାକୁ ହେବ ।

# ବିଜ୍ଞାପନ ।

## ଦ୍ୱିଭାଷୀ, ତ୍ରିଭାଷୀ, ତ୍ରିଭାଷୀ

ଅର୍ଥାତ୍ ବଙ୍ଗଳା, ଓଡ଼ିୟା ଓ ଦେବନାଗର ବର୍ଣ୍ଣପରିଚୟ । ଯେଉଁମାନେ ଓଡ଼ିୟା ଜାଣନ୍ତି ସେମାନେ ଏ ପୁସ୍ତକ ପଢ଼ିଲେ ସହଜରେ ବଙ୍ଗଳା ଓ ଦେବନାଗର ଶିଖିପାରିବେ । ପୁସ୍ତକଶେଷରେ ନାଗରୀଅକ୍ଷର ଦିଆ ଯାଇଅଛି । ନୂତନ ସଂସ୍କରଣ । ମୂଲ୍ୟ ଦୁଇଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହୁଏଇ ।

ପ୍ରୟୋଜନୀୟ ପୁସ୍ତକ ।

ବସୂଚିକା ଚିକିତ୍ସା ଓ ପଣକିଆମାଳିକା ଏକ୨ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧାନମାଳା ତିନି୨ ପଇସା ମୂଲ୍ୟରେ ଶବ୍ଦମାଳାର୍ଥ ଦୁଇପଇସ ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ମିଳେ ।

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଷଡାଧିକ ।

ମୂଲ୍ୟ ଟ ୦ ।୵ ତିନିଅଣା ମାତ୍ର ।

ଓଡିୟା ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱର ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୀଘ୍ର ନିଅ ! ନିଅ ! ନିଅ ! !

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଉଣାମୂଲ୍ୟରେ କେତେଦିନ ସକାଶେ ବିକ୍ରୟ, କସ


Split by PDF Splitter

Digitized by srujanika@gmail.com

Split by PDF Splitter



ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେଈ-ରଚିତ ) ଟ° ୯୯

ରସଲେଖା (ଉପେନ୍ଦ୍ରଭଞ୍ଜ ବିରଚିତ) ଟ°।୶

| | |
|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | ଟ ୦ ୶ |
| ଏଜନ ଦ୍ବିତୀୟ ଏଜନ | ଟ ୦ ୶ |
| ଏଜନ ତୃତୀୟ ଏଜନ | ଟ ୦ ୶ |
| ଏଜନ ଚତୁର୍ଥ ଏଜନ | ଟ ୦ ୶ |
| ଶ୍ରୀବତ୍ସଚମ୍ପୂ | ଟ ୦ ୵ |
| କପିଳାସ କ୍ଷେତ୍ର | ଟ ୦ ୵ |

କଟକ ୨୨।୩।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଜୁ-ଲାଇ, ରେସମୀ ଓ ଜେଗର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ତଦ୍ଦ୍ବାରା ଗ୍ରାହକମାନଙ୍କ ପ-କ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୂନାଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାନ୍ଧିଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ତଫସିଲ ।

| ଜିନିଷର ନାମ | | ମୂଲ୍ୟ |
|---|---|---|
| ଅଷ୍ଟମେଷ୍ଟ ପେନସୀଲ | ଗୋ ୧ | ଟ ୦ ।୵ |
| ଲାଲ ଓ ନେଳ ପେନସୀଲ | ଗୋ ୧ | ଟ ୦ ୶୯ |
| ଓଡ଼ିଜ ପେନସୀଲ | ବ ୧ | ଟ ୦ ୷ |
| ନକସା କାଗଜ | ଦ ୧ | ଟ ୦ ୷ |
| ଫୁଲସକେପ୍ କାଗଜ ସରୁଆ | ଦ ୧ | ଟ ୦ ୶୩ |
| ଏଜନ ରୁଲବାଲା | ଦ ୧ | ଟ ୦ ୶୬ |
| ଏଜନ ମୋଟା | ଦ ୧ | ଟ ୦ ୶୩ |
| ଫାଲସିନୋଟପେପର ଓ ଲଫାଫା | ଦ ୧ | ଟ ୨ । |
| ଡାକକାଗଜ ସରୁଆ | ଦ ୧ | ଟ ୦ ୶ |
| ଏଜନ ମଧ୍ୟମ | ଦ ୧ | ଟ ୦ ୵ |
| ଲଫାଫା ସରୁଆ ସ°୧୦୦ଟ୦୶୶ | ଗୋ ୨୫ | ଟ୦୶୩ |
| ଏଜନ ମଧ୍ୟମ ସ୍ବ°୧୦୦ ଟ ୦ ୷ | ଗୋ ୨୫ | ଟ° ୯ |
| ବାଲିକାଗଜ ୧୬ ଫର୍ଦ୍ଦ | ଦ ୧ | ଟ ୦ ୶୩ |
| ସୀବାଳ | ଟୋ ୧ | ଟ ୦ ୬/ |
| ଏଜନ ଖଣ୍ଡି ଏହାକୁ ଅଧ-ଘୋଡ଼ଲ ଜଳରେ ଭିଜାଇ ତୁଳିବଳ ପରେ ଘଷି ଦେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଶିଲ | ଟ ୦ ୶୬ |
| ସୀଲଷ୍ଟ ପେନସୀଲ | ବ ୧ | ଟ ୦ ୷ |
| ରବର | ଖ ୧ | ଟ ୦ ୷୩ |
| ହଂସପକ୍ଷୀ କଲମ | ଗୋ ୨୫ | ଟ ୦ ।୵ |
| ଲୁହା କଲମ (ନବ) ସରୁଆ,ଡ଼ | ୧ | ଟ ୦ ୶ |
| ଏଜନ ମୋଟା | ଡ଼ ୧ | ଟ ୦ ୯ |
| ଏଜନ୍ ବଡ଼ମାଗନକୋନମ | ଗୋ ୧ | ଟ ୦ ୯୬ |
| ବାତଦୁଆତ ଢାକୁଣି ସହିତ (ଚଳଣାବାଲା) | ଗୋ ୧ | ଟ ୦ । |
| ଏଜନ ସାଧାରଣ | ଗୋ ୧ | ଟ ୦୶୬ |
| କଳାଫିତା ସରୁଆ | ଖ ୧ | ଟ ୦୷ |
| ଡୋରସ୍ତାର ଟେଗ ଗୁଛସହିତ | ଗୋ ୧ | ଟ ୦୬୷ |
| ମନିବେଗ | ଗୋ ୧ | ଟ ୦ ୶ |
| ମୁଗୁନିପଥରର ଫୁଲଦାନି ଓ ରୁପୋଲିନକସାବାଲା | ଗୋ ୧ | ଟ ୨ । |
| ଲେଟବେଣ୍ଡର | ଗୋ ୧ | ୪ ୯୯ |
| ମେକସର ଅଏଲ | ଗୋ ୧ | ୪ ୦ ୳ |
| ସାବୁନ ସରୁଆ | ଖ ୧ | ଟ ୦ ୵୯ |
| ଫୁଲଦାନି | ଗୋ ୧ | ୪ ୯୶ |
| ଦେବାଳଗିର ୨ଡାଳଯୁକ୍ତ | ଗୋ ୨ | ଟ ୪; |
| ଏଜନ ଏକଡାଳଆ | ଗୋ ୧ | ଟ ୨ |
| ଷେଜ | ଗୋ ୧ | ଟ ୨ |
| ଅସଷ୍ଟେଟ | ଗୋ ୧ | ଟ ୶ ୬ |
| ତାସ | ବ ୧ | ଟ ୦ ୵୩ |
| ସାନପଗଡ଼ୀ | ଗୋ ୧ | ଟ ୫ ୯ |
| ବନାରସୀ ସସ୍ତ କସ୍ତ | ଖ ୧ | |
| ସେତାର ଏହାକୁ କୌଣସି ସାଦରଙ୍ଗ ଭରି ନଅଁରେ ଭରଲାଇ ଚୋଠା ସ୍ଥରର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ | ଟ ୦ । |

କଟକ ଚୌଧୁରୀ ବଜାର } ଅରବିନ୍ଦ ଦତ୍ତ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ବିତୀୟ ଓ ତୃତୀୟଥର ପ୍ରକାଶ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ପ୍ରକାଶ ନିମନ୍ତେ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୨୯ ସ | ତା ୨୩ ଏଣ ମାହେ ଜୁନ ସନ ୧୮୯୪ ମସିହା । ମୁ । ଓ ୧୧ ଇ ଅଷାଢ଼ ସନ ୧୩୦୧ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସ ୨୫ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୩।

ଭାରତବର୍ଷର ପଶ୍ଚିମ ଉପକୂଳରେ ଅତ୍ୟନ୍ତ ବୃଷ୍ଟି ହେବାର ସରକାରୀ ସମ୍ବାଦ ଆସିଅଛି । ନାନାସ୍ଥାନରେ ବୁଣାବୁଣିକାର୍ଯ୍ୟ ଲାଗିଅଛି ଏବଂ କ୍ଷେତରେ ଥିବା ଫସଲର ଅବସ୍ଥା ଭଲ ହୋଇ ଅଛି ।

---

ଇଷ୍ଟକୋଷ୍ଟ ରେଲବାଟର ଆଉ ଏକଅଂଶ ଅର୍ଥାତ୍ ଯାହା ଭିଜାନଗର ଏବଂ ଶୋଲସମଧରେ ଅବସ୍ଥିତ ତାହା ଆସନ୍ତା ପହିଲାତାରିଖରେ ଫିଟିବାର କଥା ଅଛି । ଶୋଲସ ଗୋଲଗାପାଟନର ଅଳ୍ପଦୂର ଉତ୍ତରରେ ।

---

ଗତପୂର୍ବ ଶୁକ୍ରବାର ମୁସଲମାନମାନଙ୍କ ବକରିଦ ପର୍ବ ହୋଇଥିଲା । ବମ୍ବେଇ, ଏଲାହାବାଦ, ପାଟନା, ରଙ୍ଗୁନ ପ୍ରଭୃତି ସ୍ଥାନରୁ ସମ୍ବାଦ ଆସିଅଛି ଯେ କୌଣସିଠାରେ କିଛି ଗୋଲମାଲ ହୋଇ ନାହିଁ । ସ୍ଥାନୀୟ ହାକିମମାନେ ନିରପେକ୍ଷଭାବରେ କାର୍ଯ୍ୟ କଲେ କେବେ ଗୋଲମାଲ ହେବ ନାହିଁ ।

---

ଦଶପଲ୍ଲା ସମ୍ବନ୍ଧରେ ମାନ୍ୟବର ଲେଫ୍ଟନାଣ୍ଟଙ୍କର ଏହି ଆଦେଶ ହୋଇଅଛି ଯେ ସେଠାରେ ଜଣେ ପୋଲିଟିକଲ ଏଜଣ୍ଟ ନିଯୁକ୍ତ ହେବେ ଏବଂ ତାହାଙ୍କଦ୍ୱାରା ଜମିର ରାଜସ୍ୱ ବନ୍ଦୋବସ୍ତ ହେବ । ଏଥିରୁ ବୋଧ ହୁଏଇ ରଜା ଆପଣାଙ୍କ ନାମଜ ମୋକଦ୍ଦମା ଯେପରି ବୁଝୁଅଛନ୍ତି ସେହିପରି ବୁଝିବେ ମାତ୍ର ପୋଲିଟିକଲ ଏଜଣ୍ଟ ତାହାଙ୍କ କାର୍ଯ୍ୟପ୍ରତି ଦୃଷ୍ଟି ରଖିବେ । ଏ ବନ୍ଦୋବସ୍ତ ମନ୍ଦ ନୁହେ ।

---

ଜୁଲାଇମାସର ମଧ୍ୟଭାଗରେ ଆମ୍ଭମାନଙ୍କ ଧନସଚିବ ଶ୍ରୀଯୁକ୍ତ ୱେଷ୍ଟଲଣ୍ଡ ସାହେବ ବମ୍ବେଇର ଗବର୍ଣ୍ଣର ଲର୍ଡ ହାରିସଙ୍କସଙ୍ଗେ ସାକ୍ଷାତ କରିବା କାରଣ ପୁନାକୁ ଯିବେ ଏବଂ ସେଠାରୁ ବମ୍ବେଇ ନଗରକୁ ଯାଇ ଲୁଗାକଳ କାରଖାନାମାନ ଦେଖିଆସିବେ । କପା ଲୁଗାଉପରେ ମାସୁଲ ବସିବା ପ୍ରସଙ୍ଗ ଉପସ୍ଥିତ ଥିବାରୁ ସେବିଷୟର ତଦନ୍ତ ଆବଶ୍ୟକ ହୋଇଅଛି । ମାତ୍ର ଆଗାମି ବଜେଟ ବାହାରିବା ସମୟ ପୂର୍ବେ ମାସୁଲ ବସିବାର କଥା ନାହିଁ ।

---

ଉଚ୍ଚଶ୍ରେଣୀର କେରାଣୀମାନଙ୍କ ନିଯୋଗ ପ୍ରତିଯୋଗୀ ପରୀକ୍ଷାଦ୍ୱାରା ହୋଇ ଆସୁଥିଲା ଏଣିକି ସେ ନିୟମ ଉଠିଗଲା କାରଣ ପରୀକ୍ଷାଦ୍ୱାରା ଉପଯୁକ୍ତ କରାଣୀ ମିଳିବା ଦୁଷ୍କର ହେଲା । ନିମ୍ନଶ୍ରେଣୀର କିରାଣୀମାନଙ୍କ ମଧ୍ୟରୁ ଉପଯୁକ୍ତ ଲୋକ ପ୍ରାପ୍ତ ନ ହେଲେ ପରୀକ୍ଷାଦ୍ୱାରା ନିଯୋଗ କରାଯିବ । କିନ୍ତୁ ନିମ୍ନବିଭାଗରୁ ଉପଯୁକ୍ତଲୋକ ଗ୍ରହଣ କରିବା ନିମନ୍ତେ ବିଶେଷ ଚେଷ୍ଟା କରା ହେବ । ପ୍ରତିଯୋଗୀ ପରୀକ୍ଷାର ନିୟମ କ୍ରମେ ଶିଥିଳ ହେବାର ଆରମ୍ଭ ହେଉଅଛି ପରା ?

---

ବର୍ତ୍ତମାନ ଏକପ୍ରକାର ସ୍ଥିର ହୋଇଅଛି ଯେ ମାନ୍ୟବର ବଙ୍ଗୀୟ ଲେଫ୍ଟନାଣ୍ଟ ଆସନ୍ତା ମାସ ପହିଲା ତାରିଖରେ ଦାର୍ଜିଲିଂଠାରୁ କଲିକତାକୁ ଶୁଭାଗମନ କରି ବଙ୍ଗୀୟ ବ୍ୟବସ୍ଥାପକସଭାର ଗୋଟିଏ ଅଧିବେଶନ କରାଇବେ ଏବଂ ତହିଁଉତ୍ତାରୁ ଦାର୍ଜିଲିଂକୁ ଫେରିଯିବା ପୂର୍ବରୁ ପୂର୍ବବଙ୍ଗରେ ଗସ୍ତ କରିବେ । ଗସ୍ତର ବିଶେଷ ଅନୁଷ୍ଠାନ ପତ୍ର ଯଥା ସମୟରେ ବାହାରିବା ସମ୍ଭବ ଓ ସ୍ୱାସ୍ଥ୍ୟରକ୍ଷାସମ୍ବନ୍ଧୀୟ ସଫାଇ ନାଳିବିଷୟକ ଆଇନର ପାଣ୍ଡୁଲିପି ଏହି ଅଧିବେଶନରେ ବିବେଚିତ ହେବ ।

—•✻✻✻•—

ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ମୁନସଫମାନଙ୍କୁ ଛୋଟ ଅଦାଲତ ସମ୍ପର୍କୀୟ ମୋକଦ୍ଦମା ଟ ୫୦ଙ୍କା ତାଦାଦ ପର୍ଯ୍ୟନ୍ତ ବୁଝିବାର କ୍ଷମତା ଦିଆଯାଇ ଥିଲା । ଗତ କଲିକତା ଗେଜେଟରେ ଦେଖିଲୁଁ ଯେ ଅନ୍ୟାନ୍ୟ ମୁନସଫଙ୍କ ମଧ୍ୟରେ ଓଡ଼ିଶାର ନିମ୍ନଲିଖିତ ମୁନସଫମାନେ ଟ ୧୦୦ ଙ୍କା ତାଦାଦପର୍ଯ୍ୟନ୍ତ ଛୋଟଅଦାଲତସମ୍ବନ୍ଧୀୟ ମୋକଦ୍ଦମା ବିଚାର କରିବାର କ୍ଷମତା ପାଇଅଛନ୍ତି । ଯଥା, ବାବୁ ଯୋଗେନ୍ଦ୍ରନାଥ ମୁଖୁର୍ଯ୍ୟା କଟକ, ବାବୁ ଅମ୍ବିକାପ୍ରସାଦ ବାଗ୍‌ଚି କେନ୍ଦ୍ରାପଡ଼ା, ବାବୁ ନୃତ୍ୟଗୋପାଲ ସରକାର ଯାଜପୁର ଏବଂ ବାବୁ ବିଧୁଭୂଷଣ ଚକ୍ରବର୍ତ୍ତୀ ବାଲେଶ୍ୱର ।

---

Digitized by srujanika@gmail.com

ବୃଷ୍ଟିର ଅଭାବ ହେତୁ ଏବର୍ଷ କୃଷିକାର୍ଯ୍ୟ ଅନେକ ପଛକୁ ପଡ଼ିଯିବାରୁ ଲୋକଙ୍କର ବଡ଼ ଭାବନା ହୋଇଥିଲା । ଯାହା ହେଉ ଗତ ରଜସଂକ୍ରାନ୍ତି ସମୟରେ ଏ ପ୍ରଦେଶର ସର୍ବତ୍ରରେ ସୁବୃଷ୍ଟି ହେଲା ଏବଂ ସେହି ସମୟରୁ କୃଷିକାର୍ଯ୍ୟ ଯଥାର୍ଥରୂପେ ଆରମ୍ଭ ହୋଇ ଏଥି ମଧ୍ୟରେ ଅଧିକାଂଶ ବିଲ ବୁଣା ଯାଇଅଛି ଏବଂ ମୋଟରେ ଧାନ ଭଲ ହେବାର ଜଣା ଯାଉଅଛି । ଆଉ ଏକସପ୍ତାହ ଯେବେ ମେଘ ସମ୍ପାଳ ଯିବ ତେବେ କୌଣସି ବିଲ ପଡ଼ିଆ ରହିବ ନାହିଁ । ବହୁଦର୍ଶୀ କୃଷକମାନେ ବିବେଚନା କରନ୍ତି କି ଏବର୍ଷ ଯଥା ସମୟରେ ବୃଷ୍ଟି ହୋଇ ନ ଥିଲେହେଁ ଏଣିକି ପାଗ ଭଲ ହେଲେ ଉତ୍ତମ କ୍ଷେତ ହେବ ।

---

ସମ୍ବଲପୁରର ପୁଲିସକାଗଜମାନ ଏଣିକି ଓଡ଼ିଆଭାଷାରେ ଲେଖା ନ ଯାଇ ହିନ୍ଦିଭାଷାରେ ଲେଖାଯିବାର ପ୍ରସ୍ତାବ ହେବାରୁ ସମ୍ବଲପୁରହିତୈଷିଣୀ ଯଥାର୍ଥ କହୁଅଛନ୍ତି କି ଏ ପ୍ରସ୍ତାବ ସମ୍ବଲପୁରରୁ ଓଡ଼ିଆଭାଷା ଉଠାଇଦେବାର ଚେଷ୍ଟାଭିନ୍ନ ଅନ୍ୟ କିଛି ନହେ । ବାସ୍ତବରେ ପୁଲିସକାଗଜମାନ ଦେଶୀୟଭାଷାରେ ଲେଖାହେବାର ନିୟମ ସର୍ବତ୍ରରେ ପ୍ରଚଳିତ ଏବଂ ତାହା ହେବା ଉଚିତ । ସମ୍ବଲପୁର ଭାଷା ଯେସ୍ଥଳେ ଓଡ଼ିଆ ଅଟେ ସେସ୍ଥଳେ ହିନ୍ଦିଭାଷାରେ ପୁଲିସ ତଦାରଖି କାଗଜମାନ ଲେଖାଯିବା ଅନ୍ୟାୟ ଏବଂ ତହିଁରେ ନାନାଭ୍ରମ ଓ ଅସୁବିଧା ଘଟିବାର ସନ୍ଦେହ ନାହିଁ । ସମ୍ବଲପୁରବାସିଙ୍କର ଏହି ସମୟର ଏ ପ୍ରସ୍ତାବର ପ୍ରତିବାଦ କରିବା ଉଚିତ ।

---

ମାହାଙ୍ଗାଚକଲାର କାନଗୋଇ ସେ ଅଞ୍ଚଳରେ ଭୀଷଣ ଅନ୍ନକଷ୍ଟ ହୋଇଥିବା କେତେଲୋକ ଅନାହାରରେ ମରିବାର ରିପୋର୍ଟ କରିବାରୁ ଏଠା ସଦରକାନଗୋଇ ତଦନ୍ତ ନିମନ୍ତେ ପ୍ରେରିତ ହୋଇଥିଲେ । ସେ ରିପୋର୍ଟ କଲେ କି ଅନ୍ନକଷ୍ଟ ହେବା ଯଥାର୍ଥ ମାତ୍ର ଅନାହାରରେ ଯେଉଁମାନେ ମରିବାର କଥିତ ହୁଅଇ ସେମାନେ ରୋଗରେ ମରିଅଛନ୍ତି । ଏଥିପାଇଁ କାନଗୋଇ କମ୍ବସ ଜବାବଦିହରେ ଅସିଅଛି ଏବଂ ବାବୁ ହରେକୃଷ୍ଣ ମହାନ୍ତି ସବଡେପୁଟୀ ତଦନ୍ତ ନିମନ୍ତେ ସେ ଅଞ୍ଚଳକୁ ପ୍ରେରିତ ହୋଇଅଛନ୍ତି । ଭରସା କରୁ ମୃତବ୍ୟକ୍ତିମାନେ ପୀଡ଼ିତ ହେବା ପୂର୍ବରୁ ଉପଯୁକ୍ତ ପ୍ରଚୁର ଆହାର ଏବଂ ପୀଡ଼ିତାବସ୍ଥାରେ ଉପଯୁକ୍ତ ପଥ୍ୟ ପାଇଥିଲେ କି ନା ସବଡେପୁଟୀ ମହାଶୟଙ୍କ ରିପୋର୍ଟରୁ ତାହା ପ୍ରକାଶ ହେବ । ଯେବେ ପ୍ରକୃତରେ ଅଳ୍ପାହାର ବା ସୁଖାଦ୍ୟ ଅଭାବରେ ବାଧ୍ୟ ହୋଇ ରୋଗୋତ୍ପାଦକ ଦ୍ରବ୍ୟ ଆହାରଦ୍ୱାରା ପୀଡ଼ିତ ହୋଇ ମରିଥିବେ ତେବେ ତାହାଙ୍କୁ ଅନ୍ନକଷ୍ଟ ବା ଅନାହାର ମୃତ୍ୟୁ ବିନା ଅନ୍ୟ କି ବୋଲାଯିବ ?

---

ବର୍ତ୍ତମାନ ଏ ଜିଲ୍ଲାର ମୋଫସଲମାନଙ୍କରେ ଏକପ୍ରକାର ଦୁର୍ଭିକ୍ଷ ପଡ଼ିଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଟଙ୍କାକୁ ଚାଉଳ ସେ ୮।୯ ରରୁ ଅଧିକ ମିଳୁ ନାହିଁ ଏବଂ ତାହା ପୁଣି ମିଳିବା କଠିନ । ଅନେକ ଗରିବଲୋକ ଅଲଙ୍କାର ବାସନ ଇତ୍ୟାଦି ବନ୍ଧ ସୁନ୍ଧା ପେଟପୂରା ଆହାର ପାଉ ନାହାନ୍ତି । ସେମାନଙ୍କ ଶୀର୍ଣ୍ଣ କଳେବର ଏବଂ ମଳିନ ମୁଖ ଦେଖିଲେ ମନ ବ୍ୟାକୁଳ ହେଉଅଛି । ଚାଉଳ ଅପ୍ରାପ୍ତ ନାହିଁ ମାତ୍ର କଉଡ଼ି କାହୁଁ ଆସିବ ? ଏଣିକି ବୃଷ୍ଟି ହେବାରୁ ମୂଲ ଲାଗିବାର ସୁବିଧା ହୋଇଅଛି ଏବଂ ଶାଗ ପତ୍ର ମଧ୍ୟ ଜନ୍ମୁଅଛି । ଏଥିରେ କେତେଲୋକ ପ୍ରାଣ ଧାରଣ କରି ପାରିବେ । ଉଚିତ ଆହାର ବିନା ଯେଉଁମାନେ ଅତ୍ୟନ୍ତ ଦୁର୍ବଳ ହୋଇଅଛନ୍ତି ଶାଗ ପତ୍ର ଖାଇ ପୀଡ଼ିତ ହେବାର ଓ କେତେ ମରି ପଡ଼ିବାର ଶଙ୍କା ହେଉଅଛି । ଅନ୍ନକଷ୍ଟ ନାନା ରୋଗର ମୂଳ । ସରକାର ଅନ୍ନକଷ୍ଟ ନିବାରଣ ନିମନ୍ତେ ସର୍ବଦା ଯତ୍ନବାନ୍ ଥିବା ପ୍ରତ୍ୟକ୍ଷେ ଏ ସମୟରେ କୌଣସିଠାରେ କିଛି ଚେଷ୍ଟା ନ କରିବା ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ଦକ୍ଷିଣ ପ୍ରଶାନ୍ତ ମହାସାଗରର ମାର୍କୁଏସ ଓ ସୋସାଇଟି ଦ୍ୱୀପମାନଙ୍କରେ ଉଭୟ ନରନାରୀ ଚିତା କୁଟାଇବାର ପ୍ରଥା ପ୍ରଚଳିତ ଅଛି । ପ୍ରଥମୋକ୍ତ ଦ୍ୱୀପରେ ପୁରୁଷମାନେ ସର୍ବାଙ୍ଗରେ ଚିତା କୁଟାନ୍ତି ଏମନ୍ତ କି ସେମାନଙ୍କର କଣ୍ଟାରଙ୍ଗର ଶରୀର ଗୋଟାପାକ କଳା ହୋଇଯାଏ । ସେଠା ସ୍ତ୍ରୀଲୋକମାନେ ପୁରୁଷଙ୍କ ଅପେକ୍ଷା ଅଳ୍ପ ଚିତା କୁଟାନ୍ତି । ସୋସାଇଟିଦ୍ୱୀପରେ ୧୬ ବର୍ଷ ବୟସରେ ସବୁ ସ୍ତ୍ରୀ ପୁରୁଷଙ୍କର ଚିତା କୁଟାଇବାର ବିଧି ଅଛି । ସାମୋଆ ଏବଂ ଟଙ୍ଗାଦ୍ୱୀପମାନଙ୍କରେ କେବଳ ପୁରୁଷମାନେ ଚିତା କୁଟାନ୍ତି ଏବଂ ଫିଜିଦ୍ୱୀପରେ କେବଳ ସ୍ତ୍ରୀଲୋକମାନେ ଚିତା କୁଟାନ୍ତି । ଏମାନେ ଏକ ମହାସାଗର ଦ୍ୱୀପ ହେଲେହେଁ ଚିତାକୁଟାପ୍ରଥାରେ ଏତେ ପ୍ରଭେଦ ଲକ୍ଷିତ ହୁଅଇ । ଫିଜି ଏବଂ ସାମୋଆ ଦ୍ୱୀପରେ ପ୍ରତ୍ୟେକ ସନ୍ତାନ ଜନ୍ମ ହେଲେ ତହିଁର ନିଦର୍ଶନସ୍ୱରୂପ ମାତାର ହସ୍ତରେ ଚିତା କୁଟାହେବାର ପ୍ରଥା ଅଛି । ସାଣ୍ଡଉଇଚଦ୍ୱୀପରେ ବିଧବାଙ୍କ ଜଙ୍ଘାରେ ସେମାନଙ୍କର ମୃତସ୍ୱାମୀର ନାମ ଚିତା କୁଟା ହୁଅଇ । ବ୍ରହ୍ମଦେଶରେ ଜାନୁରେ ଚିତା କୁଟା ହେବାର ପ୍ରଥା ଅଛି ଏବଂ ଜାପାନ ଦେଶରେ ଥରେ ଚିତା କୁଟା ପ୍ରଥା ଏତେ ଅଧିକ ହୋଇ ଯାଇଥିଲା ଯେ ତାହା ନିବାରଣ କରଣାର୍ଥ ଆଇନ ସୃଷ୍ଟି ହେଲା ।

---

ଅସେସର ହେବା ବଡ଼ ଶକ୍ତ ବେଠି । କୌଣସି କାର୍ଯ୍ୟବଶତଃ ଅଥବା ପୀଡ଼ାବଶତଃ ଅଫିସରେ ହାଜର ନ ହେଲେ ଅର୍ଥଦଣ୍ଡରୁ ଅବ୍ୟାହତି ନାହିଁ । ନିଜକାର୍ଯ୍ୟ ଉପେକ୍ଷିତ ହୋଇ ଯାଉ ମାତ୍ର ପୀଡ଼ାବଶତଃ ଉପସ୍ଥିତ ହୋଇ ନ ପାରିବା ଅପରାଧ । ସମ୍ପ୍ରତି ଏକଜଣ ଅସେସର ମୋଫସଲରେ ପୀଡ଼ିତ ହୋଇ ଜଣେ ମୋଫସଲ ଡାକ୍ତରର ସାର୍ଟିଫିକଟ ସହିତ ଅରଜ କଲେ । ଜଜ ସାହେବଙ୍କ ବିଚାରରେ ଉକ୍ତ ସାର୍ଟିଫିକଟ ସରକାରୀ ଡାକ୍ତରଙ୍କ ସାର୍ଟିଫିକଟ ନ ଥିବାରୁ ତାହା ଅଗ୍ରାହ୍ୟ ହୋଇ ଅସେସର ଦଣ୍ଡିତ ହୋଇଥିଲେ । ଅଗତ୍ୟା ହାଇକୋର୍ଟରେ ଅପିଲ ଦାଏର ହେଲା । ସୁଦକ୍ଷ ସାଧୁ ବିଚାରକଗଣ ସ୍ଥିର କଲେ ମୋଫସଲରେ ଗବର୍ଣ୍ଣମେଣ୍ଟ ଡାକ୍ତରଦ୍ୱାରା ପରୀକ୍ଷିତ ହେବା ଅସମ୍ଭବ ଅତଏବ ଜଜ ସାହେବ ଏହାଙ୍କ ବେସରକାରୀ ଡାକ୍ତର ସାର୍ଟିଫିକଟକୁ ଗ୍ରାହ୍ୟ କରିବାର ଉଚିତ ଥିଲା । ଅସେସର ବାବୁ ଅନୁଗ୍ରହିତ ହୋଇ ପରିଶେଷରେ ଦଣ୍ଡରୁ ମୁକ୍ତିଲାଭ କଲେ । ଜଜମାନେ ଟିକିଏ ସୁବିବେଚନା ପୂର୍ବକ ବିଚାର କରୁଥିଲେ ଏପରି ଘଟଣା ନାହିଁ । ଭରସା କରୁ ସେମାନେ ଏହି ବିଚାରଦ୍ୱାରା ଶିକ୍ଷା ପାଇବେ । ଅସେସର କାର୍ଯ୍ୟଟି ଅବୈତନିକ ସେଥି ଉପରେ ଏତେ କଠିନ ବ୍ୟବସ୍ଥା କରିବା ନିତାନ୍ତ ଅନ୍ୟାୟ ।

---

### ମୌସୁମିବୃଷ୍ଟିର ଫଳାଫଳ ।

ଏବର୍ଷର ବର୍ଷାଋତୁରେ ଭାରତବର୍ଷର ଉତ୍ତର ପ୍ରଦେଶରେ କିପ୍ରକାର ବୃଷ୍ଟି ହେବ ତାହା

Split by PDF Splitter
Digitized by srujanika@gmail.com

Split by PDF Splitter



ସରକାରୀ ଋତୁପରୀକ୍ଷକ ଶ୍ରୀଯୁକ୍ତ ଇଲିୟଟ ସାହେବ ଗତ ଶୀତ ଏବଂ ଗ୍ରୀଷ୍ମକାଳର ଅବସ୍ଥା ଏବଂ ପୂର୍ବ୨ ବର୍ଷମାନଙ୍କର ଅବସ୍ଥା ବିବେଚନା କରି ନିମ୍ନଲିଖିତରୂପେ ସ୍ଥିର କରି ଅଛନ୍ତି ।

ବମ୍ବେଇ ଉପକୂଳର ବୃଷ୍ଟିକାଳ ଜୁନମାସର ୨ୟ ସପ୍ତାହରେ ଆରମ୍ଭ ହେବ ମାତ୍ର ତହିଁର ବଳ ସେ ମାସରେ ଊଣା ହେବ ।

ବଙ୍ଗସାଗରର ମୌସୁମୀବୃଷ୍ଟି ନିୟମିତ କାଳରେ ଆରମ୍ଭ ହେବ ଏବଂ ଏଥିର ବଳ ସାଧାରଣ ବର୍ଷପ୍ରାୟ ହେବ ।

ଅତଏବ ବଙ୍ଗପ୍ରଦେଶର ଆସାମ ପୂର୍ବ ଓ ଉତ୍ତର ବଙ୍ଗ ଏବଂ ବିହାରରେ ସାଧାରଣ ବରଂ ପ୍ରଚୁର ବୃଷ୍ଟି ହେବ ଏବଂ ପଶ୍ଚିମବଙ୍ଗ, ଛୋଟନାଗପୁର ଏବଂ ଓଡ଼ିଶାରେ ସାଧାରଣ ଅଥବା ତହିଁରୁ କିଞ୍ଚିତ ଊଣା ହେବ । ବ୍ରହ୍ମାରେ ମଧ୍ୟ ସାଧାରଣରୁ ଅଧିକ ନ ହୋଇ ବରଂ ଊଣା ହେବ ।

ଉତ୍ତରପଶ୍ଚିମ, ପଞ୍ଜାବ, ବିରାର, ମଧ୍ୟପ୍ରଦେଶ ବମ୍ବାଇ, ଦକ୍ଷିଣପ୍ରଦେଶ ଏବଂ ହାଇଦରାବାଦରେ ଉତ୍ତମ ବୃଷ୍ଟି ହେବ । ଏଥି ମଧ୍ୟରେ ବରାରର ଅବସ୍ଥା ଅଧିକ ଅନୁକୂଳ ଜଣାଯାଏ । ପଶ୍ଚାନ୍ତରେ ସିନ୍ଧୁ, କଚ୍ଛ, କାଟେୱାର ଏବଂ ରାଜପୁତାନା ପ୍ରଦେଶ ମାନଙ୍କରେ ଊଣା ବୃଷ୍ଟି ହେବ । କେବଳ ରାଜପୁତାନାର ପୂର୍ବାଞ୍ଚଳରେ ସାଧାରଣ ବୃଷ୍ଟି ହେବାର କେତେକ ସମ୍ଭାବନା ଅଛି ।

ଦକ୍ଷିଣ ଭାରତବର୍ଷ ଏବଂ କାର୍ଣ୍ଣାଟିକ ପ୍ରଦେଶରେ ଭଲ ବୃଷ୍ଟି ହେବାର ଆଶା ନାହିଁ । ଉପରଲିଖିତ ଫଳାଫଳରୁ ଆଶା ହେଉଅଛି ଯେ ଭାରତର ଅଧିକାଂଶ ସ୍ଥଳରେ ଏବର୍ଷ ସୁଫଳକ ହେବାର ଆଶା ଅଛି ଏବଂ ବଙ୍ଗଳା ବିହାର ଓଡ଼ିଶା ପ୍ରଭୃତି ତହିଁର ଅନ୍ତର୍ଗତ ଅଟଇ । ଇଲିୟଟ ସାହେବ ଏକଥା ମଧ୍ୟ କହିଅଛନ୍ତି କି ଜୁନମାସରେ ବୃଷ୍ଟିର ବଳ ଊଣା ହେବ ମାତ୍ର ଜୁଲାଇ ଏବଂ ଅଗଷ୍ଟ ମାସରେ ପ୍ରଚୁର ବୃଷ୍ଟି ହେବାର ସମସ୍ତ ଲକ୍ଷଣ ଜଣାଯାଉଅଛି । ସେପ୍ଟମ୍ବର ମାସ ଶେଷ ଏବଂ ଅକ୍ଟୋବର ମାସ ଆରମ୍ଭରେ କପରି ବୃଷ୍ଟି ହେବ ସାହେବ ମହୋଦୟ ପ୍ରକାଶ କରି ନାହାନ୍ତି କିନ୍ତୁ ଫସଲ ପକ୍ଷରେ ଏହି ସମୟର ବୃଷ୍ଟି ଅତ୍ୟନ୍ତ ପ୍ରୟୋଜନୀୟ । ଆଶ୍ୱିନ କାର୍ତ୍ତିକରେ ବୃଷ୍ଟି ନ ହେଲେ ସମସ୍ତ ବିଫଳ ହେବ । ଭରସା ହୁଅଇ ଗତବର୍ଷ କଷ୍ଟ ହେଲା ହେତୁରୁ ଏଥର ଦୈବ ଅନୁକୂଳ ହେବ । ବଙ୍ଗଳା ଓଡିଶାର ପାଞ୍ଜିରେ ମଧ୍ୟ ଏବର୍ଷ ସୁଫଳକ ଲେଖା ଯାଇଅଛି ।

ଫଳରେ ତାହା ଦେଖାଗଲେ ବଡ଼ ସୁଖର ବିଷୟ ହେବ ।

ଏଥିହିସାବରୁ ଦେଖା ଯାଉଅଛି କି ଗତ ତିନଦିନଠାରୁ ଯେପରି ବୃଷ୍ଟି ହେଉଅଛି ତହିଁରେ ଏହି ଜୁନମାସରେ ଅଳ୍ପ ବୃଷ୍ଟି ହେବା କଥା ପ୍ରାୟ ଘଟଣା ହେବ ନାହିଁ ଏବଂ ବର୍ତ୍ତମାନ ପରି ଏମାସ ଶେଷ ପର୍ଯ୍ୟନ୍ତ ଜଳ ଢାଳିଲେ ଅନେକ ଜମି ପଡ଼ିଆ ରହିଯିବ ଅଥବା ତାହା ସବୁ ପଛକୁ ଆବାଦ କରିବାରେ ଲୋକେ ଭାରାକ୍ରାନ୍ତ ହେବେ । ଫଳତଃ ଋତୁପରୀକ୍ଷକଙ୍କ ପ୍ରଥମ ଗଣନାଟି ନ ଫଳିଲେ ଆଗାମି ମାସମାନଙ୍କର ଫଳାଫଳ ଉପରେ ନିର୍ଭର କରି ଲୋକେ ନିଶ୍ଚିନ୍ତ ହୋଇ ପାରିବେ ନାହିଁ ।

---

## ଲାଟବନ୍ଦି ଆଇନର ପାଣ୍ଡୁଲିପି ।

ବର୍ତ୍ତମାନ ନିୟମରେ କୌଣସି ଜମିଦାରୀର ରାଜସ୍ୱ ଆଦାୟରେ ତ୍ରୁଟି ହେଲେ ସେ ଜମିଦାରୀ ଲାଟବନ୍ଦିବାକି ଫର୍ଦ୍ଦରେ ଚଢ଼ି ନିଲାମ ହେବ ଏବଂ ସେହି ନିଲାମରେ ଯେ ବ୍ୟକ୍ତି କ୍ରୟ କରିବ ତାହାର ସତ୍ୱ ଅନ୍ୟାନ୍ୟ ନିଲାମ ଖରିଦ ଅପେକ୍ଷା ଦୃଢ଼ତର ହେବ ଏହି ବ୍ୟବସ୍ଥା ପ୍ରାୟ ଏକଶତ ବର୍ଷରୁ ବିଧିବଦ୍ଧ ହୋଇ ଏ ପର୍ଯ୍ୟନ୍ତ ଚଳି ଆସୁଅଛି । ଏହି ମୂଳ ବ୍ୟବସ୍ଥା ଦୀର୍ଘକାଳର ହେଲେହେଁ ଏବିଷୟକ ଆଇନ ସମୟ୨ରେ ପ୍ରୟୋଜନମତେ ପରିବର୍ତ୍ତିତ ହୋଇ ଆସୁଅଛି । ଏ ସମ୍ବନ୍ଧରେ ବର୍ତ୍ତମାନ ଯେଉଁ ଆଇନ ପ୍ରଚଳିତ ଅଛି ତାହାର ନାମ ସନ ୧୮୫୯ ସାଲର ଅ୧୧ ଆଇନ ମାତ୍ର ଏ ଆଇନର ମଧ୍ୟ ଅନେକ ଅଂଶିକ ସଂଶୋଧନ ନିମନ୍ତେ ଆଉ କେତେକ ଖଣ୍ଡ ଆଇନ ଜାରି ହୋଇଅଛି । ରାଜସ୍ୱ ନିଲାମସମ୍ବନ୍ଧୀୟ ସମସ୍ତ ବିଧାନ ଗୋଟିଏ ଆଇନରେ ଏକତ୍ରିତ କରି ଅନ୍ୟ ଆଇନ ସମସ୍ତ ରହିତ କରିବା ଏବଂ ନିଲାମପଟିତ ଅନିଷ୍ଟପ୍ରଥା ନିବାରଣ କରିବା ଉଦ୍ଦେଶରେ ଗୋଟିଏ ନୂତନ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ବଙ୍ଗୀୟ ଛୋଟଲାଟଙ୍କ ବ୍ୟବସ୍ଥାପକସଭାରେ ଉପସ୍ଥିତ ହୋଇ ବିବେଚନା ସକାଶେ ବିଶେଷକମିଟୀଙ୍କୁ ଅର୍ପିତ ହୋଇଅଛି ।

ପ୍ରସ୍ତାବିତ ଆଇନର ପ୍ରଧାନ ବିଧିଗୁଡିକ ଏହିକି ରାଜସ୍ୱ ବାକି ସକାଶେ କୌଣସି ମହାଲ ଲାଟରେ ଚଢିଲେ ନିଲାମ ସକାଶେ ଯେଉଁ ତାରିଖ ଧାର୍ଯ୍ୟ ହେବ ତହିଁର ସମ୍ବାଦ ପୂର୍ବରୁ ଜମିଦାରଙ୍କୁ ଦିଆଯିବ । ତହିଁରେ ବାକିର ପରିମାଣ ଲେଖା ଯିବ ନାହିଁ କେବଳ ନିଲାମର ତାରିଖ ଲେଖାଥିବ ଯେ ଜମିଦାର ଇଚ୍ଛା କଲେ ନିଲାମ ସମୟରେ ଉପସ୍ଥିତ ହୋଇ ପାରିବ ଏବଂ ଉଚିତ ମୂଲ୍ୟରେ ନିଲାମ ହେବାପ୍ରତି ସତର୍କ ହେବ । ଲାଟରେ ଚଢିବା କୌଣସି ମହାଲକୁ ନିଲାମରୁ ମୁକ୍ତ ହେବାର ଅଧିକାର କଲେକ୍ଟରମାନଙ୍କର ବର୍ତ୍ତମାନପରି ସ୍ୱେଚ୍ଛାଧୀନ ରହିବ ନାହିଁ । ସ୍ୱେଚ୍ଛାଧୀନ ଅଧିକାର ବ୍ୟବହାର କରିବାରେ ସମୟ୨ରେ ଭ୍ରମ ଘଟଇ ଏବଂ ତହିଁପାଇଁ ବେଳେ୨ କଲେକ୍ଟରମାନେ ଉପରସ୍ଥ ହାକିମଙ୍କଠାରୁ ତିରସ୍କାର ବା ସତର୍କ ହେବାର ଆଦେଶ ପ୍ରାପ୍ତ ହୁଅନ୍ତି । ଏହି ହେତୁ କଲେକ୍ଟରଙ୍କ ସ୍ୱେଚ୍ଛାଧୀନ ଅଧିକାର ରହିତ କରି ଆଇନଦ୍ୱାରା ସେମାନଙ୍କର ଅଧିକାର ନିଷ୍ପନ୍ନ କରି ଦିଆଯାଇଅଛି ଅର୍ଥାତ୍ ପ୍ରସ୍ତାବିତ ଆଇନରେ ବିଧି ହୋଇଅଛି କି ଲାଟବନ୍ଦିରେ ବାକି ପଡଥିବା ମହାଲ ଯେଉଁ ତାରିଖରେ ନିଲାମ ହେବ ତହିଁର ଦ ୭ ଦ ପୂର୍ବରୁ ଯେବେ ସେ ମହାଲର ଜମିଦାର ସରକାରଙ୍କର ପାଉଣା ସମସ୍ତ ବାକି ଟଙ୍କା ଓ ତହିଁର ସୁଧ ବାର୍ଷିକ ଶତକଡ଼ା ୭ ଟଙ୍କା ଲେଖାଏଁ ଏବଂ ତଦତିରିକ୍ତ ଅର୍ଥଦଣ୍ଡ ସ୍ୱରୂପ ବାକି ରାଜସ୍ୱର ଏକ ଦଶମାଂଶ ଟଙ୍କା ଦାଖଲ କରିବ ତେବେ ସେ ମହାଲ ନିଲାମରୁ ମୁକ୍ତି ପାଇବ । ଏହିପରି ନିଲାମ ତାରିଖର ପୂର୍ବ ଦ ୭ ଦ ମଧ୍ୟରେ କେହି ଜମିଦାର ବାକି ଟଙ୍କା ଏବଂ ଉପରଲିଖିତ ପ୍ରମାଣେ ସୁଧ ଉପରେ ବାକି ଟଙ୍କାର ଏକପଞ୍ଚମାଂଶ ଅର୍ଥ ଦଣ୍ଡ ଦେବ ତେବେ ତାହାର ଜମିଦାରୀ ମଧ୍ୟ ନିଲାମରୁ ଛଡ଼ ପାଇବ ମାତ୍ର ନିଲାମ ତାରିଖରେ କୌଣସିମତେ କଛି ଟଙ୍କା ନିଆ ଯିବ ନାହିଁ ଏବଂ ବାକି ପଡିବା ମହାଲ ନିଶ୍ଚୟ ସେ ଦିନ ନିଲାମ ହେବ । କୌଣସି ସ୍ଥଳରେ ଏକଟଙ୍କାରୁ ଊଣା ସୁଧ କିମ୍ବା ଅର୍ଥଦଣ୍ଡ ନିଆଯିବ ନାହିଁ ଏବଂ ବାକି ରାଜସ୍ୱର ପରିମାଣ ପାଞ୍ଚହଜାର ଟଙ୍କାରୁ ଅଧିକ ହେଲେ ପ୍ରଥମ ସ୍ଥଳେ ପାଞ୍ଚହଜାର ଟଙ୍କା ନିମନ୍ତେ ପାଞ୍ଚଶତଟଙ୍କା ଏବଂ ଅବଶିଷ୍ଟ ଟଙ୍କାର ଭା ୨୦ ଗର ଏକଭାଗ ଏବଂ ଦ୍ୱିତୀୟ ସ୍ଥଳେ ପାଞ୍ଚହଜାର ଟଙ୍କା ସକାଶେ ଏକହଜାର ଟଙ୍କା ଏବଂ ଅବଶିଷ୍ଟ ଟଙ୍କା ସକାଶେ ତହିଁର ଦଶଭାଗର ଏକ ଭାଗ ଅର୍ଥଦଣ୍ଡ ନିଆଯିବ । ନିଲାମ ରହିତ କରିବାକାରଣ କଲେକ୍ଟରଙ୍କ ଆଦେଶ ବିରୁଦ୍ଧରେ କମିଶନର ଏବଂ ରେଭିନ୍ୟୁବୋର୍ଡଙ୍କଠାରେ

Digitized by srujanika@gmail.com

ଅଟିଲ ହୋଇ ପାରିବ ମାତ୍ର ଦେଓ୍ୟାନୀ ଅଦାଲତରେ ନାଲିସ ହୋଇ ପାରିବ ନାହିଁ । ଏ ପର ଯେ କେହି ନିଲାମ ରହିତ କରିବାକୁ ଆବେଦନ କରିବ ସେ ଅଗ୍ରେ ନିଲାମ ବାବତ ବ.କୀ ରାଜସ୍ୱ ଟଙ୍କା ଓ ଖରଚର ଅତିରିକ୍ତ ନିଲାମ ଖରିଦମୂଲ୍ୟର ଶତକରା ଦଶଟଙ୍କା ଲେଖାଏଁ କ୍ଷତିପୂରଣ ଏବଂ ଶତକରା ଦୁଇଟଙ୍କା ଦରରେ ସୁଧ କଲେକ୍ଟରଙ୍କ ନିକଟରେ ଜମା କରିବ । ଏ ଟଙ୍କା ନିଲାମ ତାରିଖ ଠାରୁ ଏକମାସ ମଧ୍ୟରେ ଆପଣା ଆବେଦନପତ୍ର ସହିତ ଜମା ନ କଲେ ଆବେଦନପତ୍ର ଅଗ୍ରାହ୍ୟ ହେବ । ଶେଷଲିଖିତ ବିଧିର ଅଭିପ୍ରାୟ ଏହିକି କୌଣସି କାରଣରୁ ନିଲାମ ରହିତ ହେଲେ ନିଲାମଖରିଦ୍ଦାର ସେଥିପାଇଁ କ୍ଷତିଗ୍ରସ୍ତ ନ ହୋଇ ଜରସମନ ଟଙ୍କା ଉପରେ ସୁଧ ଏବଂ ଶତକରା ଦଶଟଙ୍କା ଲେଖାଏଁ କ୍ଷତିପୂରଣ ପାଇବ ।

ପ୍ରସ୍ତାବିତ ଆଇନରେ ଅଂଶ ଚାହିଁତ ଅଂଶୀଦାରଙ୍କଠାରୁ ଟଙ୍କା ଅଦାୟ କରିବା ଏବଂ ଅଧୀନ ସ୍ୱତ୍ୱାଧିକାରୀଙ୍କ ସ୍ୱତ୍ୱ ରକ୍ଷା ସମ୍ବନ୍ଧରେ କେତେକ ନୂତନ ବିଧାନ ହୋଇଅଛି । ଯେଉଁମାନଙ୍କର ତାହା ସମସ୍ତ ଜାଣିବାର ଇଚ୍ଛା ହେବ ଇଂରାଜୀ ବା ଓଡ଼ିଆ ଗେଜେଟରେ ମୂଳ ପାଣ୍ଡୁଲିପି ପାଠକରି ଅବଗତ ହେବେ ।

ଅଦ୍ୟ ଆମ୍ଭେମାନେ ପାଣ୍ଡୁଲିପିର ସାର ମର୍ମ ପାଠକମାନଙ୍କୁ ଉପହାର ଦେଲୁଁ । ଏଥିର ତର୍କ କରିବାର ଅନେକ କଥା ଅଛି ତାହା ସବୁ ଅଚିରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ଜମିଦାରଙ୍କର ଉଚିତ ହେଉଅଛି । ଆମ୍ଭେମାନେ ବାରାନ୍ତରେ ଏଥିର ସମାଲୋଚନା କରିବୁଁ ।

—o❊o—

## ସାପ୍ତାହିକ-ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ବୃଷ୍ଟି ହୋଇ ନାହିଁ । ମାତ୍ର [illegible] ଗ୍ରୀଷ୍ମର ହେରିତାରୁ ପାର ଲଘୁ ହୋଇଅଛି ।

ବୃଷ୍ଟି ପଡ଼ୁନାହିଁ ନଗରର ଜଳ ହେତାରୁ ମହାମାରୀ ଓ ଯାଠଯୋଗୀଙ୍କର ଖେଳା ପଡ଼ିଅଛି । ଏଥିର ସାଂବାଦିକ କପାଳ ଭଲ ।

ବର୍ତ୍ତମାନ ଏ ନଗରରେ ସ୍ୱାସ୍ଥ୍ୟ ଭଲ ହେଉନାହିଁ ଯେବେ ।

ଏ ଜିଲ୍ଲାର ଏ ବର୍ଷର ସମ୍ବନ୍ଧରେ ଏବେ ବୃଷ୍ଟି ଓ କାଲେକ୍ଟରରେ ବୃଷ୍ଟି ହେବା ଏକ ଚନ୍ଦ୍ରର ସ୍ୱଷକାର୍ଯ୍ୟ ଉତ୍ତମରୂପେ ବର୍ଷିବାର ସମ୍ବାଦ ପାଇଅଛୁଁ । ସୁଖର ବିଷୟ ଅଟେ ।

ବର୍ଷା ହେବାରୁ ସବାଲୁଅ ଅଶେଷ ଉପକାର ହୋଇଅଛି ।

### କଲିକତା-ଗେଜେଟ ।

ବାଲେଶ୍ୱରର ବିଶେଷ ସବ୍ ରେଜିଷ୍ଟ୍ରାର ବାବୁ ରାଧାମଣି ଦାସଙ୍କ ଚଳିତ ସନ ଜାନୁଆରି ମାସ ତା ୧ ରିଖରୁ ଛୁଟି ଭୋଗମାନଙ୍କରେ ଛୁଟି ବାଦ ଦେଇ ଏକମାସ ପାଞ୍ଚଦିନର ବିନା ବେତନରେ ଛୁଟି ପ୍ରାପ୍ତ ହୋଇଅଛି ।

ଓଡ଼ିଶା ରେଭେନ୍ସା କଲେଜର ନମ୍ବରୀ ଏଫ, ଏ ଉତ୍ତୀର୍ଣ୍ଣ ଛାତ୍ରଦ୍ୱୟ ବୃତ୍ତି ଲାଭ କରିଅଛନ୍ତି ।

ଅମୂଲ୍ୟନାଥ ବସୁ । ରଘୁନାଥପ୍ରସାଦ ମିଶ୍ର

---

କଥିତ ଅଛି ଜାପାନର ସମ୍ବାଦପତ୍ରମାନଙ୍କର ସମ୍ପାଦକଙ୍କ ମଧ୍ୟରେ ଜଣେ ହେଲେ ଅନ୍ୟ ନାହିଁ । ଅର୍ଥାତ୍ ସେଠାରେ ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ବହୁବାର ଜେଲଖାନା ଦେଖିବାକୁ ହୁଏ ।—ବାର୍ତ୍ତା । ଗୌରବନ୍ଧନ ।

ଏକ ଦଇନିକ ସମ୍ବାଦ କାଗଜରେ ଦେଖାଯାଉଛି ଯେ ଜାଇଲଠାରେ ଜଣେ ସ୍ତ୍ରୀଲୋକ ଏକାଥରକେ ଚାରିଗୋଟି କନ୍ୟା ପ୍ରସବ କରିଥିଲା ସେ ତହିଁମଧ୍ୟରୁ ଦୁଇଗୋଟି ଜୀବିତା ଅଛନ୍ତି । ତହିଁର ଏଗାରମାସ ପରେ ଏ ସ୍ତ୍ରୀଲୋକ ପୁଣି ଯମଜ ସନ୍ତାନ ପ୍ରସବ କଲା । ଏମନ୍ତେ ଏକବର୍ଷ ମଧ୍ୟରେ ଏ ସ୍ତ୍ରୀଲୋକ ଗୋ ୬ ଟି ସନ୍ତାନର ମାତା ହୋଇଅଛି ।—ଭଲ ।

ଗତ ସପ୍ତାହରେ ଅଜନ୍ତପୁରର ସୁବର୍ଣ୍ଣ—ମେଳେକରୀ କୋଠାରେ ବଜ୍ରପାତ ହୋଇ କେତେକ ଦ୍ରବ୍ୟ ନଷ୍ଟ କରିଦେଲା ଓ ଜଣେ ଲୋକ ଆଘାତ ପ୍ରାପ୍ତ ହୋଇ ଥିଲା । କେତେକ ବର୍ଷ ପୂର୍ବେ ଜମିଦାରୀ ଭଦ୍ରେଶ୍ୱରରେ ଜନ୍ମ ପଞ୍ଚାବାବୁ ଲେଖିବେ ପୂଜା ପାଞ୍ଚନ ଓ ନାଇକର ଉତ୍ସାହ ଅଭିଷେକ ହେତୁ ଏହା ସନ୍ଦେହାଇ କହୁଥିଲେ ।

ମୋଫସଲରେ ଖଣ୍ଡ ବୃଷ୍ଟି ହୋଇଅଛି ଏବଂ କେତେକ ସ୍ଥାନରେ ଲାଗିପଡ଼ି ଜମି ଚଷି ଅଛନ୍ତି । କାଳ ଚଳିବା ହେତୁ ଏବର୍ଷ ବିଷୟୀପତ୍ର ଅତି ଅଳ୍ପ ହେବ ।

ଭାରତରୁ ଯେଉଁ ମୁସଲମାନଯାତ୍ରୀ ମକ୍କାକୁ ଗମନ କରନ୍ତି ସେମାନଙ୍କର ଦୁର୍ଦ୍ଦଶା ନିବାରଣ କରିବାର୍ଥ ମୌଲବୀ ରଫିଉଦ୍ଦିନ ଅହମ୍ମଦ ବମ୍ବେରେ ଯାଇଥିଲେ ସାହେବଙ୍କ ସଙ୍ଗେ ସାକ୍ଷାତ କରି ସେ ବିଷୟ ନିବେଦନ କରିବାରେ ସାହେବ ମହୋଦୟ ତାହା ଓ ବୋମ୍ବାଇ ଗବର୍ଣ୍ଣମେଣ୍ଟଙ୍କୁ ସେ ବିଷୟରେ ପତ୍ର ଲେଖି ଏହିତ ପ୍ରତିକାର କରିବାର ଆଦେଶ ଦେଇଅଛନ୍ତି ।—ଭାରତ ।

ଅଲ୍ଲାହାବାଦର କେତେକ ଓକିଲ ସେଠା ସବଜଜ ବାବୁ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କ ନାମରେ ଅଭଦ୍ରବ୍ୟବହାର ହେତୁ ଏକ ଅଭିଯୋଗ ଧାରା କରି ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ସମୀପକୁ ପଠାଇଥିଲେ । ତହିଁରେ ସବଜଜ ମହୋଦୟଙ୍କର କୌଣସି ଦୋଷ ନ ଥିବାର ବୋଧ ହେବାରୁ ହାଇକୋର୍ଟ ତାଙ୍କ ସେ ଦୋଷରୁ ଅବ୍ୟାହତି ଦେଇ ତାଙ୍କର ପଦୋନ୍ନତି କରିଅଛନ୍ତି ।

ବିଲାତର ବୃଦ୍ଧମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବଙ୍କର ଗୋଟିଏ ଆଖିର ପର୍ଦ୍ଦା ଡାକ୍ତରମାନେ କାଟି ପକାଇ ଦେଇଥିବାର ସମ୍ବାଦ ମିଳିଅଛି । ଏ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟର କୌଣସି ବ୍ୟତିକ୍ରମ ଘଟି ନାହିଁ ।

ଜଣେ ବୃଦ୍ଧ ମୁସଲମାନ ମକ୍କା ଯାଉଥିବାର ବାଟ ଗଡ଼ମାର୍ଗ ଷ୍ଟେସନରେ ଘୋର ବେଦନାରେ ମୃତ୍ୟୁମୁଖରେ ପତିତ ହୋଇଥିବାର ସମ୍ବାଦ ମିଳଇ । ପୁଲିସ ତାହାର ଲାସର ପରୀକ୍ଷା ନିମିତ୍ତ ଡାକ୍ତରଖାନାକୁ ପଠାଇ ଦେଲେ ଏବଂ ସେଠାରେ ତାହାଠାରେ ଗୋ ୭୭ ଟି ଗିନି ନୋଟ ଥିବାର ଦେଖାଗଲା । କେହି କହନ୍ତି ଏ ଟଙ୍କା ଚୋରିଯାଇ ଥିଲା ।

ଚୀନ ଠାରେ ଇଂରାଜେ ଅଫିମ ପ୍ରଚାର କରିବା ସମ୍ବନ୍ଧରେ ପରୀକ୍ଷା ପ୍ରଧାନ ସଭା ବସିଛି । ପ୍ରତିବାଦୀମାନେ କଏସର ଅନୁବାଦ କୋଟିଏ ଟଙ୍କା ମୃତ୍ୟୁମୁଖରେ ପଡ଼ାଇ ଅଛନ୍ତି ।

ଢାକାରେ ଗୋଟିଏ ୧୦୬ ବର୍ଷର ମୁସଲମାନର ମୁମୂର୍ଷୁ ଅବସ୍ଥାରେ ତାଙ୍କ ପତ୍ନୀ କ ଉଠି କହିଲେ “ମୋତେ ଛାଡ଼ି କେଉଁଠାକୁ ଯାଉଛ” ସ୍ୱାମୀ ଉତ୍ତରକଲେ “ଉଦ୍ବେଗ ନ କର । ତୁମେ ମଧ୍ୟ ଶୀଘ୍ର ମୋର ଅନୁଗମନ କରିବ”। ବାସ୍ତବ ଫଳରେ ମଧ୍ୟ ସେହିପରି ଘଟିଲା । ଅଳ୍ପ ସମୟ ମଧ୍ୟରେ ପତ୍ନୀର ମଧ୍ୟ ବିୟୋଗ ହୋଇଥିଲା ।

କଟକ କାଠିମୁହାଣ ଘାଟ ଟ ୨୧।୵ ଡେରଇଗିଲା ଗୋଷ୍ଠୀର ଟ ୧୩।୵ କୋଷ୍ଟାଗ ମୋଟରେ ଟ ୧୮।୵ ହୋଇଅଛି ।

କଲିକତାଠାରେ ଜଣେ ମୁସଲମାନ ଗେହେରେ କାଟୁଆ ଲେଖିବାକୁ ଯାଇଥିବା ଅପରାଧରେ ଧୃତ ହୋଇଅଛି । ପ୍ରକାଶ କହେ ସେ ଆସାମୀ ପୋଲିସକୁ କାଟୁଆ ଆଣି ଦେଇଥିଲେ ଦେଖିବାକୁ କହିଥିଲା ମାତ୍ର ଆସାମୀ କହେ ଯେ ସେ ଗୋଲେସକୁ ଜଳ କରିବାକୁ ଯାଇଥିଲା ସେଠାରୁ ଅଧିକ ରେଲୁଲରେ ଜମାନ ପଢ଼ିବାକୁ ଯାଇଥିବା ସମୟରେ ପୁଲିସ ଅକାରଣ ତାହାକୁ ଗିରଫ୍ତାର କଲା ।—ଏଥିରେ କାହାଠାରେ କଥା ?

ବିଲାତର ଜୁଲିବର ମେଡିକଲ୍ସ ନାମକ ଦୈନିକ ଘୋଡ଼ାକୁ ଅଷ୍ଟ୍ରିଆ ଗବର୍ଣ୍ଣମେଣ୍ଟ ୧୫୦୦୦ ପାଉଣ୍ଡ (ଦେଢ଼ଲକ୍ଷ ଟଙ୍କା) ମୂଲ୍ୟରେ କ୍ରୟ କରିଥିବାର ସମ୍ବାଦ ମିଳଇ । ଏ ଘୋଡ଼ା କେମନ୍ତ ହୋଇଥିବ !

କୋଷ୍ଟାଇଠାରୁ ଜଣଜଣାଙ୍କ ତା ୮ ଦଶରେ ଦଶଲକ୍ଷ ଟଙ୍କା ଓ ତହିଁ ପୂର୍ବ ସପ୍ତାହରେ ୧୪ ଲକ୍ଷ ଟଙ୍କାର ସୁନା ବିଲାତକୁ ଯାଇଅଛି ଏବଂ ଗତ ମାସମଧ୍ୟରେ ଏକକୋଟି ଟଙ୍କାର ସୁନା ରପ୍ତାନି ହୋଇ ଯାଇ ବାଲ ଛବି । କଦାଚିତ୍ ଏଯୋଗୁଁ ବଟାର ଦର ଲଘୁ ହୋଇ ପାରେ ।

କିଛାରିସ୍ଥଳ ସୁପରିଣ ଲୋକ ହାଇକୋର୍ଟଙ୍କର କଚେରୀ ଅପେକ୍ଷରେ ପାରିତୋଷ ପ୍ରାପ୍ତ ହୋଇ ତଥାପି ତା ୯ ଦିନରେ ଶମନସ୍ଥଳକୁ ଯାତ୍ରା ହୋଇଥିବାର ସମ୍ବାଦ ମିଳଇ ।

ଲାହୋର ଅର୍ଯ୍ୟସମାଜର ଅରମିଣୀ ଓ ମାଂସାଶୀମାନଙ୍କ ମଧ୍ୟରେ ଭୁମୁଳ କଳହ ଲାଗି ଯାଇଥିବାର ସମ୍ବାଦ ମିଳଇ । ପିଠାପିଠି କେତେଥରକ ସଭା ଅଟ ସମ୍ବାଦ ମିଳ ନାହିଁ ।

ମୁଦ୍ରନଲଣ୍ଡର ଜେଲଖାନା ୪୮୮୫୨ ଜଣ ଅଛନ୍ତି । ସୁନ୍ଦରବନର ସାପ୍ ଓ ବାଘଂକୁ ଏ ଦେଶ କଲ ପଡ଼ିଅଛି ।

ବର୍ଣ୍ଣିତ ନଗରର ସ୍ତ୍ରୀଲୋକମାନେ ପକେଟ ରେଖା ରଖିବାରେ ବଡ଼ ନିପୁଣା ଅଟନ୍ତି । ଏମାନେ ଆପଣା ଲୁଗା ମଧ୍ୟରେ ୧୦୦ ପକେଟ୍ ଯୁକ୍ତ ଲୁଗାଇ ରଖନ୍ତି ସେ ବଜାରକୁ ଯାଇ ଲୋକଙ୍କ ଦ୍ରବ୍ୟମାନ ତହିଁରେ ଲୁଚାଇ ରଖି ପଳାଇ ଯାନ୍ତି ।—ଯୁରୋପୀୟ ସ୍ତ୍ରୀଲୋକମାନଙ୍କ ସବୁ ଚମତ୍କାର !

Split by PDF Splitter
Digitized by srujanika@gmail.com

## ପୁରୀ--ସମ୍ବାଦ ।

ଗତ ତା ୧୮ ରିଖ ସୋମବାର ଦିନ ଶ୍ରୀଜଗନ୍ନାଥଙ୍କର ସ୍ନାନୋତ୍ସବ ହୋଇ ଥିଲା । ଦିନ ପ୍ରାୟ ଘ ୧୦ ଟା ସମୟରେ ପ୍ରଭୁମାନେ ସ୍ନାନମଣ୍ଡପରେ ବିଜେ ହୋଇ ନିୟମିତ ସେବାମାନ ହେବାପରେ ଘ ୩ ଟା ସମୟ ପ୍ରଭୁଙ୍କର ସ୍ନାନବେଶ ହୋଇଥିଲା । ଘ ୪ ଟା ସମୟରେ ହସ୍ତିବେଶ ଏବଂ ଅପରାହ୍ଣ ପ୍ରାୟ ଘ ୭ ଟା-ଠାରେ ଅଳ୍ପ ଗୋଳ ହୋଇଥିଲା । ଏଥର କେବଳ ଏହି ଏକମାତ୍ର ଅଳ୍ପ ଗୋଳ ହୁଏ । ରାତ୍ର ପ୍ରାୟ ଘ ୧୨ ଟାଠାରେ ଠାକୁରମାନେ ବିଜେହୋଇ ଅନବସର ପିଣ୍ଡିରେ ବିଜେକରି ସେଠାରେ ସେବାମାନ ଶେଷହେବା ସମୟକୁ ରାତ୍ରି ପ୍ରଭାତ ପ୍ରାୟ ହୋଇଥିଲା । ଏଥର ପୁଲିସ ଏବଂ ଇନ୍ସପେକ୍ଟର ପୁଲିସଦଳ ନେଇ ମନ୍ଦିରରେ ଉପସ୍ଥିତ ଥିଲେ । ଏବଂ ମେନେଜର ମହୋଦୟ ଅତ୍ୟନ୍ତ ପରିଶ୍ରମ ଦ୍ୱାରା କାର୍ଯ୍ୟଦକ୍ଷତାର ପରିଚୟ ଦେଇ ଥିଲେ ।

ଯାତ୍ରି ସଂଖ୍ୟା ନିତାନ୍ତ ଊଣା ଅର୍ଥାତ୍ ବଙ୍ଗାଳି ଯାତ୍ରୀ ପ୍ରାୟ ୩।୪ ଶତ ହୋଇ ଥିଲେ । କେବଳ ପଞ୍ଚକୋଶି ଯାତ୍ରୀ ଅଧିକ ହୋଇ ଥିଲେ ।

ଯାତ୍ରି ଗୋଳମାଳ ନ ଥିବାରୁ ଓଲାଉଠାର ପ୍ରାଦୁର୍ଭାବ ଅଦୌ ଦେଖା ଯାଉ ନାହିଁ ।

ସ୍ନାନଯାତ୍ରା ଦିନ ପ୍ରଭୁଙ୍କର ହସ୍ତିବେଶ ଧାରଣ ସମୟରେ ଇନ୍ଦ୍ରଦେବ ଭକ୍ତି ପୂର୍ବକ ସ୍ନାନ କରାଇବା ମାନସରେ ସାମାନ୍ୟ ଏକପଶଲା ବୃଷ୍ଟିଜଳ ଦେଇ କ୍ଷାନ୍ତ ହୋଇଥିଲେ ମଧ୍ୟ ଏ ସପ୍ତାହରେ ମେଘାଚ୍ଛନ୍ନ ହୋଇ ସମୟେ ସମୟେ ବୃଷ୍ଟି ହେଉଅଛି ।

ଗତ ତା ୨୦ ରିଖଠାରୁ ଜିଲାସ୍କୁଲ ଗ୍ରୀଷ୍ମାବକାଶ ପରେ ଫିଟିଅଛି ।

## ଯାଜପୁର-ସମ୍ବାଦ ।

ଜଗନ୍ନାଥ ରଥ ଯାତ୍ରାଠାରୁ ଲଗାଣବର୍ଷା ଆରମ୍ଭ ହୋଇ ଅଛି ବୋଧହୁଏ ଏବର୍ଷ ସବୁଠି ସମାନ ଭାବରେ ହୋଇଥିବ । ଗତବର୍ଷ ଆରମ୍ଭରୁ ଜ୍ୟେଷ୍ଠମାସ ଦ୍ୱିତୀୟସପ୍ତାହପର୍ଯ୍ୟନ୍ତ ଏ ସବଡିଭିଜନ ଉଣାରେ ୪୦ ଇଞ୍ଚ ଜଳ ବର୍ଷା ହୋଇଥିଲା ମାତ୍ର ଏବର୍ଷ ଆଜପର୍ଯ୍ୟନ୍ତ ସର୍ବମୋଟ ୭ ଇଞ୍ଚରୁ ଊର୍ଦ୍ଧ୍ୱ ଜଳ ବର୍ଷା ହୋଇ ନାହିଁ ଏଥିରୁ ପାଠକମାନେ ଅନୁମାନ କରିବେ ଯେ ଗତବର୍ଷ ବୃଷ୍ଟିର ପରିମାଣ କିରୂପ ଥିଲା ।

ଗତମାସ ତା ୧୮ ରିଖଠାରୁ ଏଠା ଦେଓୱାନି ଅଦାଲତ ଘ ୧୧ ଟାରେ ହେଉଅଛି ।

ଯେଉଁମାନେ ସରକାରଙ୍କୁ ତଗାବୀଟଙ୍କା ପାଇବାର ଉପଯୁକ୍ତ ସେମାନଙ୍କର ଅବସ୍ଥା ଓ ଅଭାବଗ୍ରସ୍ତ ପରିମାଣରେ ହୋଇ ଅଛି ଏ ସମସ୍ତ ତଦନ୍ତ କରି ରିପୋର୍ଟ ପଠାଇବା କାରଣ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କର ଆଦେଶମତେ ଆମ୍ଭମାନଙ୍କର ଶ୍ରୀଯୁକ୍ତ ସବଡିଭିଜନ ଅଫିସର ଦର୍ପଣହଟା ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳକୁ ଯାଇଅଛନ୍ତି ।

ଅଗ୍ନିପ୍ରାସ ଡକାଇତି ମକଦ୍ଦମାରେ ଜ ୫ ଣ ଅସାମୀମଧ୍ୟରୁ ଏକଜଣ ଖଲାସ ଓ ବାକି ଜ ୪ ଣ ଦୌରା ସୋପର୍ଦ ହୋଇ ଅଛନ୍ତି ।

ଆଜକାଲି ରସାୟିକ ସଂଖ୍ୟା ଏତେ ବୃଦ୍ଧି ହୋଇଅଛି ଯେ ସେମାନଙ୍କର ଅତ୍ୟାଚାରରୁପ ଅତ୍ୟାଚାରରେ ଲୋକେ ବ୍ୟତିବ୍ୟସ୍ତ ଏ ମହାର୍ଘ୍ୟ ସମୟରେ ସମସ୍ତଲୋକେ ଉପାସ ହେଲେ ରକ୍ଷା ଦେବ କିଏ ?

ଏଠାର ଯେଉଁ କମ୍ପଲୋରର ସାଧୁପୁରୁଷଙ୍କର ବିଷୟ ଏଥିପୂର୍ବେ ସମ୍ବଲପୁରହିତୈଷିଣୀରେ ପ୍ରକାଶିତ ହୋଇଥିଲା ସେ ଜାଗ୍ରିକ ବତ୍ୟାବଲରେ ଅସାଧାରଣ ଅଲୌକିକ ଶକ୍ତି ଦେବାର କହି ସ୍ୱର୍ଣ୍ଣରତ୍ନ ପ୍ରସ୍ତୁତ କରିବା କାରଣ କେତେକ ଲୋକଙ୍କଠାରୁ ସୁନା ନେଇ ବଞ୍ଚନ କରିଅଛନ୍ତି । ଏହି ସମସ୍ତ କାରଣରୁ ବାବାଜି ବୈଷ୍ଣବମାନଙ୍କପ୍ରତି କ୍ରମଶଃ ଅଭକ୍ତିଜାତ ହେଉଅଛି ।

ହାଇଲେବଲ କେନାଲ ଗତ ରବିବାରଠାରୁ ଫିଟିଅଛି ଓ ଯାଜପୁରକୁ ଷ୍ଟିମର ଗତାଗତ କରୁଅଛି ।

ଅତ୍ର ଥାନା ଅନ୍ତର୍ଗତ ଜାଗେଶ୍ୱରପୁର ବେଲାମପୁର ବଡ଼ ଶାସନ ପ୍ରଭୃତି ସ୍ଥାନରେ ଓଲାଉଠା ଆରମ୍ଭ ହୋଇ ଅଛି ।

ଅଲଗା ପୋଲଗ୍ରାମ କଲାମାଟିଆପ୍ରଭୃତି ପ୍ରଗନାର ଲୋକମାନେ ଟଙ୍କା ଅଭାବରୁ ଆପଣା ୨ ସ୍ତ୍ରୀ ବାଳକମାନଙ୍କର ଅଳଙ୍କାରଆଦି ନେଇ ପିଣ୍ଡାରେ ଦେଢ଼ଭରି ହିସାବ ରୂପା ଦେଇସୁଦ୍ଧା ସୁବିଧାମତେ ଧାନ ପାଉ ନ ଥିବାରୁ ଲୋକେ ପ୍ରତିଦିନ ୩।୪ ଦଣ୍ଡର ବାଟରୁ ଟଙ୍କାରେ ବାଲିଆର ସେ ୨୭।୨୭ ର ଧାନ କ୍ରୟକରି ଆଣୁଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ପୀତାମ୍ବର ରାୟ—ଗତ ସପ୍ତାହରୁ ସୁବୃଷ୍ଟି ହେବାରୁ ଆପଣଙ୍କ ରଚିତ ପଦ୍ୟ ଅସାମୟିକ ହୋଇଗଲା ଆଉ ପ୍ରକାଶ କରିବାର ଆବଶ୍ୟକ ଦେଖୁ ନାହୁଁ ।

କେହି ଅମଲା—ପାଲଲହଡ଼ାର ସରକାରୀ ଅମଲା ଏବଂ ସ୍ଥାନୀୟ ଭଦ୍ର ଲୋକଙ୍କ ମଧ୍ୟରେ ପ୍ରାୟ ବର୍ଷାଧିକ ହେବ କୌଣସି କାରଣ ବଶତଃ ଅମେଳ ଥିଲା । ନୂତନ ମାନେଜର ମୁନସି ମହମ୍ମଦ ଆଜହର ଉଭୟ ପକ୍ଷଙ୍କୁ ଏକତ୍ରିତ କରି ସଦୁପଦେଶପୂର୍ଣ୍ଣ ବକ୍ତୃତା ଦ୍ୱାରା ମିଶାଇ ଦେବାହେତୁ ସୁଖ୍ୟାତିଭାଜନ ହୋଇ ଅଛନ୍ତି ।

ଶ୍ରୀ ଗୋକୁଳାନନ୍ଦ ଦତ୍ତ—ଆପଣଙ୍କ ସ୍ତ୍ରୀ ସୂତିକାଜ୍ୱରରେ ଅତ୍ୟନ୍ତ ପୀଡ଼ିତ ଥିବା ଓ ଡାକ୍ତର ମହେନ୍ଦ୍ର ମୋହନ ବସୁ ସୁଚିକିତ୍ସା ଦ୍ୱାରା ଆରୋଗ୍ୟ କରିବାର ଡାକ୍ତରଙ୍କର ବହୁସୁଖ୍ୟାତି ଇଂରାଜୀ ଭାଷାରେ ଲେଖି ଅଛନ୍ତି । ଏହା ପ୍ରକାଶ କରିବାର ବିଶେଷ ଆବଶ୍ୟକତା ଦେଖୁ ନାହୁଁ ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ଆମ୍ଭର ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନଦାନ କରି ବାଧିତ କରିବେ ।

ଆପଣଙ୍କ ୨୨ ସଂଖ୍ୟା ତା ୨ ରିଖ ଉତ୍କଳଦୀପିକାରେ ବର୍ଷାସମ୍ବନ୍ଧରେ ୨ ଗୋଟି ପ୍ରବନ୍ଧ ଦେଖି ଓ ଅନ୍ୟାନ୍ୟ ସଂଖ୍ୟାରେ ଇନ୍ଦ୍ରଧନୁ ଓ ବିଜୁଳୀ ସମ୍ବନ୍ଧରେ ଅନେକ ଦେଖି ୨ ଏହି ଦୁଇ ବିଷୟରେ କିଛି ନ କହି ରହିପାରିଲୁଁ ନାହିଁ । ଭାବ ୨ ଜ୍ୟେଷ୍ଠମାସ ଶେଷ ହେବାକୁ ବସିଲା ଆଜପର୍ଯ୍ୟନ୍ତ କିନ୍ତୁ ପ୍ରତିନ ହେଲା ନାହିଁ । ଗତ ଗୁରୁବାର ଇନ୍ଦ୍ରଦେବ ପାଣିକିଛି ବର୍ଷିଲେ ଏଥିର କାରଣ ଏହି, ବୃଆଇ ଇନ୍ଦ୍ରଧନୁ ଓ ବିଜୁଳୀ ସେନ ଅଧିକାଂଶ ଶିକ୍ଷିତ ଓ ପ୍ରଧାନ ବ୍ୟକ୍ତିମାନେ କଳହରେ ବ୍ୟସ୍ତ, ପ୍ରକୃତ ଇନ୍ଦ୍ରଧନୁ ଏବଂ ବିଜୁଳୀକି କିଏ ଖୋଜୁଛି, ଗତ ଗୁରୁବାରଦିନ ଇନ୍ଦ୍ରଦେବ ଯେ କିଛି ବର୍ଷିଲେ ତାହା ପ୍ରକୃତ ରାଗରେ, ଏଣିକି ଜ୍ୟେଷ୍ଠ ଶେଷ କିମ୍ବା ଆଷାଢ଼ରେ ବର୍ଷିବେ କିନ୍ତୁ ଆଉ ଫଗୁଣ ନାହିଁ କି ସୁନାକଷା ହେବ ନାହିଁ ।

ଏହିଯେ କେବଳ ଏହିବର୍ଷ ହେଲା ତାହା ନୁହେ । ଆମ୍ଭମାନଙ୍କ କର୍ମଫଳରୁ ଜାଣିପାରୁ ଅଛୁଁ ଏହା ଚଳନ୍ତ ବନ୍ଦୋବସ୍ତ ଶେଷପର୍ଯ୍ୟନ୍ତ ନିଶ୍ଚୟ ହେବ ।

ଆମ୍ଭମାନଙ୍କର ହିନ୍ଦୁଧର୍ମରେ ଦେବତା ବ୍ରାହ୍ମଣ ଓ ଗୋରୁ ପ୍ରଧାନ ଅଥଚ ଗୋରୁ ମହୋପକାରୀ ଅନ୍ୟାନ୍ୟ ଧର୍ମରେ ମଧ୍ୟ ଦେବତା ୧ ମତେ ଦେବତାମାନେ ବ୍ରାହ୍ମଣମାନଙ୍କର ସୁକର୍ମ ଯଜ୍ଞ ଓ ହୋମାଦିରେ ସନ୍ତୁଷ୍ଟ ହୋଇ ଇନ୍ଦ୍ରଦେବଙ୍କୁ ଅନୁରୋଧ କରନ୍ତୁ କିମ୍ବା ନିଜେ ଇନ୍ଦ୍ରଦେବ ସନ୍ତୁଷ୍ଟ ହୋଇ ପୃଥିବୀ ପାଳନ କରନ୍ତୁ । ବ୍ରାହ୍ମଣମାନେ ଅକର୍ମ କିମ୍ବା ଅଧର୍ମୀଙ୍କ ସଙ୍ଗୀ ହେଲେ ତାଙ୍କୁ ରାଜା କିମ୍ବା ଶିକ୍ଷିତ ଓ ପ୍ରଧାନପ୍ରଜାମାନେ ପ୍ରକୃତ ଧର୍ମରେ ଚଳାନ୍ତୁ ଏଥିକୁ ଆମ୍ଭମାନଙ୍କର ରାଜାତ ଆମ୍ଭମାନଙ୍କର ଧର୍ମସମ୍ବନ୍ଧରେ କିଛି କହିବେ ନାହିଁ ଓ ପ୍ରଜା ମଧ୍ୟରେ ଯେଉଁମାନେ ପ୍ରଧାନ ଓ ଶିକ୍ଷିତ ହେଲେ ଓ ଯେଉଁମାନଙ୍କୁ ଜନ୍ମକର ଭାରତ ଓ ଉତ୍କଳମାତା ପ୍ରଧାନ ଓ ଗୁଣବନ୍ତ ପୁତ୍ର ପାଇଅଛୁ ବୋଲି ଗର୍ବ କରନ୍ତି । ସେମାନେ ଯେବେ ଆପଣା ୨ କର୍ମ ଧର୍ମପ୍ରତି କିଛି ଦୃଷ୍ଟି ଓ ଆସ୍ଥା ନ ରଖିଲେ ତେବେ ବ୍ରାହ୍ମଣମାନେ ସେମାନଙ୍କ ଅନୁଗାମୀ ହୋଇ ସ୍ୱେଚ୍ଛାଗ୍ରସ୍ତ ହେବା ଉଚିତ ନୁହେ ! ବ୍ରାହ୍ମଣମାନେ ଆପଣା କର୍ମ ଯେଉଁ ଫଳ ଭୋଗ କରୁଥିବାରୁ ସେମାନଙ୍କ ସମ୍ବନ୍ଧରେ ଆମ୍ଭର କୌଣସି ବକ୍ତବ୍ୟ ନାହିଁ

Split by PDF Splitter
Digitized by srujanika@gmail.com

(ଦେବତା) ହିନ୍ଦୁ ଓ ସମସ୍ତ ଧର୍ମରେ ଦେବସେବା ଓ ମନ୍ଦିରମାନ ଅଛି । ପୂର୍ବେ କେହି୨ ସତ୍ପୁରୁଷ ଏହିପରି ମନ୍ଦିରମାନ ନିର୍ମାଣ କରାଇ ଏଥିସ୍ଥିତ ଦେବତାଙ୍କ ନାମରେ କେତେ ସମ୍ପତ୍ତି ଛାଡ଼ି ଉକ୍ତ ସେବା ଚଳାଇବାର ବନ୍ଦୋବସ୍ତ କରି ଯାଇଥିଲେ ବର୍ତ୍ତମାନର ପ୍ରଧାନ ଓ ଶିକ୍ଷିତ ଲୋକମାନେ ସେହି ସେବା ରକ୍ଷାକରିବା କେଉଁଠି ଆଉ ସେବକଙ୍କ କଳହରେ ଏକପକ୍ଷର ସାହାଯ୍ୟ କରି ଅଥବା ଟଙ୍କା ଋଣ ଦେଇ ଦେବୋତ୍ତର ସମ୍ପତ୍ତି ଓ ମନ୍ଦିର କ୍ରୟ କରୁଅଛନ୍ତି ଓ ମନ୍ଦିରର ଦେବତା ଉଠାଇଦେଇ ସିଂହାସନକୁ ଚର୍ମପାଦୁକାର ଆଧାର କରୁଅଛନ୍ତି—ମହାଶୟ ! ଆପଣ ବର୍ତ୍ତମାନ ଦେବତାଙ୍କର ତ ଦଖଲୀ ସ୍ୱତ୍ୱ ନାହିଁ; ତାଙ୍କପକ୍ଷରେ କି ୧୨ ବର୍ଷରୁ ଊର୍ଦ୍ଧ୍ୱ ଦଖଲୀ ଅଇନ ଖଟେ ନା ? ରାଜାଙ୍କଠାରୁ ପ୍ରଜାପର୍ଯ୍ୟନ୍ତ ଏ ବିଷୟପ୍ରତି କେହି ଦୃଷ୍ଟି ନ ଦେବାରୁ ଇନ୍ଦ୍ରଦେବତା, ସେମାନଙ୍କ ପ୍ରତି ବିଚାର କରୁଅଛନ୍ତି ।

ଗୋରୁମାନେ ସମସ୍ତ ଜନ୍ତୁଙ୍କର ବିଶେଷରେ ମନୁଷ୍ୟମାନଙ୍କର କେତେ ଉପକାରୀ ତାହା କାହାରିକି ଅବିଦିତ ନାହିଁ । ସେମାନଙ୍କ ପରିଶ୍ରମ ଫଳ କୀଟଠାରୁ ମହାଜୀବ ପର୍ଯ୍ୟନ୍ତ ସମସ୍ତେ ଭୋଗ କରୁଅଛନ୍ତି ଅତଏବ ୬୦।୭୦ ବର୍ଷ ପୂର୍ବେ ପ୍ରତି ମୌଜାରେ ପ୍ରାୟ ଅର୍ଦ୍ଧେକ ଜମା ୩ ଭାଗ ଗୋଚର ଭୂମି ଥିଲା ତହିଁରେ ଗୋରୁମାନେ ଚରି ବୁଲି ଜୀବନ ଧାରଣକରି ନ ପାରି ଗୃହସ୍ଥମାନଙ୍କ ଘରେ ବ୍ରୀହି ପ୍ରଭୃତି ଖାଦ୍ୟ ଖାଉଥିଲେ ବର୍ତ୍ତମାନ ପ୍ରତି ଗ୍ରାମ ବା ମୌଜାରେ ଗୋଚର ଭୂମି ଦୂରେ ଥାଉ ତାଙ୍କର ଗତାୟାତର ପଥ ସୁଦ୍ଧା ନାହିଁ ଏ ବନ୍ଦୋବସ୍ତ କଷ୍ଟ ଦେଖି ପ୍ରଜାମାନେ ଆପଣାର ସ୍ୱତ୍ୱ କରିବା ଆଶାରେ ସମସ୍ତ ଗୋଚର ଭୂମି ଗୃହକୁ ଅପଣାର ସ୍ୱତ୍ୱ ନିର୍ଦ୍ଧୟ କରଗଲେ ଓ ଯାଉଅଛନ୍ତି । ଏ ବିଷୟରେ ରାଜା ଦିବର ଓ ପ୍ରଜା କେହି ଦୃଷ୍ଟିପାତ ନ କରିବାରୁ ଇନ୍ଦ୍ରରାଜା ସ୍ୱତନ୍ତ୍ର କରିବାର ଦେଖାଯାଉଅଛି କାରଣ ଗତବର୍ଷ ଏହିପରି ଅନେକ ଜଳଜମି ଅସମୟରେ ବୃଷ୍ଟିଯୋଗୁଁ ପଡ଼ିଆ ରହିବାରୁ ବା ବୁଡ଼ି ନ ଦେବାରୁ ଏବେବେଳେ ଦୁର୍ଭିକ୍ଷରେ ଲୋକମାନେ କଷ୍ଟ ପାଉଅଛନ୍ତି ଏ ବର୍ଷମଧ୍ୟ ସେହିପରି ହେଲାଣି ଆଉ ୨ ବର୍ଷ ଏହିପରି ହେଲେ କୃଷିମାନେ ସ୍ୱେଚ୍ଛାରେ ଗୋରୁଙ୍କ ସ୍ୱତ୍ୱ ଛାଡ଼ିଦେବେ ନଚେତ୍ ଈଶ୍ୱର ଅବଶ୍ୟ ତହିଁର ପ୍ରତିବିଧାନ କରିବେ ସନ୍ଦେହ ନାହିଁ, କିନ୍ତୁ ଯେତେବେଳଯାଏ ମନୁଷ୍ୟମାନେ ରହିପାରିଲେ ହେଲା ଏଣୁକରି ଆମ୍ଭେ ଏଠାରେ ଆମ୍ଭମାନଙ୍କର ରାଜାଧିରାଜ ଗବର୍ଣ୍ଣମେଣ୍ଟଙ୍କୁ ଏ ସବୁ ବିଷୟ ଜଣାଇବାରେ ଆପଣାକୁ ଅକ୍ଷମ ଜାଣି ବୃଥା କଳହ ଲିପ୍ତ ଇନ୍ଦ୍ରଧନୁ ଓ ବିଜୁଳି ଏବଂ ତହିଁସଙ୍ଗେ ସମସ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରୁଅଛୁଁ କି ସମସ୍ତେ ଏକବାକ୍ୟ ହୋଇ ଆମ୍ଭମାନଙ୍କର ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ଜଣାଇ ଏ ବନ୍ଦୋବସ୍ତରେ ଏମାନଙ୍କର ସ୍ୱତ୍ୱ ରକ୍ଷା ଶୀଘ୍ର କରନ୍ତୁ ନିଶ୍ଚୟ ପୃଥିବୀର ମଙ୍ଗଳ ହେବ ।

ଅନନ୍ତର ଇନ୍ଦ୍ରଧନୁ ଓ ବିଜୁଳି ଏ ଉଭୟଙ୍କର କଳହ ମୀମାଂସା ଆଶାରେ କିଛି ଲେଖିବାକୁ ପ୍ରବୃତ୍ତ ହେଲୁଁ । ଆମ୍ଭେ ଇନ୍ଦ୍ରଧନୁ ପାଉଁ କିନ୍ତୁ ବିଜୁଳି ନ ପାଇବାରୁ ତାହାର କେତେ ଭଲ ମନ୍ଦ ଜାଣି ନାହୁଁ । ତେବେ ଯେତେଦୂର ଜାଣୁ ତହିଁରେ ଆମ୍ଭମାନଙ୍କର ମୃତ କବିବର ଉପେନ୍ଦ୍ରଭଞ୍ଜ ଏବଂ ଆମ୍ଭମାନଙ୍କର ବର୍ତ୍ତମାନ କବିବର ବାବୁ ରାଧାନାଥ ରାୟ ଏ ଦୁଇଜଣଙ୍କ ମଧ୍ୟରେ କିଏ ବଡ଼ ଏହାହିଁ ଠିକ କରି ଏଥିଯୋଗେ ଘଣ୍ଟ ଗୋଷ୍ଠୀଖାଇ ଠାରୁ ଠେଙ୍ଗା ବାଡ଼ି ଯାଇ ଖଣ୍ଡା ତରବାର ଧାରପର୍ଯ୍ୟନ୍ତ ହେଲା—ତଥାପି ଏକଳ ଭାଙ୍ଗିଲା ନାହିଁ, ଏଥିରେ ପ୍ରଧାନ୨ ବ୍ୟକ୍ତି ଲିପ୍ତ ଥିବାର ଦେଖି ଆମ୍ଭେ ଏ ମୀମାଂସାରେ ପ୍ରବୃତ୍ତ ହେବାକୁ ଅନେକ ଦିନୁ ମନଃସ୍ଥ କରି ସାହସୀ ହୋଇ ନ ଥିଲୁଁ କିନ୍ତୁ ଯେତେବେଳେ ମନେ କଲୁଁ ୩୨ ସିଂହାସନ ଆମ୍ଭମାନଙ୍କର ଉତ୍କଳ ଉପନ୍ୟାସରେ ମହା୨ କବିମାନ ପାନାଳ୍ୟ ଗାଇଉଥିଲେ ସେଥିକହାସ ଭାଙ୍ଗିଅଛି ଏଣୁ ବାମନ ହୋଇ ଅରୁଚ ସ୍ତ୍ରାଳକୁ ହାତ ବଢ଼ାଉଅଛୁଁ ମଧ୍ୟ ଦେଶହିତୈଷିମାନଙ୍କୁ ଦେଶର ଅନ୍ୟ ଉପକାରମାନ ଛାଡ଼ି ଯାଇ ଏଥିରେ ଲିପ୍ତ ଥିବାର ଦେଖି ତହିଁରୁ ସେମାନଙ୍କୁ ଫେରାଇଆଣିବା ଉଦ୍ଦେଶରେ ନିମ୍ନଲିଖିତ କତିପୟ ପ୍ରକାଶ କଲୁଁ ।

ଆମ୍ଭମତରେ ଇନ୍ଦ୍ରଧନୁ ଓ ବିଜୁଳି ଉଭୟ ଭଲ ଓ ସୁଖ ଏ ଉଭୟଙ୍କୁ ନେଇ କଳହ କରୁଅଛନ୍ତି କିନ୍ତୁ କବିଦ୍ୱୟଙ୍କର କବିତାଶକ୍ତି ଏମାନଙ୍କୁ ଜାଣି ନାହିଁ ଜଣାଇବ କବିମାନେ ଈଶ୍ୱରାନୁଗୃହୀତ ଜନ୍ମା ଭକ୍ତ ଅଟନ୍ତି ଈଶ୍ୱରଙ୍କଠାରେ କୌଣସି ଭାବରେ ବିଶ୍ୱାସ ଦୃଢ଼ୀଭୂତ ନ ହେଲେ କବି ହୋଇ କବିତା ଲେଖିବା ସହଜ ନୁହେ—ସେ ବିଶ୍ୱାସ ୩ପ୍ରକାର ମଧ୍ୟ ତହିଁ ୩ପ୍ରକାର—ତଦନୁସାରେ ଭକ୍ତ ୩ପ୍ରକାର । ୧ମେ କେହି୨ ଈଶ୍ୱରଙ୍କୁ ପିତାମାତାବୋଲି ଦୃଢ଼ବିଶ୍ୱାସ କରି କବିତା ଲେଖିଲେ ଈଶ୍ୱରଙ୍କ ସମ୍ବନ୍ଧରେ ଅଶ୍ଳୀଳ ଶବ୍ଦ ବ୍ୟବହାର କରିବାକୁ ଲଜ୍ଜା ବୋଧ କରନ୍ତି ଅଭ ସେପ୍ରକାର ଭକ୍ତ ଅଶ୍ଳୀଳାତ୍ମକ କବିତାକୁ ଅଶ୍ରାବ୍ୟ ମନେ କରନ୍ତି ।—୨ୟତଃ କେହି୨ କବି ଈଶ୍ୱରଙ୍କୁ ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ ମନେ କରି ଈଶ୍ୱରଙ୍କ ସମ୍ବନ୍ଧରେ ଶ୍ଳୀଳ ଓ ଅଶ୍ଳୀଳଶବ୍ଦ ପ୍ରୟୋଗ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ କାରଣ ଈଶ୍ୱରଙ୍କର ଯେତେବେଳେ ସବୁଶକ୍ତି ଅଛି, ସେ ଜନ୍ମ ହୁଅନ୍ତି ଓ ଅଜ, ଲମ୍ପଟ ଏବଂ ଯତି, ଚୋର, ଆଉ ସାଧୁ, ପାଦ ପାଣି ଚକ୍ଷୁ ପ୍ରଭୃତି ଅଛି ନାହିଁ; ଏହିପରି ମନେ କରନ୍ତି ଏ ପ୍ରକାର ଭକ୍ତମାନେ ଏହିପରି ଶୁଣିବାକୁ କୁଣ୍ଠିତ ହୁଅନ୍ତି ନାହିଁ ମାତ୍ର ସେବିଷୟ ଶୁଣି ତାଙ୍କୁ ଲକ୍ଷ କରି ଆପେ ସେପରି କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ନାହିଁ ।—୩ୟରେ ସୋଽହଂ ସେ ଯେ, ମୁଁ ସେ, ଏପରି ଯେ ବିଶ୍ୱାସ କରେ ସେ ଆପଣାର କାର୍ଯ୍ୟକୁ ଈଶ୍ୱରଙ୍କ କାର୍ଯ୍ୟ ବା ତାଙ୍କ ନିଯୋଜିତ କାର୍ଯ୍ୟବୋଲି ମନେ କରି ମନରେ ଶ୍ଳୀଳ ବା ଅଶ୍ଳୀଳ ଯାହା ଉଦୟହୁଏ ତାହା ଲେଖିଥାଏ ମଧ୍ୟ ସେ ସ୍ୱୟଂ ଯାହା କରେ ତାକୁ ଈଶ୍ୱରୀୟ କାର୍ଯ୍ୟ ବୋଲି ଲେଖିଥାଏ, ଅଥଚ ଯାହାଙ୍କବିଷୟ ନେଇ ପ୍ରବନ୍ଧପ୍ରଭୃତି ଲେଖେ ଯେତେବେଳେ ସେ ତନ୍ମୟପରି ଆପଣାକୁ ମନେ କରେ ଏଣୁକରି ସ୍ୱୟଂ କମ ନୁହନ୍ତି ବି, ଇଚ୍ଛେ କମ ନୁହନ୍ତି ଏସବୁପ୍ରତି ଦୃଷ୍ଟି ରଖି ଆମ୍ଭମାନଙ୍କର ବୃଥାକଳହ ଅନୁଚିତ—ପରେ ଜଣେ କୌଣସିକର୍ମରେ ବିଶେଷ ଯୋଗ୍ୟ ହୋଇ ସେ କର୍ମ କରିଯାଏ ତାହାର ବିଦ୍ୟମାନ ସମୟରେ ହେଉ ବା ମୃତ୍ୟୁପରେ ହେଉ ଅନ୍ୟ ଜଣେ ତତ୍ସମ ବା ତଦପେକ୍ଷା ଉକ୍ତ କାର୍ଯ୍ୟରେ ଯୋଗ୍ୟତର ହେଲେ ପ୍ରଥମତଃ ଉଭୟଙ୍କର କାର୍ଯ୍ୟର ତୁଳନା କରାଯାଏ, କ୍ରମେ ଭଲ ସମାଦୃତ ହୋଇ ମନ୍ଦର ଅନାଦର ହିଁ ହୁଏ, ସୁତରାଂ ଭଲ ରହିଯାଏ, ମନ୍ଦ ସ୍ୱୟଂ ଲୁପ୍ତ ହୋଇଯାଏ, ଅତଏବ ଇନ୍ଦ୍ରଧନୁ ଓ ବିଜୁଳିର ଉଭୟଙ୍କୁ ଆମ୍ଭର ବିନୀତ ପ୍ରାର୍ଥନା ଯେ, ଯଦି ଏଥିରେ କୌଣସି ଦୋଷ ଥାଏ ତାହା ମାର୍ଜ୍ଜନା କରି ଅଛୁ ଏ କଳହ ସେତ ନ ବାହାର ତଦୁପରି ସ୍ୱଦେଶୋପକାର ସମ୍ବନ୍ଧରେ ଉପରେ ଯହା ଲେଖିଲୁଁ ତାହା ଯଦି ଯୁକ୍ତିଯୁକ୍ତ ବୋଧହୁଏ ତାହାହିଁ

Split by PDF Splitter



ତାହାଙ୍କର ଏଥିରେ ଉଭୟପକ୍ଷଙ୍କର ମଙ୍ଗଳ ହେଉ ।

୧୩।୬।୯୪ } ମଙ୍ଗଳାକାଙ୍କ୍ଷୀ—ଶ୍ରୀ ମଦନ
କୋଟପଦା } ରଘୁନାଥ ପୁଷ୍ପ ଗୋସାଇଁ

ମୂଲ୍ୟପ୍ରାପ୍ତି ।

ବାବୁ ଗୌରହରିସାହୁ ଡେପୁଟି ଡବିଇନ୍‌ସପେକ୍ଟର ଗମଗିର ଟ ୩୲
„ ଚନ୍ଦ୍ରଶେଖର ତ୍ରିପାଠୀ ଯାର୍ଥଲା ସ୍କୁଲ ଟ ୩୲
„ ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ ପୁରୀ ଟ ୬୲

## ବିଜ୍ଞାପନ ।

"ଗୋ-ଚିକିତ୍ସା ।"

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ଖଣ୍ଡ ଯାଏ ପୁସ୍ତକ ଡାକରେ ନିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ବକେହେଲା } ବାମଣ୍ଡା
ଶ୍ରୀ ଦାଶରଥି ରାଉତ } ସମ୍ବଲପୁର ପୋଃ

ପ୍ରୟୋଜନୀୟ ପୁସ୍ତକ ।

ବସୂଚକା ଚିକିତ୍ସା ଓ ପଣକିଆମାଳିକା ଏକ୨ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧ୍ୟାନମାଳା ତିନି୨ ପଇସା ମୂଲ୍ୟରେ ଶବ୍ଦମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ମିଳେ ।

## ବିଜ୍ଞାପନ ।

ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ ।

## ବିଜ୍ଞାପନ ।

ଭୂସ୍ୱାମୀ ଶ୍ରୀଯୁତ ବାବୁ ରାଜକୃଷ୍ଣ ଦାସ-[...]ମହାଶୟଙ୍କ ଦ୍ୱାରା ରଚିତ ବନ୍ଧ୍ୟପୁଷ୍ପାଞ୍ଜଳିର ଦ୍ୱିତୀୟାଞ୍ଜଳି [...]କାଶିତ ହୋଇ କଟକ ନର୍ମାଲସ୍କୁଲର ହେଡ୍-[...]ଷ୍ଟର ଶ୍ରୀଯୁତ ବାବୁ ମଧୁସୂଦନ ରାଓ ମହାଶୟଙ୍କ [ନି]କଟରେ ବିତରଣାର୍ଥ ରଖାଯାଇଅଛି । ଯେଉଁମା-[...]ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ [ବା]ବୁ ମହାଶୟଙ୍କ ନିକଟରେ ଉକ୍ତି କଲେ ପାଇ[ପା]ଇବେ । ଯେଉଁମାନେ ପତ୍ରଦ୍ୱାରା ପ୍ରାର୍ଥନା କରିବେ ସେମାନେ ପତ୍ରସହ ଦୁଇ ପଇସାର ଟିକଟ ପଠାଇଲେ ଡାକଯୋଗ ଉକ୍ତ ପୁସ୍ତକ ପାଇ ପାରିବେ ।

୨୦।୬।୯୪ ମସିହା } ଶ୍ରୀ ଭଗବାନ୍ ଖାଡ଼ଙ୍ଗା
ଭିକ୍ଟୋରିୟା ପ୍ରେସ } କାର୍ଯ୍ୟାଧ୍ୟକ୍ଷ
କଟକ }

## ଭାରତରେ ନୂତନ

ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍
କାଲନା, ବେଙ୍ଗାଲ ।

ରେଜିଷ୍ଟରୀକୃତ ମୂଳଧନ ଟ ୬୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ଯଥାଶାସ୍ତ୍ରପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାସ କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ପିଲ୍ଲାଳୀ, କାଶ, ଜ୍ୱର, ଇନ୍‌ଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଉଦ୍ଭଟ ଓ ଉତ୍କଟ ପୀଡ଼ାସକଳରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଧନ-କୁନ୍ତଳ-ତୈଳ;—ଶିରଃଶୀତଳ ଓ ସୌରଭ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚନ୍ଦ୍ରାହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖରଚ୍ଚିବ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦୲୵ ଡାକଖର୍ଚ୍ଚାଦି ଟ ୦।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ ଶିଯ୍ୟାଲୀଖିଅର ଔଷଧ । ଏହା ବ୍ୟବହାର କଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖର୍ଚ୍ଚାଦି ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜେଷ୍ଟ୍ରୀ ହୋଇଅଛି । ଏହା ୬୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୲ ଙ୍କା । ୧।୬ କିସ୍ତିରେ ଟ ୬୲ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକଶ୍ରେଣୀମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ଟ୍ରେଜରର

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections

(Minor course 1895)

BY

AKSHOY KUMAR GHOSE

AND

HARA CHAND GHOSH,

in the press

Price per copy Re. 1—0—0

Postage one anna extra for muffasal.

To be had of the Secretary Printing Company Cuttack

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ୵୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳିକାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ରାଗିଣୀ ଓ ଚୂଳା ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୀଘ୍ର ନିଅ ! ନିଅ ! ନିଅ ! !

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଊଣାଠୁଁ ମୂଲ୍ୟରେ ଅଳ୍ପଦିନ ସକାଶେ ବିକ୍ରୟ କରା

Digitized by srujanika@gmail.com

Split by PDF Splitter



ହେଉଅଛି । ଅଥା ବସ୍ତୁ ଗ୍ରାହକମାନେ ଏ ସୁବିଧା ଗ୍ରହଣବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେବୀ-ରଚିତ ) ଟ୦ ୯୧

ରସଲେଖା (ଉପେନ୍ଦ୍ର ଭଞ୍ଜ ବିରଚିତ) ଟ୦୷

ସଙ୍ଗୀତ ସାଗର ପ୍ରଥମ ଲହରୀ ଟ ୦ ୵

ଏକାଳ ଦ୍ୱିତୀୟ ଏକାଳ ଟ ୦ ୵

ଏକାଳ ତୃତୀୟ ଏକାଳ ଟ ୦ ୵

ଏକାଳ ଚତୁର୍ଥ ଏକାଳ ଟ ୦ ୵

ଖାବଳମ୍ଫ ଟ ୦ ୵

କପିଳାସ କ୍ଷେତ୍ର ଟ ୦ ୵

କଟକ ୨୭।୩।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବ-ଙ୍ଗଳ, ରେସମୀ ଓ ଜେଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିଶ୍ଚିତ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଅତଏବ ଗ୍ରାହକମାନଙ୍କ ପ-କ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି କହିଁ ଉପରେ ମୁନଫା କଶି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକଯୋଗେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଫର୍ଦ୍ଦ ।

| ଜିନସର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସିଲ | ଗୋ ୧ ଟ ୦ ୰ |
| ଲଲ ଓ ନେଳ ପେନସିଲ | ଗୋ ୧ ଟ ୦ ୵୧ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ୷ |
| ନକସା କାଗଜ | ଦ ୧ ଟ ୦ ୶ |
| ଫୁଲସ୍କେପ କାଗଜ ସରୁଆ | ଦ ୧ ଟ ୦ ୵ |
| ଏକାଳ ରୁଲଦାର | ଦ ୧ ଟ ୦ ୵୨ |
| ଏକାଳ ମୋଟା | ଦ ୧ ଟ ୦ ୵ |
| ଫାଉଣ୍ଡେସନ ନୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏକାଳ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ସରୁଆ ସ୧୦୦ ଟ୦୶ ଗୋ ୨୫ | ଟ୦୵ |
| ଏକାଳ ମଧ୍ୟମ ସ୧୦୦ ଟ ୦ ୷ ଗୋ ୨୫ | ଟ୦ ୯ |
| ବାଲିକାଗଜ ୧୨ ପଣି | ଦ ୧ ଟ ୦ ୵ |
| ସୀଲ | ବୋ ୧ ଟ ୦ ୶ |
| ଏକାଳ ଗୁଣ୍ଡି ଏହାକୁ ଅଧ-ଘୋଡ଼ାଏ ଜଳରେ ଗୋଳାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଣ୍ଡିଲ ଟ ୦ ୵୨ |
| ସୀଲଟ ପେନସିଲ | ବ ୧ ଟ ୦ ୷ |
| ରବର | ଖ ୧ ଟ ୦ ୷ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ୰ |
| ଲୁହା କଲମ (ନିବ) ସରୁଆ,ଡ଼ ୧ | ଟ ୦ ୵ |
| ଏକାଳ ମୋଟା | ଡ଼ ୧ ଟ ୦ ୧୧ |
| ଏକାଳ କଡ଼ମାଗନବୋଜନ | ଗୋ ୧ ୦ |
| ନାଡ଼ଚୁଆର ଢ଼ାଙ୍କୁଣି ସହିତ (ଲଠଖାଚାର) | ଗୋ ୧ ଟ ୦ । |
| ଏକାଳ ସାଧାରଣ | ଗୋ ୧ ଟ ୦୵୨ |
| ନକାଫିତା ସରୁଆ | ଖ ୧ ଟ ୦୷ |
| ବୋଉସ୍ତାର ତେଲ ଚୁଡ଼ିସହିତ | ଗୋ ୧ ଟ ୦୶ |
| ମନହେର | ଗୋ ୧ ଟ ୦ ୵ |
| ମୁଣ୍ଡନଘଅରର ଫଣ୍ଟିଛୁରା ଓ ରୁପେଲଡଲଖାଚାର | ଗୋ ୧ ଟ ୨ ।୰ |
| ଲେବେଣ୍ଡର | ଗୋ ୧ ୪ ୧୧ |
| ମେଦସର ଅଏଲ | ଗୋ ୧ ୪ ୦ ୩ |
| ସାବୁନ ସରୁଆ | ଖ ୧ ଟ ୦ ୵୯ |
| ଫଲଦାନ | ଗୋ ୧ ୪ ୧୵ |
| ଦେବାଳଗିର ୨ଭାଜସ୍ତା | ଗୋ ୨ ଟ ୪। |
| ଏକାଳ ଏକଭାଜଆ | ଗୋ ୧ ଟ ୨ |
| ଘେଳ | ଗୋ ୧ ଟ ୨ |
| ଅସ୍କେସ୍କଟ | ଗୋ ୧ ଟ ୵ ୨ |
| ଜାସ | ଦ ୧ ଟ ୦ ୵ |
| ସାନପଗଡ଼ୀ | ଗୋ ୧ ଟ ୫ ୧ |
| ବନାରଶୀ ସମ୍ ଜସ ପିତଳାର୍ ଏହାକୁ କୌଣସି ଖାତରେ ଲୁଣି ଲାଗଁରେ ଭରଲାଇ ଚୋଠା ଖଡର ଫାଟରେ ଲଗାଇ ଦେଲେ ପାଣିପଡ଼ିବାର ବନ୍ଦ ହେବ | ଖ ୧ ଟ ୦ । |

କଟକ ଚୌଧୁରୀ ବଜାର } ଅରତବଲ୍ଲଭ ଦଉ କମ୍ପାନୀ

ଉତ୍କଳଦୀପିକାର,ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ଟ ୨୧

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚା ଟ ୦ ୩ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ଚୌଥେ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉଡ଼ିଆବଜାର ଷ୍ଟେସନ "କଟକପ୍ରିଣ୍ଟିଂ କମ୍ପାନି ସଦରଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. ..

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ସଂ ୨୯ ଭାଗ } ତା ୩୦ ଏଣ ମାହେ ଜୁନ ସନ ୧୮୯୪ ମସିହା । ମୁ । ହ ୧୮ ତ ଅଷାଢ଼ ସନ ୧୩୦୧ ସାଲ ଶନିବାର । { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

ସଂ ୨୬ ସଂଖ୍ୟା } { ପଶ୍ଚାଦ୍ଦେୟ ଟ ୩୲


ଏ ସପ୍ତାହରେ ପ୍ରଥମ ଦୁଇଦିନ ମାତ୍ର ମେଘ ଅବସର ଦେଇଥିଲା । ତହୁଁ ଉତ୍ତାରୁ ପ୍ରାୟ ପ୍ରତିଦିନ ସକାଳବେଳେ ଖରା ଓ ଅପରାହ୍ନରେ ଉଣାଅଧିକ ଏକଅଣ୍ଣା ଲେଖାଏଁ ବୃଷ୍ଟି ହେଉଅଛି । ଏଥିପାଇଁ ଆଶାନୁରୂପ କୃଷିର ସୁବିଧା ନ ହୋଇ କେତେ ଜଲ ଅବଧି ପଡ଼ିଅଛି ରହିଅଛି । ଯାହା ହେଉ ଅଧିକାଂଶ ଯୋତ ବୁଣା ହୋଇ ଗଛା ଉଲ୍ ଉଠିବାର ଶୁଣାଯାଏ ।

———

ଦେଶୀୟ ସିଭିଲୟାନ ଅମ୍ବିକାଚରଣ ସେନ ଜଣାହେବ ଯେ କି ଦୀର୍ଘକାଳ ବଙ୍ଗରେ ଜଏଣ୍ଟମାଜିଷ୍ଟ୍ରେଟୀ ଏବଂ ବନ୍ଦୋବସ୍ତକାର୍ଯ୍ୟ କରି ଅଛନ୍ତି ଆଉ ପୁଣି ଏକଟିଂ ମାଜିଷ୍ଟ୍ରେଟ କଲେକ୍ଟର ହୋଇଥିଲେ ରଙ୍ଗପୁରର ସିଭିଲ ଓ ସେସନଜଜ ହେବାର କଥା ହେଉଅଛି । ସେନମହାଶୟ ବିଲାତକୁ ଯାଇ ସରକାରୀ ବ୍ୟୟରେ କୃଷିବିଦ୍ୟାରେ ଯୋଗ୍ୟତା ଲାଭ କରି ଆସିଥିଲେ । କଲେକ୍ଟର ହୋଇଥିଲେ ସେ ବିଦ୍ୟାର ବଡ଼ ବ୍ୟବହାର ହୋଇଥାନ୍ତା । ଏହାଙ୍କୁ ଜଜୀୟତି ଦେବାର ବିଶେଷ ଅଭିପ୍ରାୟ ବୁଝା ଯାଉ ନାହିଁ ।

———

ମୟୂରଭଞ୍ଜରେ ବ୍ରାହ୍ମବିବାହ ଆରମ୍ଭ ହୋଇ ଅଛି । ସେହି ରାଜ୍ୟ ଅନ୍ତର୍ଗତ ଶୋଭାପକୋଠାନିବାସୀ ଲକ୍ଷଣ ପାତ୍ରଙ୍କର କନ୍ୟା ଚେନାମଣୀଦାସୀ ସହିତ ସେହି ଗ୍ରାମନିବାସୀ ବୈଦ୍ୟନାଥପାତ୍ରଙ୍କର ଗତ ତା ୨ ରଖରେ ବ୍ରାହ୍ମମତେ ବିବାହ ହେବାର ଓଡ଼ିଆ ନବସମ୍ବାଦରେ ପାଠକଲୁଁ । ନୂତନ ଦୃଶ୍ୟହେତୁ ପ୍ରାୟ ୩ ଶତ ଦର୍ଶକ ଉପସ୍ଥିତ ହୋଇ ଥିଲେ । ରାଜସରକାରରୁ ବାବୁ ଗୋବିନ୍ଦଚନ୍ଦ୍ରମହାପାତ୍ର ରେଜଷ୍ଟ୍ରାର ନିଯୁକ୍ତ ହୋଇ ଯାଇଥିଲେ । ଆଚାର୍ଯ୍ୟ ବା ପୁରୋହିତଙ୍କ ନାମ ସହଯୋଗୀ ଲେଖି ନାହାନ୍ତି । ଗୋବିନ୍ଦବାବୁ ବ୍ରାହ୍ମଣପଣ୍ଡିତ ହୋଇ ସେକାର୍ଯ୍ୟ କରି ନ ଥିବେ ।

———

ରେଭଶ ସାହେବଙ୍କ କଥା ବିଲାତର ପାର୍ଲିମେଣ୍ଟ ସଭାରେ ପଡଥିଲା । ସେ ଗତ ଅଗଷ୍ଟ ମାସରେ ଅବକାଶ ପାଇ ଏକବର୍ଷ ଉନ୍ନତ ନ ପାଇବାର ଆଦେଶ ଥିବା ସ୍ଥଳେ ଗତ ଅପ୍ରେଲ ମାସରେ କପରି ଏକଟିଂ ମାଜିଷ୍ଟ୍ରେଟ ହେଲେ ଶ୍ରୀଯୁତ ଡେଭରଲ ସାହେବ ଏହି ପ୍ରଶ୍ନ କରନ୍ତେ ନିମ୍ନ ସେକ୍ରେଟରୀ ବୁଝାଇ ଦେଲେ ଯେ ରେଭଶ୍ ସାହେବ ସେହିଠାରେ ଥିଲେ ବୋଲି ତାହାଙ୍କୁ ଅଳ୍ପଦିନ ନିମନ୍ତେ ଏକଟିଂ ରଖା ଗଲା । ଅନ୍ୟ ସ୍ଥାନରୁ ତାହାଙ୍କୁ ଆଣିଲେ ସେଠା କାର୍ଯ୍ୟର ଅସୁବିଧା ଘଟିଥାନ୍ତା । ଏହି ଉତ୍ତରରେ ସଭା ବୋଧ ପାଇଲେ । ଏଣେ ରେଭଶ୍ ସାହେବ ଜଏଣ୍ଟ ମାଜିଷ୍ଟ୍ରେଟ ହୋଇ ଗଲେ । ଯାହାଙ୍କ ହାତରେ ଅଧିକାର ଅଛି ସେ ସବୁ କରି ପାରନ୍ତି ।

———

ବାଲେଶ୍ୱର ନଗରସ୍ଥ ସାରଙ୍ଗାଣୀ ପଡ଼ିଆରେ ପ୍ରତିବର୍ଷ ରଥଙ୍କାନ୍ତ ସମୟରେ ନ ଓ ଜ ବାଗୁଡ଼ି ଖେଳ ହୁଏ ଓ ତାହା ଦେଖିବାକୁ ଅନେକ ଲୋକ ସମବେତ ହୁଅନ୍ତି । ସମ୍ବାଦବାହକାରୁ ଅବଗତ ହେଲୁଁ ଯେ ସବ ଡେପୁଟୀ ବାବୁ ଅଭୟଚରଣ ଦାସ ଓ ଜମିଦାର ବାବୁ ରାଧାଚରଣ ଦାସଙ୍କ ଉଦ୍ୟୋଗ ଓ ସାହାଯ୍ୟରେ ଏବର୍ଷ ଏହି ଆମୋଦ ଉତ୍କୃଷ୍ଟଭାବରେ ହୋଇଥିଲା । ଯେଉଁମାନେ ଦୌଡ଼ିବା, ଡେଇଁବା ପହଁରିବା, ଲଙ୍ଗର ଟେକିବା, ରସି ଟାଣିବା ଇତ୍ୟାଦି ବଳକର କାର୍ଯ୍ୟରେ ପ୍ରତିଯୋଗିତାରେ ଶ୍ରେଷ୍ଠ ହେଲେ ସେମାନେ ଉପଯୁକ୍ତ ପୁରସ୍କାର ପାଇଲେ । ସ୍ଥାନୀୟ ହିତକର ଆମୋଦରେ ଯୋଗ ଏବଂ ଉତ୍ସାହ ଦେବା ଅବଶ୍ୟ ପ୍ରଶଂସନୀୟ ଅଟେ ।

———

ବଙ୍ଗବାସୀ ଶୁଣିଅଛନ୍ତି କି ସିମଲଠାରୁ ବର୍ଣ୍ଣୀଙ୍କୁ ହୁକୁମ ଆସିଅଛି ଯେ ପାଦ୍ରୀମାନେ ହାଟରେ ଧର୍ମପ୍ରଚାର କରି ପାରିବେ ନାହିଁ । ଯେବେ ଏସମ୍ବାଦ ସତ୍ୟ ହୁଏ ତେବେ ସର୍ବାଂଶ ଏହିପରି ନିଷେଧ ଆଜ୍ଞା ହୋଇପାରେ । ମାତ୍ର ଗବର୍ଣ୍ଣମେଣ୍ଟ କୌଣସି ଧର୍ମପ୍ରଚାରସମ୍ବନ୍ଧରେ ଏପରି ହୁକୁମ ଦେଇ ପାରନ୍ତି କି ? ସମ୍ଭବତଃ ଜନତା ଦ୍ୱାରା ହାଟର ଅବରୋଧ ନିବାରଣାର୍ଥେ ଏପରି ହୋଇଥିବ ଏବଂ ଏ ପ୍ରକାର ଅବରୋଧ ସମୟେ ସମୟେ ଘଟିବାର ଦେଖା ଯାଏ । ହାଟମଧ୍ୟରେ ବୃକ୍ଷତଳ

Digitized by srujanika@gmail.com

Split by PDF Splitter



ଭଲ ନୁହେ ବୋଲି ଏ ଦେଶରେ ପ୍ରାଚୀନ ପ୍ରବାଦ ଅଛି । ବାସ୍ତବରେ ସାଧାରଣ ବାଟମାନ ଧର୍ମପ୍ରଚାରର ଉପଯୁକ୍ତ ସ୍ଥାନ ନୁହେ । ପ୍ରଚାରକମାନଙ୍କର ତହିଁ ନିମନ୍ତେ ବିଶେଷ ସ୍ଥାନ ହେବା ଉଚିତ ।

---

ଗତ ବି, ଏ, ପରୀକ୍ଷାରେ ହାରିଯାଇଥିବା ଜଣେ ଛାତ୍ର କଲିକତା ହାଇକୋର୍ଟରେ ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ଯେଉଁ ମୋକଦ୍ଦମା କରିଥିଲା ଏବଂ ଯହିଁରେ ବିଶ୍ୱବିଦ୍ୟାଳୟ ନାମରେ ରୁଲ ଜାରି ହୋଇଥିଲା ତହିଁର ଶେଷ ନିଷ୍ପତ୍ତି ହୋଇ ଯାଇଅଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ଫିଲିପ ସାହେବ ଏବଂ ଛାତ୍ରପକ୍ଷରୁ ଶ୍ରୀଯୁକ୍ତ ପିଉସାହେବ ବାରିଷ୍ଟରମାନେ ଅନେକ ତର୍କ ବିତର୍କ କରିଥିଲେ ମାତ୍ର ବିଚାରପତି ମାନ୍ୟବର ସେଲ ସାହେବ ଉପାଧିପ୍ରଦାନର ଅଧିକାର ଏକମାତ୍ର ବିଶ୍ୱବିଦ୍ୟାଳୟର ଅଟେ । ଅଦାଲତଙ୍କର ତହିଁରେ ହସ୍ତକ୍ଷେପ କରିବା ନ୍ୟାଯ୍ୟ ସଙ୍ଗତ ନୁହଇ । ସୁତରାଂ ଖରଚ ସହିତ ରୁଲ ଅଗ୍ରାହ୍ୟ ହେଲା । ଛାତ୍ର ବିଚାରା ଖରଚ ଦେଇ ଉଚିତ ଶିକ୍ଷା ପାଇଲା ଏବଂ ଅନେକଙ୍କ ମନର ସନ୍ଦେହ ଘୁଞ୍ଚିଗଲା ।

---

ଗତ କେତେକ ମାସ ହେଲା ଅନେକ ସୁନା ଏଦେଶରୁ ବିଦେଶକୁ ରପ୍ତାନି ହେଉଅଛି । ଏହା ଗତ ମଇମାସରେ ଏକକୋଟି ଟଙ୍କାମୂଲ୍ୟର ସୁନା ବାହାରି ଯାଇଅଛି । ଭାରତବର୍ଷରେ ସୁନା ବିଶେଷ ପରିମାଣରେ ଉତ୍ପନ୍ନ ହେଉଥିବା ପ୍ରତ୍ୟକ୍ଷ ଏତେ ସୁନା ବିଦେଶକୁ ପ୍ରେରିତ ହେବାରୁ ଅନୁମାନ ହେଉ ଅଛି ମୂଲ୍ୟ ଛେକ ହେବାର ଦେଖି ସୁନା କିଣି ପାରୁ ନାହାନ୍ତି ବରଂ ଅର୍ଥର ପ୍ରୟୋଜନ ମେଣ୍ଟାଇବା କାରଣ ଅନ୍ୟାନ୍ୟ ଦ୍ରବ୍ୟାପେକ୍ଷା ଅଧିକ ମୂଲ୍ୟ ପାଇବା ଲାଗି ସୁନା ବିକ୍ରୟ କରୁଅଛନ୍ତି । ଏହାକୁ ଦେଶର ଦରିଦ୍ରତାର ପ୍ରମାଣ ଭିନ୍ନ ଆଉ କ ବୋଲା ଯିବ । ବିଶେଷ ଲକ୍ଷ୍ମୀ ନ ହେଲେ ପ୍ରାପ୍ତ ଭାରତବାସୀ ହାତରୁ ସୁନା ଛାଡ଼ିଦଅନ୍ତେ ନାହିଁ ସୁତରାଂ ବିଦେଶକୁ ରପ୍ତାନି ନ ହୋଇ ପୂର୍ବପ୍ରାୟ ବିଦେଶରୁ ଆମଦାନି ହେଉଥାନ୍ତା । ବାସ୍ତବରେ ଆଜିକାଲି ପେଟଚଳା ସବୁଠାରୁ ବଳଅଛି ।

---

ନୟାଗଡ଼ର ବରଖାସ୍ତ ଦେବାନ ଶ୍ରୀ ଋଷିକର ଦିହିକ ନାମରେ ମୋକଦ୍ଦମା ଉପସ୍ଥିତ ହୋଇଥିବାରୁ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ତହିଁର ବିଚାର ନିମନ୍ତେ-ଉକ୍ତ ବଛା ଯାଇଥିଲେ । ଦେବାନଙ୍କ ନାମରେ ଅନେକ ହୋଇଥିବା ଫୌଜଦାରୀ ମୋକଦ୍ଦମା ମଧ୍ୟରୁ ଗୋଟିଏ ଡିସମିସ ହୋଇ ଅନ୍ୟଟିରେ ତାହାଙ୍କ ଉପରେ ବିଶ୍ୱାସଘାତକତାର ଅଭିଯୋଗ ହୋଇଥିଲା । ଏଥିର ସଂକ୍ଷେପ ବିବରଣ ଏହି କି ରାଜାଙ୍କପକ୍ଷରୁ ଏକବ୍ୟକ୍ତିଙ୍କ ଧାନ ଅଟକ ହୋଇଥିଲା ଋଷିକରଙ୍କ ଛାଡ଼ିଦେବାରୁ ସେ ବ୍ୟକ୍ତି ଧାନ ନେଇଗଲା । ଗତ ମଙ୍ଗଳବାର ଧବଳେଶ୍ୱରପଠାରେ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏ ମୋକଦ୍ଦମାର ବିଚାର କରି ଋଷିକର ଦିହିଂକ ପ୍ରତି ଏକବର୍ଷ କାରାବାସ ଏବଂ ଟ୨୦୦ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ସମୟ ଦେଖି ନ ଥିବାରୁ ଏ ବିଷୟରେ ବର୍ତ୍ତମାନ ଅଧିକ କିଛି କହି ନ ପାରୁଁ

—○※○—

ବର୍ଷାକାଳ ହେତୁ ମୋଫସଲରେ ବନ୍ଦୋବସ୍ତ କାର୍ଯ୍ୟ ସ୍ଥଗିତ ହୋଇ ଗତ ଦୁଇ ସପ୍ତାହରୁ ଏ ନଗରରେ କାର୍ଯ୍ୟ ଲାଗିଅଛି । ନଗରବାସିଙ୍କ ପାରଚା ମୁଲାହିଜା ଓ ପାରଚା ବିତରଣ କାର୍ଯ୍ୟ ହେଉଅଛି । ବଡ଼ ଦୁଃଖର ବିଷୟ ଯେ କାର୍ଯ୍ୟନିର୍ବାହର ସୁବନ୍ଦୋବସ୍ତ ଅଭାବରେ ପଲ ୨ ଲୋକ ଜନାଗଇ ଗୃହ ପାଞ୍ଚଦିନ କଚେରୀକୁ ଦୌଡ଼ି ୨ କାର୍ଯ୍ୟ ଲଭି ପାରୁ ନାହାନ୍ତି । ଅଜ କାଲି ଯେପରି କଠିନ ସମୟ ପଡ଼ିଅଛି ଦିନମାନ ମୂଲ ଲାଗିଲେ ସିନା ପେଟ ପୂରାଇ ଖାଇବାର ସଙ୍ଗତି ହେଉ ନାହିଁ । ଏଣେ କଚେରୀ ନ ଗଲେ ଜମିମାନ ତେଣେ ନିକେସରେ ପଡ଼ିରହିଲେ ପରେ ଉପବାସ ଓ ବୃଷ୍ଟିଜଳ ଭିନ୍ନ ବୁଡ଼ି ଦେବ ନାଶ । ଦୟାବାନ୍ ଗବର୍ଣ୍ଣମେଣ୍ଟ ପ୍ରଜାଙ୍କ କଷ୍ଟ ନିବାରଣ ନିମନ୍ତେ ଅହରହ ଚେଷ୍ଟିତ ଥିବା ପ୍ରତ୍ୟକ୍ଷ କେବଳ ବନ୍ଦୋବସ୍ତର ବ୍ୟୟ ଲାଘବ ଉଦ୍ଦେଶ୍ୟରେ ଲୋକଙ୍କର ଏତେ କଷ୍ଟର କଥା ବୁଝୁ ନାହାନ୍ତି ଏହା କେବଳ ଆମ୍ଭମାନଙ୍କର କପାଳ ଦୋଷ ବିନା ଆଉ କ ହୋଇବା ?

---

ବମ୍ବେଇ ଗବର୍ଣ୍ଣମେଣ୍ଟଙ୍କ ଅନୁବାଦକ ମିରଜା ଅଲି ବେଗ ଆପଣାକୁ ହିନ୍ଦୁ ପରିଚୟ ଦେଇ ମହାବଳେଶ୍ୱର ମନ୍ଦିରମଧ୍ୟରେ ପ୍ରବେଶ କରିଥିଲେ । ଶେଷରେ ଜଣା ପଡ଼ିବାରୁ ମନ୍ଦିର-ସମ୍ପର୍କୀୟ ହିନ୍ଦୁମାନଙ୍କ ଦ୍ୱାରା ମନେ ବମେଇ ଗବର୍ଣ୍ଣମେଣ୍ଟ ଏ ବିଷୟର ତଦନ୍ତ କରି ଜାଣିଅଛନ୍ତି କି ଏହି ଘଟଣାରେ ହିନ୍ଦୁମାନଙ୍କର ଅବଶ୍ୟ ମନ ଦୁଃଖ ହୋଇଥିବ ଏବଂ ଏଥିପାଇଁ ଗବର୍ଣ୍ଣମେଣ୍ଟ ଏବଂ ସ୍ୱୟଂ ମିରଜା ସାହେବ ଦୁଃଖିତ ଅଛନ୍ତି । ମାତ୍ର ଗବର୍ଣ୍ଣମେଣ୍ଟଙ୍କର ହୃଦ୍‌ବୋଧ ହୋଇ ଅଛି ଯେ ମିରଜା ସାହେବଙ୍କର ଆପଣା ଜାତି ବିଷୟରେ ମନ୍ଦିର ରକ୍ଷକମାନଙ୍କୁ ଇଚ୍ଛାପୂର୍ବକ ଠକାଇବାର ଅଭିପ୍ରାୟ ନ ଥିଲା ଏବଂ ହିନ୍ଦୁମାନଙ୍କ ଧର୍ମଶାସ୍ତ୍ରରେ ଯେ ସମସ୍ତ କଥା ଲେଖା ଅଛି ସେ ସମସ୍ତ ଭ୍ରମମୂଳକ ଥିବାର ଜଣାଯାଏ । ସୁତରାଂ ମିରଜା ସାହେବ ନିର୍ଦ୍ଦୋଷୀ ସ୍ୱରୂପ ଅବ୍ୟାହତି ପାଇଲେ । ବୋଲିବା ବାହୁଲ୍ୟ ଯେ ଏବିଚାରରେ ସେଠା ହିନ୍ଦୁ ସମ୍ପ୍ରଦାୟ ଅସନ୍ତୋଷ ହୋଇ ଅଛନ୍ତି । ଏପରି ବିଷୟର ହେତୁ ହିନ୍ଦୁ ଓ ମୁସଲମାନ ମଧ୍ୟରେ ବିସମ୍ବାଦ ବଢିବା ଆଶ୍ଚର୍ଯ୍ୟ ନୁହେ ।

---

ରମଣୀମାନେ ସ୍ୱଭାବତଃ ଅଭିମାନୀ କିନ୍ତୁ ଏଦେଶର ରମଣୀମାନଙ୍କର ଅଭିମାନ ଅଧିକ ହେଲେ ଆତ୍ମହତ୍ୟା ତହିଁର ପରିଣାମ । ଆମ୍ଭେମାନେ ଅନୁମାନ କରୁଁ ଓଡ଼ିଶାରେ ଯେତେ ସ୍ତ୍ରୀ ଆତ୍ମହତ୍ୟା କରନ୍ତି, ଲୋକସଂଖ୍ୟା ଅନୁପାତରେ ଅନ୍ୟ କୌଣସି ଦେଶରେ ସେତେ ଆତ୍ମହତ୍ୟା ଶୁଣାଯାଏ ନାହିଁ । ଏଦେଶରେ ସାମାନ୍ୟ ପାରିବାରିକ କଳହ ବା ଦୁଇପଦ ଭର୍ତ୍ସନା ଆତ୍ମହତ୍ୟାର ପ୍ରବୃତ୍ତି ଜନ୍ମାଇ ଦିଏ—ଲଜ୍ଜା, ଶୋକ ବା ରୋଗର କଷ୍ଟ ଅନେକ ସ୍ଥଳେ ଆତ୍ମହତ୍ୟାର କାରଣ । କୌଣସି ୨ ଦେଶରେ ଅଫିମ ଖାଇ ସ୍ତ୍ରୀଲୋକମାନେ ଆତ୍ମହତ୍ୟା କରନ୍ତି କିନ୍ତୁ ଗଳାରେ ପାଶ ଲଗାଇ ବା ପାଣିରେ ବୁଡ଼ିସାନ ବଳା ବ୍ୟସ୍ତରେ ଆତ୍ମହତ୍ୟା କରିବା ଓଡ଼ିଶାରେ ସାଧାରଣ ଉପାୟ । ପୁରୁଷମାନେ ଯଦି ଆତ୍ମହତ୍ୟା କରିବାକୁ ପ୍ରବୃତ୍ତ ହେଲେ ପ୍ରଥମୋକ୍ତ ଉପାୟ ଅବଲମ୍ବନ କରନ୍ତି । ଆତ୍ମହତ୍ୟାକାରିଣୀମାନଙ୍କ ମଧ୍ୟରେ ଯୁବତୀ ସ୍ତ୍ରୀମାନଙ୍କ ସଂଖ୍ୟା ଅଧିକ କାରଣ ସେମାନେ ସାମାନ୍ୟ କାରଣରୁ ଜୀବନକୁ ତୁଚ୍ଛ ମଣନ୍ତି । ଏହା ସମାଜର ଗୋଟିଏ କଳଙ୍କ କିନ୍ତୁ ଆତ୍ମହତ୍ୟା ବନ୍ଦ ହେଲେ ଏ ଦେଶରେ ଅନେକ ପୋଲିସକର୍ମଚାରୀ ବର୍ଷରେ ଛଅମାସ ଉପବାସ ରହିବେ ।

---

ବଙ୍ଗଳାର ପାଗଳଖାନାସମୂହର ଗତବର୍ଷ-ବିବରଣୀରୁ ପ୍ରକାଶ ଯେ ଉକ୍ତବର୍ଷ ଆରମ୍ଭରେ ସର୍ବସୁଦ୍ଧା ୯୩୧ ଜଣ ପାଗଳ କଏଦ ଥିଲେ ।

Digitized by srujanika@gmail.com

Split by PDF Splitter



ବର୍ଷ ମଧ୍ୟରେ ନ ୨୦୫ ଜଣ ଭର୍ତ୍ତି ହେଲେ ଏବଂ ନ ୨୪୦ ଜଣ ଖଲାସ ପାଇଲେ ସୁତରାଂ ବର୍ଷଶେଷରେ ନ ୯୧୬ ଜଣ କଏଦ ରହିଲେ । ଏଥିରୁ ଦେଖାଯାଏ ଯେ ପାଗଳ କଏଦଙ୍କ ସଂଖ୍ୟା ଗତବର୍ଷଠାରୁ ଊଣା ହୋଇଅଛି ଏବଂ ରିପୋର୍ଟରୁ ଜଣାଯାଏ ଯେ ଗତ ଦଶବର୍ଷରୁ ପାଗଳ ସଂଖ୍ୟା କ୍ରମାଗତ ଊଣା ହେଉଅଛି । ଏପର ବର୍ଣ୍ଣିତ ବର୍ଷରେ ପୀଡ଼ିତ ମୃତ୍ୟୁ ସଂଖ୍ୟା ପୂର୍ବଠାରୁ ଊଣା ହୋଇଅଛି । ଏ ସମସ୍ତ ଅବଶ୍ୟ ସନ୍ତୋଷଜନକ ଅଟଇ ଏବଂ ଏଥିରୁ ପ୍ରକାଶ ପାଉଅଛି ଯେ ପାଗଲଖାନାମାନଙ୍କର ତତ୍ତ୍ୱାବଧାନ ଉତ୍ତମରୂପେ ହେଉଅଛି ।

ବର୍ଣ୍ଣିତ ବର୍ଷରେ ଯେଉଁ ନ ୨୦୫ ଜଣ ଭର୍ତ୍ତି ହେଲେ ସେହିମଧ୍ୟ ରୁ ନ ୫୦ ଜଣ ଗଞ୍ଜେଇ ଖାଇ ପାଗଲ ହେବାର କଥିତ ହୁଅଇ । ଏଥିରୁ ମାନ୍ୟବର ଲେଫ୍ଟେନାଣ୍ଟ ବିବେଚନା କରନ୍ତି କି ଯେଉଁ ପାଗଲ ଗଞ୍ଜେଇ ଖାଏ ବୋଲି ପୁଲିସ ରିପୋର୍ଟ କରନ୍ତି ତାହାର ବାଉଳିତାର କାରଣ ଗଞ୍ଜେଇ ଥିବାର ଅତି ସହଜରେ ଅନୁମାନ କରାଯାଏ ଏବଂ ସେ ଡାକ୍ତର ହାରଭିଙ୍କ ସହିତ ଐକ୍ୟ ହୋଇ ବିବେଚନା କରନ୍ତି କି ଗତବର୍ଷମାନଙ୍କରେ ଅନେକସ୍ଥଳେ ଅଭିଜ୍ଞ ଅଯଥାର୍ଥ କାରଣରେ ଗଞ୍ଜେଇ ବାଉଳତାର କାରଣସ୍ୱରୂପ ବର୍ଣ୍ଣିତ ହୋଇଅଛି । ଯାହା ହେଉ ଲୋକଙ୍କର ସାମାଜିକ ଏବଂ ନୈତିକ ଅବସ୍ଥାପ୍ରତି ଗଞ୍ଜେଇର ଫଳାଫଳ ବର୍ତ୍ତମାନ ଗଞ୍ଜେଇକମିଶନରମାନଙ୍କର ବିଚାରାଧୀନ ଅଛି ସେମାନଙ୍କର ରିପୋର୍ଟ ବାହାରିଲେ କେତେ ଗଞ୍ଜେଇ ବାଉଳତାର କାରଣ ଅଟେ ପ୍ରକାଶ ପାଇବ ।

---

ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ଗତ ତା ୧୯ ରିଖରେ କମେଲପୁରର ଏକ ସଭାକୁ ବାଟେ ୮ ଜଣ ହିନ୍ଦୁ ବାଜା ବଜାଇ ଗୋଟିଏ ଶବ ଶ୍ମଶାନକୁ ନେଇ ଯାଉଥିଲେ । ସେହି ଶବ ଯେତେବେଳେ ଗୋଟାଏ ମସଜିଦ ସମ୍ମୁଖରେ ପହଞ୍ଚିଲା ସେତେବେଳେ ସେହି ମସଜିଦରୁ କେତେଜଣ ମୁସଲମାନ ବାହାରି ବାଜା ବନ୍ଦ କରିବାକୁ କହିଲେ । ଶବବାହକମାନେ ତାହା ମାନିଲେ ନାହିଁ । ତହିଁ ଅରୁ କେତେଜଣ ମୁସଲମାନ ନିକଟସ୍ଥବାସୀ ମୁସଲମାନଙ୍କ ସଙ୍ଗେ ମିଶି ମାରପିଟ ଆରମ୍ଭ କଲେ । ହିନ୍ଦୁମାନେ ଭୟରେ ଶବ ପକାଇ ଦେଇ ପଳାଇ ଗଲେ ପୁଲିସ ସମ୍ବାଦ ପାଇ ସେଠାରେ ପହଞ୍ଚିଲା ମାତ୍ର ମୁସଲମାନମାନେ ମଧ୍ୟ ପଳାଇଲେ । ପୁଲିସ ଆପଣା ମନୁଷ୍ୟଦ୍ୱାରା ଶବକୁ ଶ୍ମଶାନ ଘାଟକୁ ପଠାଇ ଦେଲେ । ପୁଲିସ ମୋକଦ୍ଦମାର ତଦନ୍ତ କରି ଏକଜଣ ହିନ୍ଦୁ ଓ ଏଗାରଜଣ ମୁସଲମାନ ଗିରଫ୍ତାର କରି ଚାଲାନ ଦେଇ ଅଛନ୍ତି । ବିଚାରରେ ଯାହା ହେବ ଏପରେ ପ୍ରକାଶ ପାଇବ । ସେ ସମ୍ବନ୍ଧରେ ଆମ୍ଭମାନଙ୍କର ବର୍ତ୍ତମାନ କିଛି କହିବାର ନାହିଁ । ମାତ୍ର ହିନ୍ଦୁ ମୁସଲମାନଙ୍କର ବିବାଦ କ୍ରମାଗତ ବୃଦ୍ଧି ହେବା ବଡ଼ ଦୁଃଖର ବିଷୟ ଅଟେ ଏବଂ ଗବର୍ଣ୍ଣମେଣ୍ଟ ଏହା ନିବାରଣର କଠିନ ବିଧାନ ନ କଲେ ରକ୍ଷା ନାହିଁ ।

---

ଓଡ଼ିଶାର ଆଗାମି ବନ୍ଦୋବସ୍ତରେ ଆମ୍ଭମାନଙ୍କର କି ଦଶା ଘଟିବ ବର୍ତ୍ତମାନ କୋଲିପାରି ନ ପାରେ । ଲୋକେ ନାନା ପ୍ରକାର ଅମଙ୍ଗଳର ଆଶଙ୍କା କରୁ ଅଛନ୍ତି । ଈଶ୍ୱର କରନ୍ତୁ ସେ ଆଶଙ୍କାମାନ ଅମୂଳକ ହେଉ । ମାତ୍ର ଏତେବ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ଦିନଠାରୁ ନାନା ଅମଙ୍ଗଳର ସୂଚନା ଦେଖି ଭଲର ଆଶା ମନରେ ସ୍ଥାନ ପାଉ ନାହିଁ । ଗତ ତିନିବର୍ଷ ହେଲା କାର୍ଯ୍ୟାରମ୍ଭ ସଙ୍ଗେ ଅନିଷ୍ଟ ଉପସ୍ଥିତ ହୋଇ ଏପର୍ଯ୍ୟନ୍ତ ଛାଡ଼ିବାକୁ ନାହିଁ । ଭୂସମ୍ପତ୍ତିର ଦର କ୍ରମାଗତ ଊଣା ହେଉଅଛି ଅଥଚ ବିକ୍ରୟ ଗଡ଼ତ ଅଧିକ ହେଉ ଅଛି । ଆଗାମି ବନ୍ଦୋବସ୍ତରେ କିପରି ଜମା ଧାର୍ଯ୍ୟ ହେବ ଓ ସତ୍ତ୍ୱାସତ୍ତ୍ୱର କିପରି ବିବେଚନା ହେବ ଜଣା ନ ଥିବାରୁ ଭୂମିର ମୂଲ୍ୟ ଊଣା ହେବାର ପ୍ରଧାନ କାରଣ ଅଟଇ ଏଥି ଦୃଷ୍ଟିରୁ ଗତବାର୍ଷିକ ରିପୋର୍ଟରେ ଦେଖିଲୁଁ ଯେ ଏଠା ସର୍ଭେ ସ୍କୁଲ ଉଠିଯିବାର ପ୍ରସ୍ତାବ କରି ମାନ୍ୟବର ଲେଫ୍ଟେନାଣ୍ଟ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ସଙ୍ଗେ ତହିଁର ବିଚାର କରୁଅଛନ୍ତି । ମାନ୍ୟବର ମହୋଦୟ କହନ୍ତି କି ଯେବେ ପାଟନା ଏବଂ କଟକର ସର୍ଭେ ସ୍କୁଲମାନ ଆମିନକାର୍ଯ୍ୟ ନିମନ୍ତେ ଯୋଗ୍ୟଲୋକ ଯୋଗାଇବାକୁ ଅକ୍ଷମ ହେଲେ ତେବେ ଏହାକୁ ରଖିବାର ଆଉ ପ୍ରୟୋଜନ କିସ ? ଏବସ୍ତୁବକୁ ଘଟାନ୍ତିଇ ନାହିଁ ! ପ୍ରୟୋଜନୀୟ ଶିକ୍ଷାଦେବା ଆପଣଙ୍କ ଆଦେଶ ଉପରେ ନିର୍ଭର କରେ । ଆପଣ ଯାହା ଶିକ୍ଷା ଦେବାର ନିୟମ କଲେ ପିଲାମାନେ ତାହା ଶିଖିଲେ । ତହିଁରେ ସେମାନେ ଯୋଗ୍ୟ ହୋଇ ପାରୁ ନାହାନ୍ତି ଏମନ୍ତ ପ୍ରକାଶ ପାଇ ନାହିଁ ଅଧିକାବଶ୍ୟ ଶିଖାଇବାକୁ କେହି ମନା କରୁ ନାହିଁ ଜଣବନ୍ଦବସ୍ତ ମାନେ ପଶ୍ଚିମ ଲୋକଙ୍କୁ ଭଲ ପାଇ ଦେଶୀୟ ଲୋକଙ୍କୁ ଅବହେଳା କଲେ ନାହିଁ ଏବଂ ଶସ୍ତାକୁ ଲକ୍ଷ୍ୟକରି ଏମନ୍ତ ଠିକା ବେତନ ବାନ୍ଧିଦେଲେ ଯେ ମାସକୁ ୨୮ ଟଙ୍କା ପାଇବା କଠିନ ହେଲା । ଆମିନମାନେ ପ୍ରଜାଙ୍କୁ ଠକାଇ ପେଟପାଳିଲେ ଓ କାର୍ଯ୍ୟ ବଗାଡ଼ିଲେ । ଶିକ୍ଷିତ ଲୋକମାନେ ଏପରି କାର୍ଯ୍ୟ ନ କଲେ ବୋଲି ଅଯୋଗ୍ୟ ହେଲେ ଓ ତହିଁପାଇଁ ସ୍କୁଲ ଉଠିଯିବାର କଥା । ଓଡ଼ିଶା କପାଳରେ କି କେବେ ଭଲଦଶା ନାହିଁ ।

---

## ଓଡ଼ିଶା ବନ୍ଦୋବସ୍ତ କାର୍ଯ୍ୟ ।

ସନ ୧୮୯୩ ସାଲ ସେପ୍ଟମ୍ବର ମାସ ତା ୩୦ ରିଖରେ ଶେଷ ହେବାବର୍ଷ ବାବତ ବଙ୍ଗପ୍ରଦେଶର ଜରୀପ ଓ ବନ୍ଦୋବସ୍ତ ବିଭାଗର କାର୍ଯ୍ୟବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁରଙ୍କ ମନ୍ତବ୍ୟ ପ୍ରକାଶିତ ହୋଇଅଛି । ତହିଁରୁ ଓଡ଼ିଶାବନ୍ଦୋବସ୍ତ ସଂକ୍ରାନ୍ତ ନିମ୍ନଲିଖିତ ବିବରଣମାନ ଉଦ୍ଧାର କରି ପାଠକମାନଙ୍କ ଜାଣିବା କାରଣ ଏଠାରେ ପ୍ରକାଶ କଲୁଁ ।

ପୁରୀଜିଲ୍ଲାରେ ୧୫୬୦ ମୌଜାକୁ ୧୪ ଲକ୍ଷ ଏକର, କଟକରେ ୪୮୬୨ ମୌଜାକୁ ୪୦୪ ଲକ୍ଷ ଏକର ଏବଂ ବାଲେଶ୍ୱରରେ ୨୦୪୨ ମୌଜାକୁ ୨୬ ଲକ୍ଷ ଏକର ଭୂମିର ଜରିପ ହୋଇ ତହିଁର ନକ୍ସା ଓ ଲିପି ପ୍ରସ୍ତୁତ ହୋଇଅଛି । ଏଥିରେ ବର୍ଗମାଇଲ ପ୍ରତି ଟ ୧୭୨ ଙ୍କା ଏବଂ ମାଣପ୍ରତି ଟ ୦।୮ ଖରଚ ପଡ଼ିଅଛି । ଏଥି ପୂର୍ବବର୍ଷ ବର୍ଗମାଇଲ ପ୍ରତି ଟ ୧୫୭ ଙ୍କା ବ୍ୟୟ ପଡ଼ିଥିଲା । ଏବର୍ଷ ଅଧିକ ହେବାର କାରଣ ଏହି କି ପୂର୍ବ ବର୍ଷର କାର୍ଯ୍ୟ କେତେ ଅଯୋଗ୍ୟ କର୍ମଚାରୀ ହାତରେ ଥିବାରୁ ଭ୍ରମ ସଂଶୋଧନରେ ଅନେକ ବ୍ୟୟ ପଡ଼ିଲା । ଏତିକି ସବୁବେ ଓ ବନ୍ଦୋବସ୍ତ କର୍ମଚାରୀମାନେ ମିଶି କାର୍ଯ୍ୟ କରିବାର ଏବଂ ନକ୍ସା ନିମନ୍ତେ ସବୁବେ କର୍ମଚାରୀ ଓ କାଗଜ-ପତ୍ର ନିମନ୍ତେ ରେକର୍ଡକର୍ମଚାରୀ ଦାୟୀଗ୍ରସ୍ତ ହେବାର ନିୟମ ହେବାରୁ କାର୍ଯ୍ୟ ଭଲ ହେବାର ଆଶା ଅଛି । ମାନ୍ୟବର ଲେଫ୍ଟେନାଣ୍ଟ ବୁଝି ଅଛନ୍ତି ଯେ ହିନ୍ଦୋସ୍ତାନୀ ଆମିନ ବଦଳରେ ଓଡ଼ିଆ ଆମିନ ନିଯୁକ୍ତ କରିଥିଲେ ଅଳ୍ପ ବ୍ୟୟରେ ଭଲକାର୍ଯ୍ୟ ହୋଇଆନ୍ତା । କଥିତ ହୁଅଇ ଯେ ଲୋକମାନେ ଜରିପ କାର୍ଯ୍ୟରେ ବଡ଼ ମନୋଯୋଗୀ ନ ଥିଲେ ଏବଂ ସେମାନେ ଉପ-

Digitized by srujanika@gmail.com

Split by PDF Splitter



ସ୍ଥିର ନ ହେବାର କର୍ମଚାରୀମାନେ ଗୁହାରି କରୁ ଅଛନ୍ତି ।

ବନ୍ଦୋବସ୍ତକର୍ମଚାରୀମାନେ ଗତ ବର୍ଷରେ ପ୍ରଧାନତଃ ଅଟେଷ୍ଟେସନ ଅର୍ଥାତ୍ କାଗଜ ପରତାଲ ବା ମୁକାବିଲା କାର୍ଯ୍ୟରେ ନିଯୁକ୍ତ ଥିଲେ । ପୂର୍ବ ବର୍ଷର କାର୍ଯ୍ୟ ମିଶାଇ ସର୍ବସୁଦ୍ଧା ଏପର୍ଯ୍ୟନ୍ତ କଟକରେ ୧୬୪ ଲକ୍ଷ ଏକର ପୁରୀରେ ୧୪୸୵ ଲକ୍ଷ ଏକର ଏବଂ ବାଲେଶ୍ୱରରେ ୨ ଲକ୍ଷ ଏକର ପରତାଲ ହୋଇଅଛି । ଏଥିରୁ ଦେଖା ଯାଏ ଯେ ପୁରୀର ପରତାଲ କାର୍ଯ୍ୟ ଶେଷ ହୋଇଅଛି ମାତ୍ର କଟକରେ ଦଶପଣ ଏବଂ ବାଲେଶ୍ୱରରେ ପ୍ରାୟ ୪୸ ପଣ କାର୍ଯ୍ୟ ବାକି ଅଛି । ଜମାବନ୍ଦି କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ପୂର୍ବବର୍ଷର କାର୍ଯ୍ୟରେ ଭ୍ରମ ଥିବାରୁ ପରତାଲ କାର୍ଯ୍ୟ ମଧ୍ୟ ଅଧିକ ହୋଇ ପାରିଲା ନାହିଁ । ଅସିଷ୍ଟାଣ୍ଟ ବନ୍ଦୋବସ୍ତକର୍ମଚାରୀ ନାଥନସାହେବ କୋଠଦେଶ ପରଗନାର କେତେକ ମୌଜାର ଜମାବନ୍ଦି କାଗଜ ପରୀକ୍ଷା ସ୍ୱରୂପ ପ୍ରସ୍ତୁତ କରି ଉଚ୍ଚ ହାର୍ କିପରି ସ୍ଥିର କରିବାକୁ ହେବ ତହିଁର ପ୍ରଣାଳୀ ଦେଖାଇ ଏକ ରିପୋର୍ଟ ଦେଇ ଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଏଥିର ବିଚାର କରୁ ଅଛନ୍ତି । ମାନ୍ୟବର ଲେଫ୍ଟେନାଣ୍ଟ ଅଲ୍ପଦିନ ତଳେ ଓଡ଼ିଶାକୁ ଆସିଥିବା କାଳରେ ଜମାବନ୍ଦି କାର୍ଯ୍ୟ କରିବା ସମ୍ବନ୍ଧରେ କେତେକ ବିଷୟ ଅନୁସନ୍ଧାନ କରି ଆପଣାର ଅଭିପ୍ରାୟ ବୋର୍ଡ଼ଙ୍କୁ ଜଣାଇଅଛନ୍ତି । ଅବଶ୍ୟ ଜମାବନ୍ଦି ବିଷୟରେ କିଛି ଶେଷ ସିଦ୍ଧାନ୍ତ ହୋଇ ନାହିଁ ଅଟେଷ୍ଟେସନ ଅର୍ଥାତ୍ ପରତାଲ ଖରଚ ପ୍ରତିବର୍ଗମାଇଲରେ ଟ ୩୦୪ ଙ୍କା ଏବଂ ପ୍ରତିମାଣରେ ଟ ୦।୵୬ ପଡ଼ିଅଛି, ପରତାଲକାର୍ଯ୍ୟ ଗତ ବର୍ଷଠାରୁ ଭଲ ଅର୍ଥାତ୍ ଶୁଦ୍ଧ ହୋଇଥିବାରୁ ମାନ୍ୟବର ଲେଫ୍ଟେନାଣ୍ଟ ସନ୍ତୁଷ୍ଟ ହୋଇଅଛନ୍ତି ମାତ୍ର ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟ ଗତବର୍ଷଠାରୁ ଊଣା ହୋଇ ଅଛି ସୁତରାଂ ଖରଚ ଅଧିକ ପଡ଼ି ଅଛି । ପୂର୍ବ ବର୍ଷରେ ଶସ୍ତାରେ କାର୍ଯ୍ୟ କରାଇ ନେବାକୁ ଚେଷ୍ଟା କରୁଥିଲେ ସୁତରାଂ ଫଳ ମନ୍ଦ ହେଲା ଏବଂ ତାହାକୁ ସଜାଡ଼ିବା ସକାଶେ ଏବର୍ଷ ଅଧିକା ଖରଚ ପଡ଼ିଲା । ଏହାକୁ କହନ୍ତି ଦାତା ଓ କୃପଣର ହେସାବ ଏକ ଅଟେ । ତାହା ହେଉ ଦେଶୀୟ ଲୋକଙ୍କୁ ଛାଡ଼ି ବିଦେଶୀୟଙ୍କୁ ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ କରିବା ଏବଂ ବ୍ୟୟ ଲାଘବ ଆଶାରେ ଅଳ୍ପ ବେତନରେ ଇତର କାର୍ଯ୍ୟ କରାଇବା ଭଲ ନୁହେ ଓଡ଼ିଶାବନ୍ଦୋବସ୍ତରୁ ମାନ୍ୟବର ଲେଫ୍ଟେନାଣ୍ଟ ଏହି ଯୋଡ଼ିଏ କଥା ଶିଖିଲେ ବଡ଼ ଆନନ୍ଦର ବିଷୟ ଅଟଇ । କି ନିୟମରେ ଜମାବନ୍ଦି ହେବ ସେ ବିଷୟରେ କିଛି ମନ୍ତବ୍ୟ ପ୍ରକାଶିତ ହେବା ଉଚିତ ଥିଲା ତାହା ହେଲେ ଲୋକଙ୍କ ମନ ସୁସ୍ଥ ହୁଅନ୍ତା । ବାର୍ଷିକ ବିବରଣ ଭିନ୍ନ ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ଜାଣିବାର ଉପାୟ ନାହିଁ । ସେଥିରେ ନିର୍ଣ୍ଣୟ ହେବା ବଡ଼ କଷ୍ଟକର ଅଟଇ ।

---

### ୰ଭୂଦେବ ମୁଖର୍ଯ୍ୟାଙ୍କ ଦାନ ।

ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ସ୍ୱର୍ଗୀୟ ଭୂଦେବ ମୁଖର୍ଯ୍ୟା ସଂସ୍କୃତ ଶିକ୍ଷା ନିମନ୍ତେ ଏକଲକ୍ଷ ଷାଠିଏହଜାର ଟଙ୍କା ଦାନ କରିଥିଲେ । ସମ୍ପ୍ରତି କଲିକତାଗେଜେଟରୁ ଅବଗତ ହେଲୁଁ ଯେ ଉକ୍ତ ମହାତ୍ମା (୧) ଦେଢ଼ଲକ୍ଷ ଟଙ୍କାର କମ୍ପାନି କାଗଜ ବା ତହିଁର ବାର୍ଷିକ ସୁଧ ଆଠହଜାର ଟଙ୍କା ଅଟେ (୨) ବୋଧୋଦୟ ଯନ୍ତ୍ର ଓ (୩) ଏଡ଼ୁକେସନଗେଜେଟ ଏହି ସମସ୍ତ ସଂସ୍କୃତ ଶିକ୍ଷା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ଦାନ କରି ଅଛନ୍ତି । ସେ ଏହି ବ୍ୟବସ୍ଥା କରି ଯାଇ ଅଛନ୍ତି କି ଉପରଲିଖିତ ବାର୍ଷିକ ସୁଧ ଟ ୮୦୦୦୲ ଙ୍କାରୁ ଏକ ପାଞ୍ଚମାଂଶ ପ୍ରତିବର୍ଷ ମୂଳଧନର ବୃଦ୍ଧି ନିମନ୍ତେ ଜମା ରହି ଅବଶିଷ୍ଟ ଟ ୬୪୦୦୲ ଙ୍କା ବାର୍ଷିକ ଆୟ ନିମ୍ନଲିଖିତ ମତେ ବ୍ୟୟ ହେବ, ଯଥା ।

୧ । ତାଙ୍କର ପିତାଙ୍କ ସ୍ମରଣାର୍ଥେ ଚୁଁଚୁଡ଼ା ନଗରରେ ସ୍ଥାପିତ ବିଶ୍ୱନାଥଚତୁଷ୍ପାଠୀ ନାମକ ସଂସ୍କୃତସ୍କୁଲର ଶିକ୍ଷକଙ୍କ ବେତନ ମାସକୁ ଟ ୨୦୲ ଙ୍କା ଲେଖାଏଁ ଏବଂ ପାଞ୍ଚଜଣ ଛାତ୍ରଙ୍କ ବୃତ୍ତି ବାର୍ଷିକ ଟ ୩୦୲ ଙ୍କା ଲେଖାଏଁ ମୋଟ ବାର୍ଷିକ ୩୯୦୲ ।

୨ । ତାଙ୍କର ମାତାଙ୍କ ସ୍ମରଣାର୍ଥେ ସ୍ଥାପିତ ବ୍ରହ୍ମମୟୀ ଭେଷଜାଳୟ ନାମକ ଦାତବ୍ୟ ଚିକିତ୍ସାଳୟରେ ଜଣେ ହୋମିଓପାଥି ଡାକ୍ତରର ମାସିକ ବେତନ ଟ ୧୦୲ ଓ ଜଣେ ଆୟୁର୍ବେଦୀୟ ଚିକିତ୍ସକର ମାସିକ ବେତନ ଟ ୧୦୲ ଏଥିପରେ ଔଷଧ ନିମନ୍ତେ ବାର୍ଷିକ ଟ ୫୦୲ ଙ୍କା ମୋଟ ଟ ୫୯୦୲ ଙ୍କା ।

୩ । ମୁଦ୍ରାଯନ୍ତ୍ରାଳୟର ଆୟ ଏବଂ ଅବଶିଷ୍ଟ ଧନରେ ତହିଁ ଉପରେ ବାର୍ଷିକ ଟ ୩୦୦ ପାଣ୍ଠିରୁ ବଢ଼ିଯାଇ ସେହି ଅର୍ଥଦ୍ୱାରା ସଂସ୍କୃତ ପୁସ୍ତକମାନ ପ୍ରକାଶିତ ଏବଂ ବିତରିତ ହେବ ।

୪ । ଏଡ଼ୁକେସନଗେଜେଟ ଯେ ପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ଅଥବା ଲୋକଙ୍କଠାରୁ ଯଥେଷ୍ଟ ସାହାଯ୍ୟ ପାଉଥିବ ସେ ପର୍ଯ୍ୟନ୍ତ ବର୍ତ୍ତମାନ ପରି ଚାଲିବ ଏବଂ ଆବଶ୍ୟକ ହେଲେ ପାଣ୍ଠିରୁ ବାର୍ଷିକ ଟ ୮୦୦ ଙ୍କା ମଧ୍ୟରେ ଯାହା ପ୍ରୟୋଜନ ହେବ ତାହା ଦିଆଯିବ ।

୫ । ଜଣେ ସୁପରିଣ୍ଟେଣ୍ଡେଣ୍ଟର ବେତନ ଏବଂ ଅନ୍ୟ ଇତ୍ୟାଦି ଖର୍ଚ୍ଚ ସକାଶେ ବାର୍ଷିକ ଟ ୨୪୦ ଙ୍କା ଧାର୍ଯ୍ୟ ହୋଇଅଛି ।

ଏହି ସମସ୍ତ ଆନୁମାନିକ ବ୍ୟୟର ସମଷ୍ଟି ଟ ୨୬୨୦ ଙ୍କା ଅଟେ । ଅବଶିଷ୍ଟ ଅନ୍ତତଃ ଟ ୩୭୮୦୲ ଙ୍କା ଯାହା ପ୍ରତିବର୍ଷ ଆୟ ରହିବ ତାହା ଶ୍ରୁତି ସ୍ମୃତି ଅଥବା ଦର୍ଶନର ଶିକ୍ଷକ ଓ ଛାତ୍ରମାନଙ୍କୁ ଏହିପରି ନିୟମରେ ଦିଆଯିବ ଯେ ପ୍ରତି ଶିକ୍ଷକ ବାର୍ଷିକ ଟ ୫୦୲ ଙ୍କାରୁ ଓ ପ୍ରତିଛାତ୍ର ବାର୍ଷିକ ଟ ୩୦୲ ଙ୍କାରୁ ଊଣା ପାଇବେ ନାହିଁ । ସାଧାରଣତଃ ବଙ୍ଗ ବିହାର ଏବଂ ଓଡ଼ିଶାରୁ ଶିକ୍ଷକ ଓ ଛାତ୍ରମାନେ ନିର୍ବାଚିତ ହେବେ ମାତ୍ର ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଯୋଗ୍ୟ ଛାତ୍ର ଯେ ମଧ୍ୟ ବୃତ୍ତିପ୍ରାପ୍ତ ହୋଇ ପାରିବେ ଏବଂ ଯେଉଁ ଛାତ୍ରମାନେ କାଶୀ ଅଥବା ନାସିକରେ ବେଦାନ୍ତ ପଢ଼ିବାକୁ ଇଚ୍ଛା କରିବେ ସେମାନେ ଅଗ୍ରଗଣ୍ୟ ହେବେ ।

ଏହି ପାଣ୍ଠିର କାର୍ଯ୍ୟ ନିର୍ବାହାର୍ଥେ ତାଙ୍କ ଉପଯୁକ୍ତ ଟ୍ରଷ୍ଟି ନିଯୁକ୍ତ କରିଯାଇ ଅଛନ୍ତି ମାତ୍ର କୌଣସି ସମୟରେ ଟ୍ରଷ୍ଟିର ଅଭାବ ହେଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଉକ୍ତ ପଦରେ ଦଖଲକାର ହୋଇ ଉପରଲିଖିତ ନିୟମାନୁସାରେ ତହିଁର କାର୍ଯ୍ୟମାନ ସେ ନିର୍ବାହ କରିବେ ।

ମାନ୍ୟବର ଲେଫ୍ଟେନାଣ୍ଟ ଏହି ବହୁମୂଲ୍ୟଦାନର ସମ୍ବାଦ ତାଙ୍କ ପୁତ୍ର ଦ୍ୱାରା ପାଇବାରୁ ତାହାଙ୍କୁ ଧନ୍ୟବାଦ ଦେଇ ନ ପାରି ଦୁଃଖିତ ହୋଇ ତାହା ସାଦରେ ଗ୍ରହଣ କରିବାର ବିଷୟ ତାହାଙ୍କ ପୁତ୍ରଙ୍କୁ ଜଣାଇ ଦେଇ ଅଛନ୍ତି ।

ପାଠକମାନେ ଏଥିରୁ ଦେଖିବେ ଯେ ଭୂଦେବ ବାବୁଙ୍କ ଦାନ ଯେମନ୍ତ ଉତ୍କୃଷ୍ଟ ସେମନ୍ତ ସୁବିବେଚନାପୂର୍ଣ୍ଣ ଅଟେ । ତାହାଙ୍କର ପୂର୍ବର ସମ୍ବଳ କିଛି ନ ଥିଲା । ନିଜେ ବହୁ କଷ୍ଟରେ ବିଦ୍ୟାଶିକ୍ଷା କରି ସରକାରୀ ଚାକିରୀରେ ପ୍ରତିଷ୍ଠା ଲଭି ଯାହା ଅର୍ଜନ କଲେ ତହିଁରୁ ଏତେ ଟଙ୍କା ଦାନ କରିବା ସାମାନ୍ୟ କଥା ନୁହେଁ ।

Digitized by srujanika@gmail.com

ଏହାଇ ତ ତାଙ୍କ ଅସାଧାରଣ ବୁଦ୍ଧି ଅଧ୍ୟବସାୟ-ଧର୍ମଜ୍ଞାନ ସହୃଦୟତା ପ୍ରଭୃତିର ଅତି ଉଜ୍ଜ୍ୱଳ ପ୍ରମାଣ ଅଟେ ।

---

## ଛାତ୍ର ।

### କର୍ତ୍ତବ୍ୟ ।

"The nation depends upon the individuals who compose it; and no nation can ever be distinguished for morality, duty, adherence to the rules of honours and justice, whose citizens individually and collectively—do not possess the same traits"

ବ୍ୟକ୍ତିସମଷ୍ଟି—ଜାତି । ଯେଉଁ ଜାତିର ପ୍ରତି-ନାଗରିକ ଏବଂ ନଗରବାସି ସମୂହଙ୍କଠାରେ ନୀତି ଓ କର୍ତ୍ତବ୍ୟପରାୟଣତା, ଆତ୍ମ ସମ୍ମାନ, ଏବଂ ନ୍ୟାୟପରତାର ଅଭାବ ସେ ଜାତି କର ଜଗତରେ ଖ୍ୟାତି ଲାଭର କଦାପି ସମର୍ଥ ନୁହନ୍ତି ।

ମନୁଷ୍ୟ ଆପଣାର ସ୍ୱାଧୀନ ଇଚ୍ଛାର ବଶବର୍ତ୍ତୀ ହୋଇ ନାନା କାର୍ଯ୍ୟରେ ପ୍ରବୃତ୍ତ ହୁଏ । ତାହାର କାର୍ଯ୍ୟ କେତେବେଳେ ନ୍ୟାୟ ଓ ନୀତିର ଅନୁମୋଦିତ ହୁଏ; ଏବଂ କେଉଁ୨ ସମୟରେ ନ୍ୟାୟ ଧର୍ମର ସୀମା ଅତିକ୍ରମ କରେ । ବିଶ୍ୱବିଧାତା ମନୁଷ୍ୟକୁ ଯେମନ୍ତ ସ୍ୱାଧୀନ କରି ସୃଷ୍ଟି କରି ଅଛନ୍ତି ତେମନ୍ତ ମନୁଷ୍ୟହୃଦୟରେ ବିବେକଶକ୍ତି ପ୍ରଦାନ କରି ଅଛନ୍ତି । ସେହି ବିବେକ ମନୁଷ୍ୟକୁ ସତ୍, ଅସତ୍, ନ୍ୟାୟ, ଅନ୍ୟାୟ ଏବଂ ଧର୍ମ ଓ ଅଧର୍ମ ନିର୍ଦ୍ଧାରଣକରି କର୍ତ୍ତବ୍ୟସାଧନ କରିବାକୁ ଉପଦେଶ ଦିଏ । ଆମ୍ଭେମାନେ ସମୟ୨ରେ ଅବୋଧ ଓ ମୂଢ ହୋଇ ବିବେକର ଆଜ୍ଞା ଅତିକ୍ରମ କରୁଁ । ଯେଉଁ କାର୍ଯ୍ୟମାନ ବିବେକର ଅନୁମୋଦିତ, ସେ କାର୍ଯ୍ୟମାନ ଆମ୍ଭମାନଙ୍କର କର୍ତ୍ତବ୍ୟକର୍ମ । ଏବଂ ଯେ କାର୍ଯ୍ୟମାନ ବିବେକର ଅନୁମୋଦିତ ନୁହେ ସେମାନ ଅକର୍ତ୍ତବ୍ୟ କର୍ମ ।

ଆମ୍ଭମାନଙ୍କର କର୍ତ୍ତବ୍ୟ କାର୍ଯ୍ୟ ନାନାଭାଗରେ ବିଭକ୍ତ । ଯେଉଁ ବିଶ୍ୱବିଧାତା ଆମ୍ଭମାନଙ୍କୁ ସୃଷ୍ଟିକରି ଅଛନ୍ତି, ନିରନ୍ତର ରକ୍ଷା କରୁ ଅଛନ୍ତି ଏବଂ ବିବିଧଖାଦ୍ୟ ବସ୍ତୁ ପ୍ରଦାନ କରୁ ଅଛନ୍ତି, ପ୍ରଥମରେ ତାହାଙ୍କୁ ଭକ୍ତି ଓ ଶ୍ରଦ୍ଧା ସହିତ ଅର୍ଚ୍ଚନା କରିବା ଉଚିତ । ତାହାଙ୍କର ଗୁଣ ସ୍ମରଣ ଓ ଅନୁକରଣ କଲେ ତାହାଙ୍କର ଅର୍ଚ୍ଚନା କରା ହୁଏ । ଏହା ମନୁଷ୍ୟଜୀବନର ପ୍ରଧାନ କର୍ତ୍ତବ୍ୟ । ଯାହାଜୀବନରେ ଏହି ପ୍ରଧାନ କର୍ତ୍ତବ୍ୟର ଅଭାବ, ସେ ସଂସାରରେ ପ୍ରଧାନ ଅସୁଖୀ ।

ଶରୀରର ସ୍ୱାସ୍ଥ୍ୟସାଧନ, ଜ୍ଞାନୋପାର୍ଜନ, ଇନ୍ଦ୍ରିୟଦମନ, ଏବଂ ମନୋବୃତ୍ତି ସମୂହର ବିକାଶସାଧନ, ଏମାନ ମନୁଷ୍ୟର ନିଜ ପ୍ରତି କର୍ତ୍ତବ୍ୟ । ଆତ୍ମକର୍ତ୍ତବ୍ୟ ଉପରେ ପାରିବାରିକ କର୍ତ୍ତବ୍ୟ ନିର୍ଭର କରେ । ଯେଉଁଲୋକ ଆତ୍ମୋତ୍କର୍ଷସାଧନରେ ବିମୁଖ ସେ କର୍ତ୍ତବ୍ୟବିହୀନ—କର୍ମହୀନ । ଆପଣାର ପରିବାର ତୁଲ୍ୟ ପ୍ରତିବେଶିଙ୍କୁ ମଣିବାର ଉଚିତ । ଏବଂ ସେମାନଙ୍କ ପ୍ରତି ଯଥାସାଧ୍ୟ କର୍ତ୍ତବ୍ୟ ସାଧନର ପ୍ରୟୋଜନ । ସ୍ୱଦେଶ ଓ ସ୍ୱଜାତିର ଶ୍ରୀବୃଦ୍ଧି ଓ ଉନ୍ନତି ସାଧନରେ ଯଥାସାଧ୍ୟ ଯତ୍ନ । ଅନନ୍ତର ସର୍ବଦେଶୀୟ ଜ୍ଞାନୀ ଓ ମହାତ୍ମା ମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଏବଂ ସର୍ବଦେଶୀୟ ଭାଷାରୁ ଜ୍ଞାନଗର୍ଭିତ ଭାବମାନ ସଂଗ୍ରହ କରି ସ୍ୱଦେଶୀୟ ଭାଷାର ପୁଷ୍ଟିସାଧନ ଏବଂ ସର୍ବସାଧାରଣ ବ୍ୟକ୍ତିମାନଙ୍କ ସହିତ ସଦ୍ଭାବ ଓ ପ୍ରୀତି ସ୍ଥାପନ ଏହା ଆମ୍ଭମାନଙ୍କର ପ୍ରଶସ୍ତ କର୍ତ୍ତବ୍ୟ କର୍ମ । ଏରୂପ କାର୍ଯ୍ୟ ଦ୍ୱାରା ଆତ୍ମା ପବିତ୍ର ଏବଂ ଜୀବନ ଉନ୍ନତ ଓ ପ୍ରଶସ୍ତ ହୁଏ । ଏତଦ୍ଭିନ୍ନ ଆର୍ତ୍ତ ଓ ପୀଡିତ ବ୍ୟକ୍ତି ପ୍ରତି ଯଥାସାଧ୍ୟ ଦୟା କରି ଏବଂ ପଶୁପକ୍ଷିମାନଙ୍କ ପ୍ରତି ସ୍ନେହ ପ୍ରଦର୍ଶନକରି ଉନ୍ନତ ମାନବଜାତିର ନିତାନ୍ତ କର୍ତ୍ତବ୍ୟ ।

ଆମ୍ଭେମାନେ ଅନେକ ସମୟରେ ନାନାବିଧ କର୍ତ୍ତବ୍ୟକାର୍ଯ୍ୟର ସୂଚନା କରୁଁ । ଅବିବେକତା, ଐକାନ୍ତିକ ଅନୁରାଗ ବିହୀନତା, ଏବଂ ଅଭିମାନ ଆମ୍ଭମାନଙ୍କର ମହତ୍ ଅନୁଷ୍ଠାନମାନଙ୍କୁ ବିପଥଗାମୀ ଓ ବିଫଳଯତ୍ନ କରାଇଦିଏ ।

ବୟୋବୃଦ୍ଧି ଓ ଜ୍ଞାନବୃଦ୍ଧି ସହିତରେ ଯୁବଜନସୁଲଭ-ଚପଳତା ଦୂର ହୋଇଗଲେ ଆମ୍ଭେମାନେ ଯେ, କର୍ତ୍ତବ୍ୟ ଚ୍ୟୁତ ହୋଇଅଛୁଁ, ତାହା ଭାଳି ପଶ୍ଚାତ୍ତାପରେ ଦଗ୍ଧ ହେଉଥାଉଁ । ଅତଏବ ଯେଉଁମାନେ ସ୍ୱଦେଶର ଓ ସ୍ୱଜାତିର ଉନ୍ନତି କରିବାକୁ ବାସନା କରନ୍ତି, ସେମାନେ ସୁଶୀଳ ଓ ଶାନ୍ତଭାବରେ ଆତ୍ମକର୍ତ୍ତବ୍ୟ ସ୍ଥିର କରି, ଅବିଚଳିତ ଅଧ୍ୟବସାୟ ସହିତ କର୍ତ୍ତବ୍ୟସାଧନପଥରେ ଅଗ୍ରସର ହେଲେ ନିଜର ଓ ସ୍ୱଦେଶର ମୁଖୋଜ୍ଜ୍ୱଳ କରିବାକୁ ସମର୍ଥ ହେବେ ।

ତମଲୁକ
୧।୬।୯୪ } ଶ୍ରୀ ଭୋଳାନାଥ ସାମନ୍ତରାୟ

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ପୁଲିସ ସବ ଇନସ୍ପେକ୍ଟର ନିୟୋଗସମ୍ବନ୍ଧୀୟ ପରୀକ୍ଷା, ଆସନ୍ତା ଜୁଲାଇମାସ ତା ୧୬।୧୭ ରିଖରେ କଲିକତା ବାଙ୍କିପୁର ଢାକା ଏବ କଟକରେ ହେବ ଏବ ଅଭ୍ୟର୍ଥୀମାନେ ଯେଉଁ ସ୍ଥାନରେ କୃତକାର୍ଯ୍ୟ ହେବେ ସେମାନଙ୍କମଧ୍ୟରୁ ଅନ୍ତତଃ ପ୍ରଥମ ତିନିସ୍ଥାନର କି ୩୫ ଣ ଲେଖାଏ ଢାକାର କି ୨୦ ଣ ଏବ କଟକର ଜଣ ୧୦ ଣ ଏହିବର୍ଷମଧ୍ୟରେ କାର୍ଯ୍ୟ ପାଇବେ ।

ଓଡ଼ିଶା ବିଭାଗର ନିମ୍ନଲିଖିତ ଛାତ୍ରମାନେ ଜୁନିଅରବୃତ୍ତି ପାଇଅଛନ୍ତି ଯଥା—

୧ମ ଶ୍ରେଣୀ

ରାଧାଚରଣ ଦାସ ପ୍ୟାରୀମୋହନ ଏକାଡେମୀ
ଫସିଉଦ୍ଦୀନ ଅହମ୍ମଦ କେନ୍ଦ୍ରାପଡ଼ା
ଧନଞ୍ଜୟ ଆଚାର୍ଯ୍ୟ ରେଭେନ୍‌ଶା କଲେଜ
ଯୋଗେନ୍ଦ୍ରନାଥ ଘୋଷ ”

୨ୟ ଶ୍ରେଣୀ

ନନ୍ଦକିଶୋର ଦାସ ପୁରୀସ୍କୁଲ
ହରେକୃଷ୍ଣ ନାୟକ ରେଭେନ୍‌ଶା କଲେଜ
ପୀତବାସ ପଟ୍ଟନାୟକ ପୁରୀ
ହରମୋହନ ଦାସ ପ୍ୟାରୀମୋହନ ଏକାଡେମୀ
ଜାନକୀବଲ୍ଲଭ ଦତ୍ତ ବାଲେଶ୍ୱର ସ୍କୁଲ
ଗୋପୀନାଥ ପଟ୍ଟନାୟକ ମୟୂରଭଞ୍ଜ

କଟକ ମେଡିକେଲ ସ୍କୁଲର ନିମ୍ନଲିଖିତ ଛାତ୍ରମାନେ ଗତ ପରୀକ୍ଷାରେ ପାଶ କରିଅଛନ୍ତି. ଯଥା-

କୃଷ୍ଣପ୍ରସାଦ ମାହାନ୍ତି, ଶ୍ରୀମନ୍ତଗଣି, ରାମଚନ୍ଦ୍ର ଘୋଷାଲ, ସୁରେନ୍ଦ୍ରନାଥ ସେନ, ଗଣପତି ଦାସ, ଶଶିଭୂଷଣ ଦତ୍ତ, ଅର୍ଜ୍ଜୁନ ମହାନ୍ତି, ରଘୁନାଥ ମଣ୍ଡଳ, ନଗେନ୍ଦ୍ରନାଥ ମୁଖର୍ଜୀ, ବ୍ରଜମୋହନ ଦାସ, ସଦାନନ୍ଦ ଦେବଶର୍ମା, ରାମଚନ୍ଦ୍ର ଚକ୍ରବର୍ତ୍ତୀ, ଧରଣୀଧର ସିଂହ, ବିନୋଦବିହାରୀ କର. ସନାତନ ଦାସ. ରାଜେନ୍ଦ୍ର ଦତ୍ତ, ବିଦ୍ୟାନନ୍ଦ ସିଂହ, ବନମାଳି ମହାନ୍ତି, ବାମାଚରଣ ବସୁ ।

ପୁରୀ ଦେଉଳ ମାନେଜରଙ୍କ ଉପରେ ବଳାତ୍କାର, ଅଭିଯୋଗ ହୋଇ ଖୋର୍ଦ୍ଧାରେ ତହିଁର ବିଚାର ହେଉଅଛି । ଏଠାରୁ ଫରିୟାଦି ପକ୍ଷରେ ବାବୁ ଗୋକୁଳାନନ୍ଦ ଚୌଧୁରୀ ଏବ ଆସାମିପକ୍ଷରେ ବାବୁ ମଧୁସୂଦନ ଦାସ ପ୍ରଭୃତି ଓକିଲମାନେ ଯାଇଅଛନ୍ତି । ଅଭିଯୋଗର ସଂକ୍ଷେପ କଥା ଏହି ଯେ ମାନେଜରଙ୍କ ହୁକୁମରେ ତାହାଙ୍କ ଚାକରମାନେ ଏକ ବାଳକକୁ ପ୍ରହାର କରିଥିଲେ । ସେଥିରେ ତାହାର ମୃତ୍ୟୁ ହେଲା ।

---

କଲିକତା ନିକଟବର୍ତ୍ତୀ ଦମ୍‌ଦମ୍‌ଠାରେ ଅଳ୍ପଦିନ ତଳେ ଏକ ଡକାଏତି ହୋଇଥିବାର ସମ୍ବାଦ ମିଳିଲା । ଯେଉଁ ଘରେ ଡକାଏତି ପଡ଼ିଥିଲା ତହିଁର ଚତୁର୍ଦ୍ଦିଗରେ ପାଚିରି ଥିଲା ଏବ କେବଳ ଏକ ଦ୍ୱାରରେ ପ୍ରବେଶ କରିବାର ପଥ ଥିଲା । ଡକାଏତମାନେ ସେହି ଦ୍ୱାରରେ ତଣ୍ଡା ପକାଇ ଡକାଇତି କରିବାକୁ ଗଲେ । ସୁତରାଂ ଘରର ଲୋକେ କେହି ଡକାଏତି ନିବାରଣ କରିବାକୁ ଯାଇ ପାରିଲେ ନାହିଁ ଏବ ଡକାଏତମାନେ ନିର୍ବିଘ୍ନରେ ସବୁକାଳିଆ ମସ୍ତରେ ହାତ ବୁଲାଇ ଚାଲିଗଲେ । ଏ ଜନ୍ୟ ଯେ;କରିବା ଜନକ୍ଷେତ୍ର ଉତ୍ପତ୍ତି କରିଥିବା ଗୃହସ୍ଥ ଦରଜା ଡକାଏତଙ୍କ ଦ୍ୱାରା ବନ୍ଦ ରହିଲା ନାହିଁ । କିନ୍ତୁ ତାହା ହିଁ ତାହାର କାଳ ହେଲା ।

Split by PDF Splitter
Digitized by srujanika@gmail.com

କଲିକତାର କଟାକ୍ଷଲଲ ମିତ୍ର ନାମକ ଜଣେ ଲୋକ ଗତ ମାସ ତା ୧୦ ରିଖ ରାତିରେ ଭୋଜନ କରି ଶୋଇଥିଲେ । ସେହି ଅବସ୍ଥାରେ ତାହାଙ୍କ ମୃତ୍ୟୁ ହେଲା । ଡାକ୍ତର ମାନଙ୍କ ପ୍ରକାଶ ପାଇ ଅଛି ସେ କେବଳ ମଦ୍ୟପାନ କରିଥିଲେ ଏବଂ ଲଣ୍ଡା ଲେମନେଡ ଭୋଜନ କରିବାରୁ ହାର୍ଟଫେଲ ରୋଗ ମୃତ୍ୟୁ ଘଟଣା ହେଲା ।— ମଦ୍ୟପାୟୀ ଏ ସନ୍ଧାନ !

ଲୁବଜ୍ଜ୍ୱା ନଗର ଯେଉଁ କଣ୍ଟାକ୍ଟର ମହାରଜାଙ୍କ ଅଧୀନରେ ଏବଂ କର୍ତ୍ତୃତ୍ୱାଧୀନରେ ପଣ୍ଡିତମାନଙ୍କର ଏକ ସଭା ହୋଇ ଥିଲା । ଧର୍ମଶାସ୍ତ୍ର, ପୁରାଣ, ତନ୍ତ୍ର ଏବଂ ଶ୍ରୀମଦ୍ଭଗବତାର ଧର୍ମ ସ୍ଥଳମାନ ଅନ୍ୱେଷଣ କରି ପର ପଣ୍ଡିତମାନେ ବ୍ୟବସ୍ଥା ଦେଲେ ଯେ ସେ ନଗରର ମାଲିକ ମନ୍ତ୍ରୀ ଓ ତାହାଙ୍କ ଛତ୍ରମାନଙ୍କର ନରମ ଅବରୋଧ ଭୁକ୍ତ ଦେବଙ୍କର ମନର ଅଛି । ସେମାନେ ଅଶୁଦ୍ଧ ମତ ଦେଲେ ଯେ ମହାବୋଧ ଏବଂ ବୋଧି ଦ୍ରୁମ ହିନ୍ଦୁମାନଙ୍କର ଅଧିକାର ଅଟଇ ।— ମହାରାଜା ଏ ବ୍ୟବସ୍ଥାରେ ସମ୍ମତ ପ୍ରଦାନ କରି ଅଛନ୍ତି ।

ଏବର୍ଷ ପଙ୍ଗପାଳଙ୍କର ସାକ୍ଷାତ ପଞ୍ଜାବଠାରେ ଅଦ୍ୟ ହୋଇ ନାହିଁ । କେବଳ ମାଣ୍ଡିଠାରେ କେତେକ ଦେଖା ଦେଇ ଅଛନ୍ତି ।

ଅଲିପୁରର ଫୌଜଦାରୀ ଅଦାଲତରେ ଏକ କୌତୁକଜନକ ମୋକଦ୍ଦମା ଅଳତ ହୋଇ ଥିବାର ବାର୍ତ୍ତା ମିଳିଛି । ଜଣେ କୁଲେଷ୍ଟ୍ରବାର ଅପଣା ସଙ୍ଗୀ ନାମରେ ଏହି ପଦ ଅଭିଯୋଗ ଆଣି ଅଛି ଯେ ତାହାର ଅନୁପସ୍ଥିତ ସମୟରେ ସଙ୍ଗୀ ତାହାର ଭାର୍ଯ୍ୟାକୁ ଫୁସଲାଇ ନେଇ ଯାଇ ଅଛି ଏବଂ ଜଣ କୁଲେଷ୍ଟ୍ରବାରକୁ ଚକ୍ଷୁ କରି ଅଛି । ଅସାମୀ ନାମରେ ୱାରେଣ୍ଟ ବାହାରି ବର୍ତ୍ତମାନ ମୋକଦ୍ଦମା ବସୁଳିଥିଲେ ଅଛି ।

ଜଣେ ଔଷଧ ବିକ୍ରେତା ଗୃହଲକ୍ଷ୍ମୀ ନଗ୍ନରେ ଦେଇ ଯାଉଥିବା ସମୟରେ ଲୋକ ଯେଉଁ ଶିଖାକୁ ପଢ଼ି ଗଲ ଏବଂ ସୁରଲବସ୍ତ୍ରୀ ଯେଉଁ ଚିହ୍ନ ତାହାର ବେକରେ ପଡ଼ି ତାର ଲାଗି ଗଲା । ସୁର ବସ୍ତ୍ର ତହିଁ ଅବଧ ଦଶପରଳରେ ପ୍ରାଣ ତ୍ୟାଗ କରି ଅଛି ।

ଏକ ଇଂରେଜ ଶତ୍ରୁ ସେନାଦଳ ମଧ୍ୟରୁ ବାକି ଦାସତ୍ୱକାନ୍ତ ବଳ କରିବାରେ ଅଦ୍ୟନ୍ତ ବୁଦ୍ଧକାର୍ଯ୍ୟ ହୋଇଥିବାରୁ ଲଣ୍ଡନ ବାଲିଙ୍ଗଟନିଙ୍କରେ କମିଶନ ବିଶେଷ ଆଦେଶ ସେମାନଙ୍କର ଅନେକ ପ୍ରଶଂସା କରି ଅଛନ୍ତି ।— ହିଜନ ।

ଅଠବର୍ଷ ତାର ଏକକର ରୈଟ କୁସଂଶୀ କରିବେବାକୁ ବର୍ଣ୍ଣନା ପ୍ରଥାକୁ ଆପତ୍ତି ହେବାକୁ ଲେତ ଲବର୍ଣ୍ଣ ଯେ ବିଷୟରେ ମନୋଯୋଗୀ ହୋଇ ଅବ୍ୟ ବ୍ୟୟ ତାଙ୍କର ଗୋଚର କରି ଅଛନ୍ତି । ଅଠବର୍ଷ ପାଇଁ ବେଳ ରେଟ ଏଥି ହୋଇ ଗଲେ ଏଡୱାର୍ଡଙ୍କର ଲାଭ ଜମା ହେବ ନାହିଁ ।

ମୁଲତାନରେ କଲିକିବ ବବାଚ ହେବା ସମ୍ଭାବ୍ୟ ଅଛି ଲେଖା ପାଇଲେ ଗର୍ଭମେଣ୍ଟ ଶିକ୍ଷା ପାଇଁ ସ୍ୱାମୀମାନଙ୍କ ଗର୍ଭମେଣ୍ଟ ସୁତରେ ଅତଠ ହୋଇ ଅସ୍ତ୍ରାଦି ହୋଇ ଥିବାର ସମ୍ବାଦ ମିଳିଛି । ଏମାନଙ୍କର ଯୁବସଙ୍ଗ ଭକ୍ତ ଅନେକ ସପକ୍ଷରେ ମତ ଦେଇ ଥିଲେ ।

ସରକାରୀ ଏକ୍ସ୍ପ୍ଲୋଡ ମୋହାଳଠାରେ କୋଇଲାଖଣିରେ ଅଗ୍ନି ଲାଗି ଜ ୨୦ ଏ ଲୋକ ନଷ୍ଟ ହୋଇ ଥିବାର ସମ୍ବାଦ ମିଳିଛି । ଜ ୨୦ ଏ ଲୋକ କାଳରୁ ପୋଡ଼ିଯାଇ ଅଛନ୍ତି ।

ତୁର୍କିସ୍ଥାନ ଗଜେଟ ପ୍ରକାଶ କରି ଅଛନ୍ତି ଯେ ଅଫଗାନିସ୍ଥାନ ସହିତ ବଲଖର ସଦର୍ଦ୍ଦ ବନ୍ଦ ଏବଂ ଅଫଗାନମାନେ ସୀମା ଅତି କ୍ରମ କରିବା ହେବ ଯେଉଁ ଗୋଲମାଲ ଘଟିତ ହେଉ ଅଛି ତହିଁ ଜମିର ଦାବୀ କର ତାହା ଶୀଘ୍ର ସ୍ଥିର ହେବା ଉଚିତ—ଏହିମାନଙ୍କରେ ଅବଶ୍ୟ କିଛି ଗୁରୁକଥା ଅଛି ।

" ମହାଜନୀ ନାମକ ଜାହାଜର ବଏଲର (boiler) ଉତ୍ତୁଙ୍ଗିବାର କଞ୍ଚାରୁ ଗୁଲରେ ଘାଇଁଯାଇ ଜ ୩ ଏ ଲୋକଙ୍କ ନଷ୍ଟ କରିଥିବାର ସମ୍ବାଦ ମିଳିଛି । ଅନ୍ୟ ଦୁଇଜଣ ଉପରେ ଅପାର ତାପ୍ତ ହୋଇ ଅଚୈତନ ଅବସ୍ଥାରେ ଡାକ୍ତରଖାନାରେ ପଡ଼ି ଅଛନ୍ତି ।

ମୁରସିଦାବାଦ ବଲଡନ ପୁଲର ଜଜମାଜିଷ୍ଟ୍ରେଟ ଓଁକର ଏବଂ ଅନ୍ୟାନ୍ୟ ଲୋକେ ସେଠା ଜଲକଳର ସାହାଯ୍ୟନିମିତ୍ତ ମହାରାଣୀ ସ୍ୱର୍ଣ୍ଣମୟୀଙ୍କ ନିକଟକୁ ଯାଇଥିଲେ । ମହାରାଣୀ ସ୍ୱଭାବ ସିଦ୍ଧ ଦାନଶୀଳତାରେ ରାଜି ହୋଇ ସେଠାରେ ଜଲକଲ ସ୍ଥାପନର ସମ୍ପୂର୍ଣ୍ଣ ବ୍ୟୟଭାର ବହନ କରିବାନିମିତ୍ତ ପ୍ରସ୍ତୁତ ହୋଇ ଅଛନ୍ତି । ଏହାଙ୍କ ଅନେକ ପ୍ରଶଂସାପୂ ଅଟନ୍ତି । ଏପରି ଉଦ୍ୟୋଗୀ ଜମିଦାର ବୁଦ୍ଧିରେ ଦୁର୍ଲ୍ଲଭ ।

ଲାହୋରଠାରେ ସହରେ ପଡ଼ି ଦେବା କାର୍ଯ୍ୟ ଅବଧି ଉତ୍ସୁଥିବାର ଦେଖାଯାଇ ଅଛି । ସେଠାରେ ଲୋକେ ସହରେ ବାହାର ଲେଖା ହୋଇଥିଲା ମାତ୍ର ଅନ୍ୟ ସହରମାନଙ୍କରେ ଉପଦ୍ରବ ଓ ସୁଲତାନରେ ତାର ଲାଗି ଅଛି ।

ଚୀନବର୍ଷର ହଙ୍ଗକଙ୍ଗଠାରେ ଲୋକଙ୍କ ମଡ଼କ ପଡ଼ି ଅଛି, ସେ ରୋଗେ ଏ ପର୍ଯ୍ୟନ୍ତ ୧୯୦୦୦ ଲୋକ ମରି ସାରିଥିବାର ସମ୍ବାଦ ମିଳିଲ ଏବଂ ମଡ଼କ ଅନେକ ହେବା ସମୟରୁ ପ୍ରାୟ ୮୦୦୦୦ ଲୋକ ହଙ୍ଗକଙ୍ଗ ଛାଡ଼ି ପଳାୟନ କରିଥିବାର ଜଣା ଯାଏ ।

ମାନ୍ଦ୍ରାଜପ୍ରଦେଶର ଦୈନିକ ଷ୍ଟେସନରେ ପଡ଼ ଲୋପ ହୋଇଥିବାର ସମ୍ବାଦ ମିଳିଲ । ସେଠା କର୍ମଚାରୀ ସିମଲା ପଠା ହୋଇ ଅଛି ବଂଶକ କମିଶନରଙ୍କ ଦ୍ୱାରା ଉଚିତ ହେବାର ପ୍ରସ୍ତାବ ହୋଇଅଛି ।— ଭାରତରେ ଏହିପରି ଅନେକସ୍ଥଳ ଅବାଧ୍ୟସ୍ଥଳ କରି କାର୍ଯ୍ୟମାନ ଉଠାଇ ଦିଆଯାଇ ପାରେ । ମାତ୍ର ଦେଖିବ କିଏ ?

ମୁରାଦାବାଦରେ ଜଣେ ଲୋକ ଗାଈ ପାଳୁଥିଲା । ଜଣେ ଗୋଟିଏ ବଳଦ ତାହାର ଗାଈକୁ ଗୋଡ଼ାଇ ଆସିବାରୁ ସେ ଲୋକଟା ବଳଦକୁ ହୋଇ ବଡ଼ ଧଡ଼ ଗୋଟାଏ ବଡ଼ି ମାରିଲା । ବଳଦ ବାଡ଼ରେ ମାଡ଼ଖାଇ ଗର୍ଜନ କରି କ୍ରୋଧରେ ତାହା ଉପରକୁ ଲମ୍ଫ ପ୍ରଦାନ କରି ନେଇ ଅଣ୍ଡ ମାଡ଼ ପକାଇଲା । ଗ୍ରାମବାସୀମାନେ ଦୌଡ଼ି ପରେ ଲୋକଟାକୁ ଛୋଡ଼ିବାକୁ ଯାଇ ସେ ମଲ ପଡ଼ିଥିବାର ଦେଖିଲେ । ବଳଦ ମୃତବ୍ୟକ୍ତିର ନାଡ଼ି ଭାଙ୍ଗି କରି ଉଡ଼ ଥିଲା ।

## କେନ୍ଦ୍ରାପଡ଼ା-ସମ୍ବାଦ ।

କେତେକ ଦିନ ହେଲା ଲଗାଏ ବୃଷ୍ଟି ହେଉ ଅଛି ସୁଷ୍ଟକାର୍ଯ୍ୟ ପକାଇ ପ୍ରଥମେ ୭ ୮ ୯ ପର୍ଯ୍ୟନ୍ତ ବର୍ଷା ବନ୍ଦ ହୋଇ ଗଲେ ଅତି ମୁଦଲ ରୂପେ ସୁବର୍ଷା ସମ୍ପୂର୍ଣ୍ଣ ହୋଇ ଥିଲା । ବିଶେଷ ବୃଷ୍ଟି ହେତୁ ଲୋକଙ୍କ ମନ ଭଙ୍ଗି ଅଛି ।

ବର୍ଷା ସଙ୍ଗେ ପ୍ରବଳ ପବନ ଏଠାରେ ଗୋଟିଏ ଘର ଭଙ୍ଗ ଘର ଉଦ୍ଭୂତ ସରକାରି ଗୋଟିଏ ଛୁଆଘରରେ ଗୋଟିଏ ପିଲ ଲୁଚାଇ କାଟି ସବି ଲଗାଇ ଦେବାକୁ ଏହା ପଡ଼ିଅଛି । ପିଲମାନଙ୍କ ହାତରେ ନିଅଗ୍ନିରେ ଦେବାଶ୍ରୁତ ସନ୍ଧ ହେବ ଉଚିତ ।

ଅଫଗାନ ମୌଜାରେ କେତେକ ଜଣ ଲୋକ ଗୋଟିଏ ମାଛ ପରେ ଗୁଡ଼ାଇବା କରିବା ଅପରାଧରେ ପୁଲିସ ହାତ ଧର ହୋଇ ଏଠାକୁ ଆସିଥିଲେ ବିଚାରରେ ଦୌଡ଼ ସମ୍ପୋର୍ଣ୍ଣ ହୋଇ ଅଛନ୍ତି ।

ଏଠାକାର ଡାକ୍ତର ଇ ଗ୍ରୀଷ୍ମାବକାଶ ଉପରେ ଗତ ତା ୨୦ ରଖରେ ଖୋଲ ଅଛି ଓ ସମସ୍ତ ସ୍କୁଲମାନ ଖୋଲ ହେଉ ଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ପରମମାନ୍ୟବର ଶ୍ରୀ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅଦ୍ୟାବଧି ତଣାହଟ୍ଟା ମଧ୍ୟମଶ୍ରେଣୀ ସ୍କୁଲଗୃହଟି ଭାଙ୍ଗିବାର ହୋଇ ନ ଥିବାରୁ ଏଥିରେ ଅମ୍ଭେମାନେ ବଡ଼ କଷ୍ଟ ସହ୍ୟ ହୋଇଅଛୁଁ । ଏହିଥର ଗୃହଟି ନିର୍ମାଣ କରିବାକୁ ଇଚ୍ଛା କରୁଅଛୁଁ । ଗ୍ରାମୀୟମାନଙ୍କ ମଧ୍ୟରେ ସେପରି ସମୃଦ୍ଧିଶାଳୀ ଲୋକ ନ ଥିବାରୁ ଅମ୍ଭେମାନେ ଅନନ୍ୟୋପାୟ ହୋଇ କେତେକ ଭଦ୍ରବ୍ୟକ୍ତିଙ୍କ ନିକଟରେ ସାହାଯ୍ୟାର୍ଥେ ପ୍ରାର୍ଥୀ ହୋଇଥିଲୁଁ । ନିମ୍ନଲିଖିତ ଯେଉଁ ଭଦ୍ରବ୍ୟକ୍ତିମାନେ ସାହାଯ୍ୟ ପ୍ରଦାନ କରି ଅଛନ୍ତି ସେମାନଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁଁ, ଏବଂ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କଠାରେ ପ୍ରାର୍ଥନା ଯେ ସେମାନଙ୍କର ଭକ୍ତି ସ୍କୁଲଗୃହ ପ୍ରତି ଯେ ହେବ ତାହା ଅଳ୍ପରେ ପ୍ରେରଣ କରି ବାଧିତ କରାଇବେ ।

ଶ୍ରୀଯୁକ୍ତ ଆର, ଜାଥନ ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ଟ ୧୦ ଙ୍କା
,, ବାବୁ ଗୋପାଳଚନ୍ଦ୍ର ଦାସ ଅସିଷ୍ଟାଣ୍ଟ କମିଶନର ଟ ୫ ଙ୍କା

୨୨।୬।୯୪ ତଣାହଟ୍ଟାସ୍କୁଲ } ବଶମ୍ବଦ ଶ୍ରୀ ଭଗୀରଥି ଦାସ ପଣ୍ଡା ... ସମ୍ପାଦକ

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ,, ଦାମୋଦର ଶାହୁ କଟକ | ଟ ୧ ୮ |
| ,, କେଦାରନାଥ ସାମନ୍ତ ଦୀଘା | ଟ ୩ ୮ |
| ଶ୍ରୀ ଶ୍ରୀ ରଜା ଦାସ ମହାପାତ୍ର | ଟ ୩ ୮ |
| ଶ୍ରୀ ଶ୍ରୀମତୀ ରାଣୀ ଦାନଦେଇ | ଟ ୩ ୮ |
| ବାବୁ ଚମତ ବୃନ୍ଦା ସାମନ୍ତରାୟ ଗୋରଖା | ଟ ୧ ୪ |
| ,, ଉଦୟ ମହାନ୍ତି ବସ୍ତୁଦେଇ | ଟ ୧ ୮ |
| ଶ୍ରୀ କେଶରୀ ଜଗନ୍ନାଥ ପ୍ରତାପ ସୁନ୍ଦର | ଟ ୩ ୮ |

Split by PDF Splitter



# ବିଜ୍ଞାପନ ।

### ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଶ ୧୦ଖଣ୍ଡ ଯାଏ ପୁସ୍ତକ ଡାକରେ ଦିବାକୁ ମାସୁଲ ଏକ-ଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ଲେଖକ ଶ୍ରୀ ଦାଶରଥି ରାଉତ } କାମଣ୍ଡା ସମ୍ବଲପୁର ପୋଃ

### ରାଗ-ରସଦୀପକ ।

ଅର୍ଥାତ୍

ନବଧ ଗୁଣ ରାଗିଣୀ ସମ୍ବଳିତ ବଣୁଛା ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ଜୟପୁରଡ଼ିକ କଟକ ।

### କୃଷିପାଠ ।

ଏପର୍ଯ୍ୟନ୍ତ ଓଡ଼ିଆଭାଷାରେ ଯେତେ କୃଷିପାଠ ହୋଇଅଛି ଏ ପୁସ୍ତକ ସର୍ବାପେକ୍ଷା ବୃହତ୍ ଅର୍ଥାତ୍ ପୃଃ ୧୬୯ ସ୍ଥାରେ ସମ୍ପୂର୍ଣ୍ଣ ଏବଂ ବିଶେଷ ଉପ-ଯୋଗୀ । ଯେଉଁମାନେ କୃଷିକାର୍ଯ୍ୟ କରୁଅଛନ୍ତି ଅଥବା କରିବାକୁ ଇଚ୍ଛା କରନ୍ତି ସେମାନେ ଏହାକୁ ପଢ଼ିଲେ ଅନେକ ସଦୁପଦେଶ ପାଇବେ ସନ୍ଦେହ ନାହିଁ ।

| | |
|---|---|
| ମୂଲ୍ୟ | ଟ ୦।√ |
| ଡାକମାସୁଲ | ଟ ୦। ୧୬ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଗ୍ରାହକମାନେ ପାଇ ପାରିବେ ।

## FOR SALE.

The under noted Elephants are for sale in the Mourbhanj State. Purchasers requiring further particulars as to their value, may apply direct to His Highness the Maharaja Mourbhanj.

| No. | Names of elephants. | Genders. | Heights |
|---|---|---|---|
| 1. | Sorod Mala | Female | 6ft. 10 ich |
| 2. | Bhimrothi | Do. | 6ft. 2 „ |
| 3. | Jhullon Piari | Do. | 6ft. 10 „ |
| 4. | Sohor Koli | Do. | 6ft. 0 „ |
| 5. | Chandro Shikor Prosad | Male Tusker | 5 ft. 7 „ |
| 6. | Moti Gajodont | Do. | 5 ft. 6 „ |

Baripada, }
21—6—94. }

By order
F. D'ELBOME,
*Accountant.*

### ପ୍ରୟୋଜନୀୟ ପୁସ୍ତକ ।

ବସୂଚିକା ଚିକିତ୍ସା ଓ ପଣକିଅମାଳିକା ଏକ ୨ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧାନମାଲା ତିନି ୨ ପଇସା ମୂଲ୍ୟରେ ଶବ୍ଦମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ମିଳେ ।

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦକ୍ ମେଡ଼ିକିଲ ମ୍ୟାନ୍ ଫ୍ୟାକ୍ଟୁରିଂ କୋମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ଼ କାଲିକା, ବେଙ୍ଗାଲ ।

## ରେଜିଷ୍ଟରୀକୃତ ମୂଳଧନ ଟ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେ-ଦୋକ୍ତ ଯାବତୀୟ ଔଷଧ ଯଥାଶାସ୍ତ୍ରପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବ-ତ୍ରରେ ସମ୍ପୂର୍ଣ୍ଣ ସୁଲଭ ମୂଲ୍ୟରେ ବିକ୍ରୟ ହେ-ଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାସ କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକ-ଟରୁ ଔଷଧ କ୍ରୟଣ କରିବେ ।

ଏଠାରେ ଶିପ୍ଲାଲୀ, କାଶ, ଜ୍ୱର, ଇନ୍ଫ୍ଲୁ-ଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅବଲୁପ୍ତ ଉଭଟ ଓ ଉତ୍କଟ ପୀଡ଼ାପକ୍ଷରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

କୋକିଳ-କୁନ୍ତଳ-ତୈଲ;—ଶିରଶୀତଳ ଓ ସୌଖିନର ଅମୂଲ୍ୟ ସାମଗ୍ରୀ । ଏହାଦ୍ୱାରା ଚିନ୍ତା-ହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୧ ଖରଚ୍ଚ ଟ ୦।√

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ୦।୧ ଡାକଖର୍ଚ୍ଚାଦ ଟ୦ √

କୁନ୍ତଳ-କୌମୁଦୀ-ତୈଲ; —ନୂତନ ଶିପ୍ଲା-ଲୀୟିଅର ଔଷଧ । ଏହା ବ୍ୟବହାର କଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୧ ଖର୍ଚ୍ଚାଦ ଟ ୦।√

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୧ କା । ୧।୨ କିସ୍ତିରେ ଟ ୨୫୧ କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖା-ଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହ-କେଛୁମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟେରୀ ଏବଂ ଟ୍ରେଜରର

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections

( Minor course 1895 )

BY

AKSHOY KUMAR GHOSE
AND
HARA CHAND GHOSH
in the press

Price per copy Rs. 1—0—0
Postage one anna extra for muffasal.
To be had of the Secretary Printing Company Cuttack

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ଶିକ୍ଷା ପ୍ରଚାରକ ।
ମୂଲ୍ୟ ଟ ୦ √ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ବର୍ଣ୍ଣିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇ-ଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୀଘ୍ର ନିଅ ! ନିଅ ! ନିଅ ! !

ଅମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପା-ଧ୍ୟାୟଙ୍କ ଦୋକାନରେ ପର୍ବାପେକ୍ଷା ଊଣା ମୂଲ୍ୟରେ ବହୁଦିନ ସକାଶେ ବିକ୍ରୟ ହସ

Digitized by srujanika@gmail.com

Split by PDF Splitter



ହେଉଅଛୁ । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

| | |
|---|---|
| କର୍ଣ୍ଣାଳାଳ ନନ୍ଦିନୀ ( ଶ୍ରୀମତୀ ସୁଲକ୍ଷଣା ଦେବୀ-ବିରଚିତ ) | ଟ° ୧୯ |
| ରସଲେଖା (ଉପେନ୍ଦ୍ର ଭଞ୍ଜ ବିରଚିତ) | ଟ ୦।୵ |
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | ଟ ୦ ୵ |
| ଏଜନ ଦ୍ୱିତୀୟ ଏଜନ | ଟ ୦ ୵ |
| ଏଜନ ତୃତୀୟ ଏଜନ | ଟ ୦ ୵ |
| ଏଜନ ଚତୁର୍ଥ ଏଜନ | ଟ ୦ ୵ |
| ଶୀତଳଚମ୍ପୂ | ଟ ୦ / |
| କପିଳାସ କ୍ଷେତ୍ର | ଟ ୦ / |

କଟକ ୨୭।୫।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକଇ, ରେସମୀ ଓ ବେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛୁ ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛୁ ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂଲ୍ୟ ଜାଣି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାହାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ତାଲିକା ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତପସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଷ୍ଟ ପେନସୀଲ | ଗୋ ୧ ଟ ୦।/ |
| ଲାଲ୍ ଓ ନେଳ ପେନସୀଲ୍ | ଗୋ ୧ ଟ ୦ ୵୧ |
| ଓଡ଼ିଆ ପେନସୀଲ୍ | ଦ ୧ ଟ ୦ ।/ |
| ନକସା କାଗଜ | ଦ ୧ ଟ ୦ ୩।/ |
| ଫୁଲସ୍କେପ୍ କାଗଜ ସରୁଆ | ଦ ୧ ଟ ୦ ୵୩ |
| ଏଜନ ରୁଲ୍‌ଦାର | ଦ ୧ ଟ ୦ ୵୬ |
| ଏଜନ ମୋଟା | ଦ ୧ ଟ ୦ ୵୩ |
| ଫାରସୀନୋଟପେପର ଓ ଲଫାଫା | ଦ ୧ ଟ ୨। |
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏଜନ ମଧ୍ୟମ | ଦ ୧ ଟ ୦ / |
| ଲଫାଫା ସରୁଆ ସ୧୦୦ଟ୦୵୵ | ଗୋ ୨୫ ଟ୦୵୩ |
| ଏଜନ ମଧ୍ୟମ ସ୧୦୦ ଟ ୦ ।/ | ଗୋ ୨୫ ଟ ୦ ୧୯ |
| ବାଇକାଗଜ ୧୬ ପଣି | ଦ ୧ ଟ ୦ ୵୩ |
| ସୀହାଇ | ବୋ ୧ ଟ ୦ ୩/ |
| ଏଜନ ସୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ଗୋଳାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଗ୍ରେନ୍ ଟ ୦ ୵୬ |
| ସୀଲଟ ପେନସୀଲ | ବ ୧ ଟ ୦ ।/ |
| ରବର | ଖ ୧ ଟ ୦ ।/୩ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରୁଆ | ଡଜନ ୧ ଟ ୦ ୵ |
| ଏଜନ ମୋଟା | ଡଜନ ୧ ଟ ୦ ୧୯ |
| ଏଜନ୍ ବଡ଼ମାଗନବୋଲମ | ଗୋ ୧ ଟ ୦ ୧୬ |
| କାଠଦୁଆତ ଢ଼ାଙ୍କୁଣି ସହିତ (ଜଗଣାଥାନି) | ଗୋ ୧ ଟ ୦ । |
| ଏଜନ ସାଧାରଣ | ଗୋ ୧ ଟ ୦୵୬ |
| ଜଳାଫିତା ସରୁଆ | ଖ ୧ ଟ ୦।/ |
| ହୋଇସ୍ପିର ବେଗ ଗୁଡ଼ସହିତ | ଗୋ ୧ ଟ ୦୩/ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଗୁନିପଥରର ଫଟ୍ଟପିଙ୍ଗ୍ଲ୍ ଓ ବୃଷେଲକଲସାବାଲି | ଗୋ ୧ ଟ ୨। |
| ଲେଙ୍କବଣ୍ଡର | ଗୋ ୧ ଟ ୧୧ |
| ମେକସର ଶଏଲ | ଗୋ ୧ ଟ ୦ ୪ |
| ସାବୁନ ସରୁଆ | ଖ ୧ ଟ ୦ ।୧ |
| ଫଳଦାନି | ଗୋ ୧ ଟ ୧୵ |
| ଦେବାଲଗିର ୨ଡାଲିଯୁକ୍ତ | ଗୋ ୨ ଟ ୪। |
| ଏଜନ ଏକଡାଲିଆ | ଗୋ ୧ ଟ ୨ |
| ଷ୍ଟେନ | ଗୋ ୧ ଟ ୭ |
| ଅଗ୍ନିଷ୍ଟେଟ | ଗୋ ୧ ଟ ୵୬ |
| ତାସ | ଦ ୧ ଟ ୦ ।୩ |
| ସାନପଗଡ଼ୀ | ଗୋ ୧ ଟ ୫୧ |
| ତନାଇଣୀ ସବୁ ଢଙ୍ଗ ପିତଳର ଏହାକୁ କୌଣସି ପାତ୍ରରେ ରଖି ନିଅଁରେ ଭରିଲାଇ କୋଠା ଛାତର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ । |

କଟକ } ଅରଭନ୍ଦସିଦ୍ଧ କର
ଚୌଧୁରୀ ବଜାର } କମ୍ପାନୀ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛୁ, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହିହିଁର ସର୍ତ୍ତା ଟ ୦ ୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତା ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳପ୍ରେସ କମ୍ପାନୀ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୩୦ ରିଖ ମାହେ ଜୁନ ସନ ୧୮୯୪ ମସିହା । ମୁ । ତ ୧୮ ଇ ଅଷାଢ଼ ସନ ୧୩୦୧ ସାଲ ଶନିବାର ।

ମହାଶୟ !

ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାର କୋଣେକ ଦେଶରେ ନିମ୍ନଲିଖିତ ପ୍ରସଙ୍ଗ ଲିପିବଦ୍ଧ କରି ଉପକୃତ କରନ୍ତୁ ।—

ଖଣ୍ଡିକୋଟ ବିବାହୋତ୍ସବ ।

ଏ ଦେଶରେ ଜମିଦାରୀ ବିବାହାଡ଼ମ୍ବର ଏକ ପ୍ରାଚୀନ ପ୍ରଥା, କିନ୍ତୁ ଖଣ୍ଡିକୋଟରେ ଜମିଦାରୀ ବିବାହାଡ଼ମ୍ବର ସର୍ବାନ୍ତ ନିମ୍ନୋକ୍ତ ବିବରଣ ଗୁରୁତର ଓ ବିଶେଷ ଚିତ୍ତାକର୍ଷକ ।—

ଗତ ତା ୭ ରିଖରେ କଟକ ଜିଲ୍ଲାନ୍ତର୍ଗତ ବାଙ୍କୀ-ଆଠଗଡ଼ ରାଜାଙ୍କର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଖଣ୍ଡି-କୋଟ, ଆଠଗଡର ବର୍ତ୍ତମାନ ରାଜାଙ୍କ ଜ୍ୟେଷ୍ଠ-ଭଗିନୀ ଶ୍ରୀମତୀ ପାଟଦେଈମାଙ୍କ ସଙ୍ଗେ ଶୁଭାବହ ପରିଣୟୋତ୍ସବ କାର୍ଯ୍ୟ ଆରମ୍ଭ ହେଲା । ଗତ ତା ୬ ରିଖରେ ବର ଆପଣା ଦେୱାନ ଓ ଦଳ-ବଳ, ଘୋଟକ, ହସ୍ତୀଆଦି ମହାଡ଼ମ୍ବର ସହିତ ଖଣ୍ଡିକୋଟକୁ ଗମନ କରି ଅନ୍ତର ଚିଲିକାହ୍ରଦ-କୂଳବର୍ତ୍ତୀ ସୁନ୍ଦର ଗୃହାବଳୀମଣ୍ଡିତ ପଣ୍ଡିତଗ୍ରାମ ତଟରେ ଉପନୀତ ହେଲେ । ଏହା ଶୀତଳ, ଛାୟା-ଚ୍ଛନ୍ନ, ଜଙ୍ଗଲ ଓ ହ୍ରଦ ହେତୁ ସୁଦୃଶ୍ୟ । ଏହି ମନୋହର ଓ ସୁସଜ୍ଜିତ ସ୍ଥାନରେ ତମ୍ବୁ ଓ ପଟ୍ଟ-କୁଟୀରାଦି କରି ଓ ବରଯାତ୍ରିମାନଙ୍କୁ ସାଦରେ ଗ୍ରହଣ କରିବା ନିମିତ୍ତ ସ୍ଥାପିତ ହୋଇଥିଲା । ସେହିଦିନ ସାୟଂକାଳରେ ଖଣ୍ଡିକୋଟ ରାଜା ଆପଣା-ଭ୍ରାତା ଶ୍ରୀ ଯୁବରାଜ, ଦେୱାନ, ଡାକ୍ତର ରାଜ-ଗୁରୁ, ପି, ଭେଙ୍କମ ପନ୍ତୁଲି, ବ୍ୟବସ୍ଥାପକ, ଓକିଲ-ପ୍ରଭୃତି ମାନ୍ୟଗଣ୍ୟ ଲୋକଙ୍କ ସମଭିବ୍ୟାହାରରେ ବର ଓ ବରସଙ୍ଗିମାନଙ୍କୁ ଆନ୍ତରିକ ଅଭ୍ୟର୍ଥନା-ନିମିତ୍ତ ବଗିଯୋଗେ ତମ୍ବୁକୁ ଗମନ କଲେ । ତହୁଁ ତାମ୍ବୂଲ ଓ ସୁବାସିତ ଅତର ବିତରଣ ହେଲା । ଏ-ଉତ୍ତାରେ ରାଜଦ୍ୱୟ ଓ ଶ୍ରୀ ଯୁବରାଜ ବଗିଯୋଗେ ଗମ୍ଭୀର ହ୍ରଦ କୂଳବର୍ତ୍ତୀ ବଙ୍ଗୀୟ ପ୍ରାନ୍ତସୀମା ଅଭିମୁଖେ ପ୍ରସ୍ଥାନ କଲେ ।

ଗ୍ରହଣ କରିବା ଓ ଗୃହୀତ ହେବା ଉଭୟ ସନ୍ତୋଷଜନକ ଏବଂ ଖଣ୍ଡିକୋଟାଧିପ ପ୍ରାଚୀନ ପ୍ରଥା-ର ବଶବର୍ତ୍ତୀ ହୋଇ ନଗର ବହିସ୍ଥ କ୍ଷେତକୁ ଯାଇ ବରଙ୍କୁ ସଦଳ-ବଳ ଗ୍ରହଣ କରିବା ସମ୍ବନ୍ଧରେ ନିତାନ୍ତ ସୌଜନ୍ୟ ପ୍ରକାଶ କରି ଯାଇଥିଲେ । ମନୋ-ଯୋଗ୍ୟ ଏହି ଯେ ଖଣ୍ଡିକୋଟ ରାଜାଙ୍କର ପ୍ରଥା ତ୍ୟାଗ କରିବା ବିଷୟ ସଙ୍କୀର୍ଣ୍ଣତା ଓ କାରଣହୀନ-ତା ପୂର୍ବକ ବିବେଚିତ ହେଲେହେଁ ଆପଣା ବୋଧ-ଶକ୍ତି ପ୍ରମାଣେ କାର୍ଯ୍ୟକ୍ଷେତ୍ରରେ ଉପନୀତ ହେବା-ପକ୍ଷରେ ତାଙ୍କର ସାର୍ବଭୌମିକ ସ୍ୱଭାବ ଓ ନିର୍ଭୟ ଅଗ୍ରସରତାର ବିଲକ୍ଷଣ ପ୍ରମାଣ ମିଳେ । ଏ ସମ୍ବ-ନ୍ଧରେ ସେ ଏକମାତ୍ର ପ୍ରଥମ ଆଦର୍ଶ ସ୍ୱରୂପ ହେବା ପ୍ରଶଂସ୍ୟ ।

ତହିଁ ଆରଦିନ ରାତ୍ରିରେ ବର ମହା ଆଡ଼ମ୍ବ-ରରେ କଳ୍ପାକୁ ଅଗ୍ରସର ହେଲେ, ପ୍ରବେଶ ଦ୍ୱାର-ନିକଟରେ ଖଣ୍ଡିକୋଟ ରାଜାଙ୍କ ଦ୍ୱାରା ଆନନ୍ଦ ଧ୍ୱନି ସହିତ ଗୃହୀତ ହେଲେ । ଏଠାରୁ ରାଜଗୃହ ପର୍ଯ୍ୟନ୍ତ ଆଡ଼ମ୍ବରଟି ଅତି ନେତ୍ରପ୍ରୀତିକର ହୋଇଥିଲା । ନଗରଟି ଅସଂଖ୍ୟ ବିବିଧବର୍ଣ୍ଣ ଆଲୋକ ଅଗ୍ନ୍ୟୁତ୍ସବ-ପରିପୂର୍ଣ୍ଣ ବାଣାବଳୀ ଦୂରରୁ ପ୍ରଜ୍ୱଳିତ ଆଲୋକପୁଞ୍ଜ ନିର୍ଗତ ମହାଦୀପ୍ତି ତୁଲ୍ୟ ପ୍ରତୀୟମାନ ହୋଇଥିଲା, ଏବଂ ସ୍ୱୟଂ ଖଣ୍ଡିକୋଟ ଉତ୍ସବାଗତ ସମସ୍ତ ସଙ୍ଗି-ଲୋକଙ୍କର ଅଭ୍ରାନ୍ତ ପରିଚୟ ପ୍ରଦାନ କରୁଥିଲେ । ଗ୍ରାମୋପଗ୍ରାମବାସିମାନେ ଏମନ୍ତ ସମୁତ୍ସାହିତ ହୋଇ ଦର୍ଶନାଭିଳାଷୀ ଥିଲେ ଯେ ସହସ୍ର ସହସ୍ର ଲୋକଙ୍କ ଭିଡ଼ଦ୍ୱାରା ଆଡ଼ମ୍ବରଟି ଗ୍ରସ୍ତ ହୋଇ ଯାଇଥିଲା । ରମଣୀୟ ତମାଶା ଦର୍ଶକର ଅଭାବ ନ ଥିଲା । ପ୍ରାତଃ କାଳକୁ ବୈବାହିକ କ୍ରିୟା ସମାପନ୍ନ ହୁଅନ୍ତେ ମହା ଜନତାର ମେଳ ଭଙ୍ଗ ହୋଇଥିଲା ।

ତା ୮ ରିଖରୁ ଏକ ପକ୍ଷ କାଳ ଦୈନିକ ନିର୍ଦ୍ଧା-ରଣାନୁସାରେ ଦର୍ବାର ସଭା, ନୃତ୍ୟ, ସଙ୍ଗୀତ ଓ ପଣ୍ଡିତସଭା ପ୍ରଭୃତି ସମାହିତ ହୋଇଥିଲା । ତାହା ଉତ୍ସବାନନ୍ଦକୁ ମୂର୍ତ୍ତିମାନ୍ କରିଥିଲା । ବ୍ରହ୍ମପୁର ତାରତରଙ୍ଗିଣୀ ନାମ୍ନୀ ନାଟକାଭିନୟ ସମିତି ସ୍ୱକ-ଉତ୍ସବରେ ନାଟ୍ୟ ଦେଖାଇଥିଲେ, ତହିଁରେ କାଳିଦାସଚରିତ ନିତାନ୍ତ ପ୍ରୀତିକର ଥିଲା । ତହୁଁ ସାଦ୍ୱିକ ଓ ଯାନ୍ତ୍ରିକ ଉତ୍କୃଷ୍ଟ ପ୍ରକାରର ସଂଗୀତ ବାବୁ ଜଗନ୍ନାଥ ରେଡ୍ଡି ନାମକ ଜଣେ ବୈଣିକ ଓ ଗାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା, ତାହା ନିତାନ୍ତ ହୃଦୟସ୍ପର୍ଶୀ ।—

ଗୀତ ।

ତାଳ—ଆଡ଼ ଖେମଟା ।

ଯମୁନା ପୁଳିନେ ବସେ ବୃନ୍ଦେ ।
କ ସୁନ୍ଦର ଶୁଭ ପରିଣୟ ଶୁଣ ସୁଜନେ ।
ଯାହା ଦେଖି ନେତ୍ର ସୁଖୀ ହେଲା ସ୍ୱଜନଙ୍କେ । ୨ ।
ଅନୁପମ ଆଡ଼ମ୍ବର, ମଣ୍ଡିଲା ପୁର ନଗର ।
ବାଜେ ନାହିଁ ଚହୁଁ ପାଇଁ, ଦଶ ଗାଏ ଗାୟନେ ।
ବର କନ୍ୟା ପ୍ରକାର, ଶୋଭାକର ଚମତ୍କାର ।
ଦଶ ବେଢ଼ ପଟାନ୍ତର, ସୌଦାମିନୀ ଯେହ୍ନେ ଘନେ । ୬ ।
ମଣ୍ଡନ ପଣ୍ଡିତ ବାମା, ମଣ୍ଡିତ ନୃପତିନେମା ।
ଅଚଳା ଚଞ୍ଚଳା ସମା, ବିଜୟ ପତି ସଦନେ । ୩ ।
ବିବିଧ ବାଦ୍ୟ ବାଦନ, ନୃତ୍ୟ ଗୀତ ସଂକୀର୍ତ୍ତନ ।
କମ୍ପାଇଲା ବସୁମତୀ, ଶୁଣି ସୁଖୀ ଜନ ମନେ । ୪ ।
ବଚନ ନେଇ ଭୁରିତେ, ଗାଇ ପଞ୍ଚପଦୀ ଗୀତେ ।
କେବଳ ବଳ ଈଶ୍ୱର, ସୁଖପ୍ରଦ ସ୍ୱଜନେ । ୫ ।

ତା ୨୧ ରିଖରେ ଖଣ୍ଡିତ ବିଷୟରୁ ଧର୍ମପ୍ରଭୃତି ପରିବର୍ତ୍ତିତ ହୋଇଥିଲା । ଜଣ ପଣ୍ଡିତମାନଙ୍କର ସମାଗମ ପୂର୍ବରୁ ପଣ୍ଡିତ ଲକ୍ଷ୍ମଣଅବଧାନୀ ଶ୍ରୁତି-ବେଦରୁ ଗୀତାଧ୍ୟୟନ କରି ତହିଁର ବହୁ ବହୁ ବ୍ୟାଖ୍ୟା କରିଥିଲେ ।

ତା ୨୩ ରିଖ ରାତ୍ରିରେ ନଗଦ ଟଙ୍କା ଓ ମୂଲ୍ୟ-ବାନ୍ ବସ୍ତ୍ର ଓ ଅପରିମିତ ମିଷ୍ଟାନ୍ନ ଉତ୍ସବାଗତ ସାନ ବଡ଼ ସମସ୍ତ ଲୋକଙ୍କୁ ଯଥାବିଧି ବଣ୍ଟନ କରାଗଲା । ଏରୂପେ ତ ୧୯ ଇ ପର୍ଯ୍ୟନ୍ତ ଅପାର ଲୋକ ଆମୋଦ-ପ୍ରମୋଦ କରିଥିଲେ । ତାହାରୁ ଉତ୍ସବକାଳ ରାଜା ସ୍ୱୟଂ ପକ୍ଷଧର ତୁଲ୍ୟ ଗତାୟାତ କରି ଅଗନ୍ତୁକ

Digitized by srujanika@gmail.com

Split by PDF Splitter



ବନ୍ଧୁମାନଙ୍କ ସୁଖ ସ୍ୱଚ୍ଛନ୍ଦତା ନିମିତ୍ତ ଯତ୍ପରୋନାସ୍ତି ପ୍ରତ୍ୟେକ ବସ୍ତୁର ତତ୍ତ୍ୱ ନେଇ ଥିଲେ, ସମସ୍ତ ଅତୀବ ପ୍ରହୃଷ୍ଟ ଓ ପରିତୃପ୍ତ । ଏହିମାତ୍ର ବକ୍ତବ୍ୟ ଯେ ୟୁରୋପୀୟ ବା ଭାରତୀୟ କଳ୍ପିତର ସଭ୍ୟ ଜାତି ବା ଯଥାକାଳୀନ ସାଧ୍ୟ ସାଧନାର କୌଣସି ଅଂଶରେ ଊଣା ହୋଇ ନ ଥିଲା ।

ସମ୍ପ୍ରତି ଦୃଶ୍ୟ ପରିବର୍ତ୍ତିତ, ବିଚ୍ଛେଦ ସମୟ ଉପସ୍ଥିତ ଏବଂ ବର କନ୍ୟା ଖଲ୍ଲିକୋଟରୁ ବିଦାୟ ନେବାକୁ ଉଦ୍ୟତ, ଅଦ୍ଭୁତ ସ୍ୱାମୀଙ୍କର ପ୍ରଦତ୍ତ ଦାତୃନେହୁପଯୋଗୀ ଯୌତୁକ ସାମଗ୍ରୀ ପାଲ୍କି ମଧ୍ୟରେ ସଜ୍ଜିତ । ଇତ୍ୟବସରେ ଖଲ୍ଲିକୋଟ ଅନ୍ତଃପୁରରୁ ଦୁଃଖ-ବ୍ୟାକୁଳ କନ୍ଦନଧ୍ୱନି ଯୁଗପତ୍ ଉତ୍ଥିତ ହୋଇ ଗଗନ ବିଦୀର୍ଣ୍ଣ କଲା ଓ ତାହା ସେସକାଳୀନ ପରିବର୍ତ୍ତିତ ଦୃଶ୍ୟ ଦର୍ଶନାର୍ଥ ସମାଗତ ମହା ଲୋକାରଣ୍ୟ ଉପରେ ବଜ୍ରବହ୍ନି ତୁଲ୍ୟ ବ୍ୟାପିଗଲା । କ୍ରନ୍ଦନ କାତରୀ ରମଣୀମାନଙ୍କ ମଣ୍ଡଳ ମିଳିଲେ, ସେଠାରେ ଗୋଟିଏ ହେଲେ କମ୍ପନହୀନ ଅଧର ଓ ଅଲୋତକ ଅନାର୍ଦ୍ର ନେତ୍ର ନ ଥିଲା । ବା ଏମନ୍ତ ହର୍ଷ ସୁଖଦାୟୀ ଉତ୍ସବ କ୍ରନ୍ଦନ ଓ ବିଳାପରେ ପରିଣତ । ଅବଶେଷରେ ବିଚ୍ଛେଦ ଦୁଃଖାଧାରଭୂତ ବ୍ୟକ୍ତିଙ୍କ ଯାନ ବାହିତ ଚାଳିତ ହେଲା, ହଜାର ହଜାରଙ୍କର କଲ୍ୟାଣବାଞ୍ଛା ଓ ମହାବିଳାପ ଶବ୍ଦରେ ଅନୁଶ୍ରୁତ ହେଲା । ରାଜା ଆପଣା ଭଗିନୀଙ୍କି ଭଗିନୀପତିଙ୍କ ହସ୍ତରେ ସମର୍ପଣ କଲାବେଳେ ସ୍ୱରଗଳଦେଶରେ ଅବରୁଦ୍ଧ ଓ ଚକ୍ଷୁଦ୍ୱୟ ଲୋତକରେ ପରିପୂର୍ଣ୍ଣ ହୋଇଗଲା, ଏହା ନିତାନ୍ତ ହୃଦୟସ୍ପର୍ଶୀ ଥିଲା; ରାଜା ଉପଯୁକ୍ତଭାବରେ କଣ୍ୱମହର୍ଷି ଆପଣା ପାଳିତକନ୍ୟା ଶକୁନ୍ତଳାଙ୍କୁ ବିଦାୟବେଳେ ଯେଉଁ ଶ୍ରେଷ୍ଠ ସୁନ୍ଦର ଶ୍ଳୋକ ଶିକ୍ଷା ଦେଇଥିଲେ ସେହି ଶ୍ଳୋକସବୁ ସ୍ମରଣ କରାଇଲେ । ଏ ଆଶ୍ଚର୍ଯ୍ୟର ବିଷୟ, ଯେଉଁ ରାଜା ରାଜକୁମାରୀଙ୍କ ଦ୍ୱାରା ଲାଳିତ ହୋଇ ଆପଣା ପିତୃବିଯୋଗ ଜନିତ ବ୍ୟଥାକୁ ଉପଶମ ପାଇଥିଲେ ଓ ଯାହାଙ୍କର ଅନେକ ପ୍ରଶଂସ୍ୟ ଗୁଣପ୍ରଯୁକ୍ତ ଉଚ୍ଚତମ ମର୍ଯ୍ୟାଦା ଦାନରେ ସଦା ପ୍ରବୃତ୍ତ ଥିଲେ । ତାହାଙ୍କୁ ସେ ଏବେ ବିଦାୟ କରୁଅଛନ୍ତି ! ସଂକ୍ଷେପତଃ ପ୍ରତ୍ୟେକ ହାହାଶବ୍ଦ ସମସ୍ତଙ୍କ ଭାବରେ ପାଲ୍କିର ପ୍ରତ୍ୟାଗତ ହେବା ସମୟପାଇଁ ରାଜା ପିଲ୍ଲପର ସେବନ କରୁଥିଲେ । ଆଉ ଏକ ନୂତନ କଥା ପୁରୋହିତମାନେ କନ୍ୟାମାନଙ୍କ ଯାତ୍ରାରେ ରକ୍ଷକ ସ୍ୱରୂପ ହୋଇ ଯିବାର ରାଜା ଜମିଦାରମାନଙ୍କର ରୀତି ଥିବା ସ୍ଥଳେ ରାଜା ସ୍ୱୟଂ ଆପଣା ସହୋଦର ଓ ପାତ୍ର ସମଭିବ୍ୟାହାରେ ନବୀନ ରାଜଦମ୍ପତିଙ୍କ ସଙ୍ଗେ କଟକଜିଲ୍ଲାନ୍ତର୍ଗତ ବାଲୀଅଠଗଡ଼ ଅଥବ ରାଣୀଙ୍କ ନୂତନ ଓ ସ୍ଥାୟିଗୃହ ପର୍ଯ୍ୟନ୍ତ ସଙ୍ଗେ ସଙ୍ଗେ ଆସିଅଛନ୍ତି ! ସେମାନଙ୍କ ନିରୂପିତ ସ୍ଥାନର ମାର୍ଗମଧ୍ୟରେ ରାଜା ଶୁଭଦନ ନିମିତ୍ତ ବେଯିପୁଟ ନାମକ ଚିଲ୍କାହ୍ରଦକୂଳବର୍ତ୍ତୀ ଏକସ୍ଥାନରେ ଆବାସ ସ୍ଥାପନ କରଥିଲେ ଉକ୍ତସ୍ଥାନ ବିଦାୟସ୍ଥାନରୁ ୬ ମାଇଲ ଅନ୍ତର । ସେଠାରେ ସେ ଆପଣା ଭଗିନୀପତିଙ୍କି ହ୍ରଦାନ୍ତର୍ବର୍ତ୍ତୀ ରମଣୀୟ ଦ୍ୱୀପପୁଞ୍ଜ ଦେଖାଇଲେ, ତନ୍ମଧ୍ୟରେ କୋପସଣ୍ଡ ଓ ଜଙ୍ଗଲମଧ୍ୟରେ ନାରାୟଣଗୋପବୋଲ ତୀର୍ଥ ସ୍ଥାନ ଅଛି ।

କେବଳ ଏକ ବିଷୟ ବିବାହୋତ୍ସବାନନ୍ଦରେ ଦୁଃଖ ମିଶାଇଥିଲା । ଏକ ଆକସ୍ମିକ ଘଟଣାଦ୍ୱାରା ବରପକ୍ଷୀୟ ଜଣେ ଲୋକ ଆପଣା ମୁନିବର ଦ୍ରବ୍ୟସମକ୍ଷରେ ଜୀବନ ରକ୍ଷାର୍ଥେ ଦୌଡ଼ି ଗୋଟିଏ ପଥର ଉପରେ ପଡ଼ିଯାଇ କଙ୍କପିଣ୍ଡରହୋଇ ଅଳ୍ପ ସମୟ ମଧ୍ୟରେ ପଞ୍ଚତ୍ୱ ପ୍ରାପ୍ତହେଲା ।

ଶ୍ରୀ ଶ୍ରୀ ଶ୍ରୀମାନ୍ ବୀରବର ମର୍ଦ୍ଦରାଜ ଦେବ ଓ ଯୁବରାଜ ଶ୍ରୀ ବ୍ରଜରାଜ ଦେଓ ଆପଣା ପାର୍ଶ୍ୱାନୁଚର ବର୍ଗାଦି ସହିତ ଦମ୍ପତିଙ୍କି ବାଲୀଅଷ୍ଟଦୁର୍ଗରେ ନିର୍ବିଘ୍ନରେ ରାଜଭବନରେ ପ୍ରବେଶ କରାଇ ଗୃହବନ ନବୀନ ବନ୍ଧୁଙ୍କ ବହୁତର ମର୍ଯ୍ୟାଦା ଗ୍ରହଣ ପୂର୍ବକ କଟକକୁ କୁଶଳରେ ପୁନଶ୍ଚ ପ୍ରତ୍ୟାଗମନ କରଅଛନ୍ତି । ରାଜାମହୋଦୟ ଏ ସହରରେ ଦୀର୍ଘକାଳ ଅବସ୍ଥିତ କରି ନଗରବାସିମାନଙ୍କ ନମସ୍କାରପାତ୍ର ଓ ଗୋଟିଏ ଅନୁକରଣୀୟମାନଙ୍କ ଲକ୍ଷସ୍ୱରୂପ ହୋଇଅଛନ୍ତି । ଉକ୍ତ ମହାତ୍ମାଦ୍ୱୟଙ୍କ ସଙ୍ଗେ ଯେଉଁମାନେ ମିଷ୍ଟାଳାପ ଓ କାରବାର କରିଅଛନ୍ତି ସେମାନେ ଅବଶ୍ୟ ସେମାନଙ୍କୁ ଭବ୍ୟ ସଜ୍ଜନମାନଙ୍କ ପ୍ରଥମଶ୍ରେଣୀରେ ଆରୂଢ଼ କରାଇ ସେମାନଙ୍କ ବିଷୟଜ୍ଞତା, ବିଚକ୍ଷଣତା, ଓ ବହୁଦର୍ଶିତାର ପରିଚୟ ପାଇଅଛନ୍ତି । ପରମେଶ୍ୱର ନବଦମ୍ପତି ବାଲୀଅଠଗଡ଼ ରାଜରାଣୀଙ୍କି ଦୀର୍ଘାୟୁ ଓ ଜ୍ଞାନ ଦେଇ ପ୍ରତିପୋଷଣ କରନ୍ତୁ । ପୁଣି ଖଲ୍ଲିକୋଟାଙ୍କଦୁର୍ଗପତିଙ୍କି ମାର୍ଗରେ ଅନୁକୂଳ ଯାତ୍ରା ଅଶେଷ କରି ଚିରଜୀବନ ବୃଦ୍ଧି ଓ ଶାସନୋଚିତ ବିଦ୍ୟା ଦାନକରି ସ୍ୱରାଜ୍ୟରେ ସୁରକ୍ଷା କରନ୍ତୁ ।

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଗ | ସଂ ୨୨ ଖ୍ୟା

ତା ୭ ଏ ମାହେ ଜୁଲାଇ ସନ ୧୮୯୪ ମସିହା । ମା । ତ ୨୪ କ ଅଷାଢ଼ ସନ ୧୩୦୧ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬୯


ସନ ୧୮୯୨।୯୩ ସାଲର ଗ୍ରାଣ୍ଟକିଆ ସୁଧର ଗବର୍ଣ୍ଣମେଣ୍ଟ ପ୍ରମିସରି ନୋଟ ପରିଶୋଧ କରି ଅଛିପର ଶତଟଙ୍କା ଆଠଅଣା ଦରରେ ସୁଧ ଦିଆଯିବାର ବିଜ୍ଞାପନ ଗେଜେଟରେ ବାହାରି ଅଛି । ବିସ୍ତାରିତ ବିବରଣ ଏ ପତ୍ରେ ପ୍ରକାଶ କରୁଁ ।

---

ମାନ୍ୟବର ବଙ୍ଗୀୟ ଛୋଟଲାଟ ବାହାଦୁର ଗତ ସୋମବାର ପୂର୍ବାହ୍ଣେ କଲିକତାରେ ପହୁଞ୍ଚି ଅଛନ୍ତି । ଏକପକ୍ଷ ପୂର୍ଣ୍ଣ ହେବା ପୂର୍ବ ଅର୍ଥାତ୍ ଆସନ୍ତା ତା ୧୫ ରିଖ ଅପରାହ୍ଣରେ କଲିକତାରୁ ପୂର୍ବ ବଙ୍ଗ ଭ୍ରମଣାର୍ଥେ ଯାତ୍ରା କରିବେ । ଏ ଭ୍ରମଣ ଅଧିକାଂଶ ନଦୀବାଟେ ହେବ । ଅଗଷ୍ଟ ମାସ ତା ୪ ରିଖରେ କଲିକତାକୁ ଲେଉଟି ଆସିବେ ।

---

ଅଦ୍ୟ ବେଳ ଘ ୧୧ ଘା ସମୟରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଏକ ଅଧିବେଶନ କଲିକତା ସଭାଗୃହରେ ହେବ । ସାସ୍ଥ୍ୟସାଧକ ମ୍ୟୁନିସିପାଲ ସମ୍ବନ୍ଧୀୟ ଆଇନର ପାଣ୍ଡୁଲିପି ଏହି ଅଧିବେଶନରେ ଉପସ୍ଥିତ ହେବାର କଥା । ଏ ଆଇନଦ୍ୱାରା ଇଷ୍ଟାପେକ୍ଷା ଅଧିକ ଅନିଷ୍ଟର ଆଶଙ୍କା । ଏଣୁ ଯାଇ ସଭାରେ ଏହା ଅଗ୍ରାହ୍ୟ ହେଲେ ବଡ଼ ସୁଖର ବିଷୟ ହେବ ।

---

ଭାରତୀୟ ଡାକବିଭାଗର ପ୍ରଧାନ କର୍ତ୍ତା ବିଜ୍ଞାପନ ଦେଇଅଛନ୍ତି କି ଆଗାମୀ ନବମ୍ବର ମାସ ତା ୧ ରିଖଠାରୁ ରବର ଅଥବା ଅନ୍ୟ ପ୍ରକାର ମୋହରର ଛାପା ଯେଉଁ ଡାକଟିକଟ ଉପରେ ଥିବ ସେ ଟିକଟ ଡାକମାସୁଲ ସ୍ୱରୂପ ଡାକଘରେ ଗ୍ରହଣ କରାଯିବ ନାହିଁ । କେହି ଇଚ୍ଛା କଲେ ଡାକଟିକଟରେ ଅତି କ୍ଷୁଦ୍ର ଛିଦ୍ରଦ୍ୱାରା ଆପଣା ନାମର ଆଦ୍ୟାକ୍ଷର ବା ଅନ୍ୟ ସଙ୍କେତ ଲେଖିବାର ନିଷେଧ ନାହିଁ ।

---

ତୁରକୀ ରାଜ୍ୟରେ ଦେଣଦାୟରେ କାହାର ବାସସ୍ଥାନ ଗୃହ ବିକ୍ରୟ ହୁଏନା । ଯଦ୍ୟପି କୌଣସି ଦେଣଦାରର ଦେଣ ଏତେ ଅଧିକ ଯେ ତାହାର ସର୍ବସ୍ୱ ବିକ୍ରୟ କରନେବା ଆବଶ୍ୟକ ହୁଏ ତଥାପି ତାହାର ଭରଣପୋଷଣ ନିମନ୍ତେ କିଛି ଜମି ଛାଡ଼ ଦେବାକୁ ମହାଜନ ବାଧ୍ୟ । ତୁରକ ମୁସଲମାନ ରାଜ୍ୟ । ସୁଧନେବା ମୁସଲମାନ ଧର୍ମ ଶାସ୍ତ୍ରରେ ନିଷେଧ । ସୁତରାଂ ଦେଣଦାର ପ୍ରତି ଦୟା ଦେଖାଇବାର ବ୍ୟବସ୍ଥା ହୋଇ ଅଛି ।

---

କଲିକତା ହାଇକୋର୍ଟର ଜଣେ ବିଚାରପତି ମାନ୍ୟବର ମାକଫରସନସାହେବ ପୂର୍ବେ ବହୁକାଳ ଏହି କଟକଜିଲାର କଲେକ୍ଟର ଓ ଜଜ ଥିଲେ । ସେ ଏଠାରେ ଅବସ୍ଥିତ କରିବା କାଳରେ ପ୍ରାୟ ପ୍ରତିବର୍ଷ ଘୋଡ଼ାଦୌଡ଼ କ୍ରୀଡ଼ାର ଅନୁଷ୍ଠାନ କରୁଥିଲେ । ଘୋଡ଼ାଦୌଡ଼ରେ ତାହାଙ୍କର ସେ କାଳର ବାଇ ଅବଧି ଛାଡ଼ ନାହିଁ । ଶୁଣିଲୁଁ ଯେ ବିଲାତର ଡରବିନାମକ ଘୋଡ଼ଦୌଡ଼ ସ୍ଥଳରେ ଏଥରବାଜି ଲଗାଇ ଅନେକ ଟଙ୍କା ପାଇଅଛନ୍ତି ।

---

ମଧ୍ୟପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟଦାନ ସମ୍ବନ୍ଧୀୟ ସରକାରୀ ରିପୋର୍ଟରୁ ପ୍ରକାଶ କୃଷି ଶ୍ରେଣୀ ଛଡ଼ା ଅନ୍ୟ ଲୋକଙ୍କୁ ବିଶେଷତଃ ସ୍ତ୍ରୀ ଓ ବାଳକ ବାଳିକାମାନଙ୍କୁ ସାହାଯ୍ୟ ଦିଆଯାଇ ଅଛି ଏବଂ ଏ ପର୍ଯ୍ୟନ୍ତ ଅନାହାରରୁ ମୃତ୍ୟୁ ଘଟିବା ଦେଖାଯାଇ ନାହିଁ ।

---

ବଙ୍ଗୀୟ ଜଳନିକାଶି ଆଇନର ପାଣ୍ଡୁଲିପି ସମ୍ବନ୍ଧରେ ଇଣ୍ଡିଆନ ରିଲଫ ସୋସାଇଟୀର ସମ୍ପାଦକ ବାବୁ ହରେନ୍ଦ୍ରନାଥ ଦତ୍ତ ଏମ୍, ଏ, ବି, ଏଲ ସଭାର ମତାନୁସାରେ ଏକ ଆବେଦନ ପତ୍ର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇ ଅଛନ୍ତି । ତହିଁରେ ସେ ଲେଖି ଅଛନ୍ତି କି ଜଳନିକାଶି ବାଟର ଅଭାବ ସଙ୍କ୍ରାମକ ଜ୍ୱରରୋଗର ମୂଳ କାରଣ ନୁହେ ଯେହେତୁ ଦେଖାଯାଉ ଅଛି ଯେ କେତେ ସ୍ଥାନରେ ଜଳ ନିକାଶିର ବାଟ ନାହିଁ ଅଥଚ ସେଠାରେ ଜ୍ୱରର ପ୍ରକୋପ ନାହିଁ । ପୁଣି ଆଉ କେତେ ସ୍ଥାନରେ ଜଳ ବାହାରି ଯିବାର ମାହାଳ ଅଛି ଏବଂ ସେଠାରେ ଜ୍ୱର ମଧ୍ୟ ଅଛି । ଅନ୍ନାଭାବ ଏବଂ ବିଲ ପାନୀୟ ଜଳାଭାବ ହେତୁ ବର୍ତ୍ତମାନ ପୀଡ଼ା ବୃଦ୍ଧି ହେଉ ଅଛି । ବୋଲିବା ବାହୁଲ୍ୟ ଏ ମତରେ ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ଐକ୍ୟ । ମାତ୍ର ବଙ୍ଗୀୟ ଛୋଟଲାଟ ଏହା ବୁଝିବେ କି ?

---

Digitized by srujanika@gmail.com

Split by PDF Splitter



ଜାପାନ ରାଜ୍ୟରେ ଲୁଗାକଳମାନ ସ୍ଥାପିତ ହୋଇ ଅଛି । ସେ ସବୁ କଳରେ ଏତେ ଲୁଗା ପ୍ରସ୍ତୁତ ହେବାର ଆୟୋଜନ ହୋଇ ଅଛି ଯେ ସବୁ କଳ ଚାଲିଲେ ସେ ରାଜ୍ୟର ଖରଚକୁ ବଳି ପଡ଼ିବ ଏବଂ ବିଦେଶକୁ ରପ୍ତାନି ନ ହେଲେ ଲାଭ ହେବ ନାହିଁ । ସମ୍ପ୍ରତି ଚୀନ ରାଜ୍ୟରେ କପା ଲୁଗା ଏବଂ ପଶମି ଲୁଗା ପ୍ରସ୍ତୁତ କରିବାର କଳ କାରଖାନାମାନ ବସାଇବାର ଉଦ୍ୟମ ଲାଗି ଅଛି । ପଶମ ଅଷ୍ଟ୍ରେଲିଆରୁ ଆମଦାନୀ ହେବ । ଚୀନରେ କପାଲୁଗା କଳ ବସିଲେ ବମ୍ବେର କଳଲୁଗା କାରବାର ବ୍ୟାଘାତ ହୋଇପାରେ ମାତ୍ର ଭାରତବାସିମାନେ ଯେବେ ଚୀନପରି ସ୍ୱଦେଶ ଜାତଦ୍ରବ୍ୟ ପାଇଲେ ବିଦେଶୀୟ ଦ୍ରବ୍ୟ ଆଦୌ ଗ୍ରହଣ କରିବେ ନାହିଁ ତେବେ କ୍ଷତିର ଭୟ ନାହିଁ ତାହା ହେଲେ କେବଳ ବିଲାତି ଲୁଗା ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ । ଭାରତବାସିମାନେ ଏ ବିଷୟରେ ଦୃଢ଼ରୂପେ ଚୀନର ଅନୁଗାମୀ ହେବେ କି ?

---

ଭଲ ଲଫାଫା ଉପରେ ନାମ ଧାମାଦି ସ୍ପଷ୍ଟ ରୂପେ ଲେଖି କେବେ ଡାକରେ ଚିଠି ପଠାଇବାକୁ ହେବ ହେବେ ଏବଂ ଡାକକର୍ମଚାରୀମାନେ ବିନା କଷ୍ଟରେ ତାହା ପଢ଼ି ଯଥାସ୍ଥାନରେ ପତ୍ର ପହଞ୍ଚାଇବେ ଏହି ଉଦ୍ଦେଶ୍ୟରେ ସରକାର ଅଧଅଣା ଡାକ ମାସୁଲର ଛପା ବସିଥିବା ଲଫାଫାମାନ କେବଳ ସେହି ମାସୁଲର ମୂଲ୍ୟ ନେଇ ପଇସାରେ ବିକ୍ରୟ କରୁଅଛନ୍ତି । ଲଫାଫାର ମୂଲ୍ୟ ଆଦୌ ନିଆଯାଉ ନାହିଁ । ଚିଠିପତ୍ର ବିନା ଅନ୍ୟ ପ୍ରକାରରେ ଏ ଲଫାଫାର ବ୍ୟବହାର ହେବା ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ନୁହେ । ଅତଏବ ସରକାର ନିୟମ ଜାରି କରୁଅଛନ୍ତି କି ଅଧଅଣା ଡାକମାସୁଲର ଛପାଯୁକ୍ତ ଲଫାଫାର ମୁହଁ ଫିଟାଇ ଡାକରେ ପୁସ୍ତକାଦି ପଠାଇଲେ ଅଥବା ସେ ଲଫାଫାର ଛପାଟି କାଟି ଅନ୍ୟ ଦ୍ରବ୍ୟରେ ଡାକମାସୁଲ ସ୍ୱରୂପ ଗ୍ରାହ୍ୟ ହେବ ନାହିଁ । ସେହି ପ୍ରକାର ଦ୍ରବ୍ୟ ବେରଙ୍ଗ ଜ୍ଞାନ କରାଯିବ ।

—*—

ଫରାସୀ ରାଜ୍ୟରେ ରାଜା ନାହାନ୍ତି । ସେଠାରେ ପ୍ରଜାତନ୍ତ୍ର ପ୍ରଣାଳୀ ପ୍ରଚଳିତ । ପ୍ରଜାମାନଙ୍କ ମନୋନୀତ ମହାଶୟ ଦ୍ୱାରା ସେଠାର ରାଜକାର୍ଯ୍ୟ ନିର୍ବାହ ହୁଅଇ ଏବଂ ସେହି ସଭାର ସଭାପତିଙ୍କ ମର୍ଯ୍ୟାଦା ରାଜାତୁଲ୍ୟ ଅଟେ । ବର୍ତ୍ତମାନ ସଭାପତି କାର୍ଣ୍ଣୋ ସାହେବ ଲିଓନ୍ସ ନଗରରେ ଏକ ନାଟ୍ୟଶାଳାକୁ ଅଭିନୟ ଦେଖିବାକୁ ଯାଉଥିଲେ ସେଠାରୁ ସାନ୍ଟୋ ନାମକ ଜଣେ ଇଟାଲି ଦେଶବାସୀ ତାହାଙ୍କ ବକ୍ଷସ୍ଥଳରେ ଛୋରା ମାର ଦେବାରୁ ଅଳ୍ପକାଳ ଭିତରୁ ତାହାଙ୍କର ମୃତ୍ୟୁ ହେଲା । ସାନ୍ଟୋ କି ଅଭିପ୍ରାୟରେ ଏମନ୍ତ ଦୁଷ୍କର୍ଯ୍ୟ କଲା ପ୍ରକାଶ ପାଇ ନାହିଁ । ଏହି ଦୁର୍ଘଟଣା ନିମନ୍ତେ ଇଉରୋପର ସମସ୍ତ ରାଜା ଫରାସୀ ମହାଶୟଙ୍କୁ ଦୁଃଖ ଓ ସହାନୁଭୂତି ଲେଖି ପଠାଇ ଅଛନ୍ତି । ଇଟାଲିର ରାଜା ମଧ୍ୟ ସେପରି ପତ୍ର ଲେଖି କହି ଅଛନ୍ତି କି ସାନ୍ଟୋର ଘର ଘାଟ ନାହିଁ ସେ ଜଣେ ବଡ଼ ବଦମାସ । ଇଉରୋପର ପ୍ରାୟ ସମସ୍ତ ରାଜ୍ୟରେ ରାଜବିଦ୍ରୋହିଙ୍କ ଦଳ କ୍ରମାଗତ ବୃଦ୍ଧି ହେଉଅଛି । ବଙ୍ଗବାସୀ ଯଥାର୍ଥ କହି ଅଛନ୍ତି ଯେ ଏହା ଧର୍ମହୀନ ଶିକ୍ଷା ଓ ସଭ୍ୟତାର ଫଳ ଅଟେ ।

---

ସମ୍ବଲପୁରର ବ୍ରାହ୍ମଣମାନେ ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀରେ ଶିବବିବାହ ଉତ୍ସବ ବଡ଼ ସମାରୋହ ସହିତ କରନ୍ତି । ସେଠା ଉତ୍କଳୀୟ ବ୍ରାହ୍ମଣମାନେ ପୂଜକ ଏବଂ ଆରଣ୍ୟକ ବ୍ରାହ୍ମଣମାନେ ଭଜନକରେ ଏପର୍ଯ୍ୟନ୍ତ ଯୋଗ କରନ୍ତି । ତାଣ୍ଡରେ ଯାତ୍ରା କରିବା ନିମନ୍ତେ ପୁଲିସର ଅନୁମତି ପ୍ରୟୋଜନ । ଏଥକୁ ଉଭୟ ଦଳ ଏଥର ଅନୁମତି ପ୍ରାର୍ଥନା କରନ୍ତେ ପୁଲିସ ଇନସ୍ପେକ୍ଟର ସ୍ୱରଜ ସିଂହ ପୂଜକଙ୍କ ଅନୁମତି ଦେଇ ଅବଶିଷ୍ଟ ଏକଦଳର ପ୍ରାର୍ଥନା ଏହି ହେତୁରେ ଅଗ୍ରାହ୍ୟ କଲେ କି ପୁଲିସ କର୍ମଚାରୀମାନେ ପୂଜକ ସଙ୍ଗେ ଉଭାଗର ହୋଇ ଶାନ୍ତିରକ୍ଷା କଲା ଉତ୍ତାରୁ ବୃଥା ଦଳ ସେପରି କରି ପାଇବେ ନାହିଁ ମାତ୍ର ସେ ଦଳ ସ୍ୱେଚ୍ଛା ଇତ୍ୟାଦି ହେଲେ ଯେବେ ତହିଁ ନିମନ୍ତେ ଆବେଦନକାରୀମାନେ ଦାୟୀ ହେବେ ତେବେ ଅନୁମତି ଦିଆଯାଇ ପାରେ । ସମ୍ବଲପୁର ହିତୈଷିଣୀରେ ଏ ବିଚାର ଆଦେଶର ମର୍ମ ଅସଙ୍ଗତ ହୋଇ ସହଯୋଗିଙ୍କ ପରି ଆମ୍ଭେମାନେ ମଧ୍ୟ ଦୁଃଖିତ ହୋଇ ଅଛୁଁ । ବାସ୍ତବରେ ପୁଲିସ କର୍ମଚାରୀ ମହାଶୟ ଏପରି ଆଦେଶ ଦେଇ ଥିଲେ ବୋଲିବାକୁ ହେବ ଯେ ପୁଲିସର କାର୍ଯ୍ୟ ସମ୍ବନ୍ଧରେ ତାହାଙ୍କର ଜ୍ଞାନ ସାଧାରଣଙ୍କ ଜ୍ଞାନଠାରୁ ସମ୍ପୂର୍ଣ୍ଣ ବିପରୀତ ଅଟେ । ତାହାଙ୍କର ଧାରଣା ଯେ ଲୋକଙ୍କ ରକ୍ଷାର୍ଥେ ପୁଲିସ ନୁହେ ମାତ୍ର ପୁଲିସ ରକ୍ଷାର୍ଥେ ଲୋକମାନେ ଅଛନ୍ତି । ସେପରି ପୁଲିସ ଆଶ୍ରମରେ ରହିକେ ଲୋକଙ୍କର ସେପରି କାର୍ଯ୍ୟ କରିବା ଉଚିତ । ପୁଲିସବାଲାମାନେ ସହରରେ ଉପଦ୍ରବ ଦ୍ୱେଷ ଇତ୍ୟାଦି ନିବାରଣ କରିବାର କଥା, ଏଥିପାଇଁ ପୁଲିସରେ ଅନେକ ଚାକର ଅଛନ୍ତି ସେ ଯାଇ କାର୍ଯ୍ୟ କଲେ ଏକବ୍ୟକ୍ତି ପ୍ରତିଦିନ ଛୁଟି ହେବ ନାହିଁ ଅଥଚ ପ୍ରତିଦିନ ସମସ୍ତେ ଯୋଗ ଇତ୍ୟାଦି କାର୍ଯ୍ୟରେ ହେଲା କରିବେ ନାହିଁ । ଏଥିରେ ଯେବେ ସମ୍ବଲପୁର ପୁଲିସ ଅବସିବେ ତେବେ ସେମାନଙ୍କର କାର୍ଯ୍ୟ କରିବା ଉଚିତ ନୁହେ । ଆବେଦନକାରୀମାନେ ଏ ଆଦେଶର ପ୍ରତିଲିପି ଡିଫ କମିଶନର ସାହେବଙ୍କ ନିକଟକୁ ପଠାଇଲେ ଭଲ ହୁଅନ୍ତା ।

---

କବି ଉପେନ୍ଦ୍ରଭଞ୍ଜ ଓ ରାଧାନାଥ ରାୟ ।

କଲିକତାର ବଙ୍ଗବାସୀ ନାମକ ସମ୍ବାଦପତ୍ରରେ ସ୍ୱର୍ଗୀୟ ଭୂଦେବ ମୁଖୋପାଧ୍ୟାୟଙ୍କ ସଂକ୍ଷିପ୍ତ ଜୀବନୀ ତେଣେ ସମ୍ବାଦ ହେଲା ପ୍ରକାଶିତ ହେଉ ଅଛି । ସେ ସମ୍ବନ୍ଧରେ ଗତମାସ ତା ୨୩ ରଖର ପ୍ରବନ୍ଧରେ ବାବୁ ରାଧାନାଥ ରାୟଙ୍କ ସେହି ମାସ ତା ୧୨ ରଖର ଲିଖିତ ପତ୍ର ସନ୍ନିବେଶିତ ହୋଇ ଅଛି । ଉକ୍ତ ପତ୍ରରେ ରାଧାନାଥବାବୁ ଅନ୍ୟାନ୍ୟ ବିଷୟ ମଧ୍ୟରେ ଲେଖି ଅ[illegible] ଉତ୍କଳ କବି ଶ୍ରେଷ୍ଠ ଉପେନ୍ଦ୍ରଭଞ୍ଜଙ୍କ ପ୍ରସଙ୍ଗରେ ତାହାଙ୍କ ସହିତ ଭୂଦେବବାବୁଙ୍କର ନିମ୍ନଲିଖିତ କଥାବାର୍ତ୍ତା ହୋଇ ଥିଲା ।

"ସଂସ୍କୃତ ସାହିତ୍ୟର ପ୍ରସଙ୍ଗ ହେଉ ଅନୁସଙ୍ଗତ ଉତ୍କଳ ସାହିତ୍ୟର କଥା ପଡ଼ିଗଲା । ଉତ୍କଳର ସର୍ବପ୍ରଧାନ କବି ଉପେନ୍ଦ୍ରଭଞ୍ଜଙ୍କ ସର୍ବପ୍ରଧାନ କାବ୍ୟ ବୈଦେହୀଶବିଳାସରୁ ମୁଁ କେତେଗୁଡ଼ିଏ କ୍ଳିଷ୍ଟ କବିତାର ଅଦ୍ଭୁତ କବିତାହିଁର ଅର୍ଥ ବୁଝାଇ ଦେଲି । ସେ ଭାବର ସୌନ୍ଦର୍ଯ୍ୟରେ ଚମତ୍କୃତ ଏବଂ ମୋହିତ ହୋଇ କହିଲେ 'ଏହି ଓଡ଼ିଆକୁ ବଙ୍ଗାଳମାନେ କେଉଁ ଦେଶର ଲୋକ କହନ୍ତି !' ଏହା କହି ସେ ଭଞ୍ଜଙ୍କର ଜୀବନୀ ଏବଂ ରଚନାସମ୍ବନ୍ଧରେ ମୋତେ ଅନେକ ପ୍ରଶ୍ନ କଲେ । ମୋ ଠାରୁ ଭଞ୍ଜଙ୍କ କବିତା ସେ ସମୟରେ ଶୁଣୁଥିଲେ ଏବଂ ସେହି ରଚନାର ପକ୍ଷପାତୀ ସେ ଏତେଦୂର ହୋଇଥିଲେ ଯେ ଓଡ଼ିଶାକୁ ଦ୍ୱିତୀୟ ଥର ଯାଇ କୌଣସି ଲବ୍ଧପ୍ରତିଷ୍ଠ ବଙ୍ଗକବିଙ୍କ ଦ୍ୱାରା ମୋତେ ଲକ୍ଷ କରି ଗୋଟିଏ ଆଶୀର୍ବାଦସୂଚକ କବିତା ଲେଖାଇ ଏଡୁକେସନ ଗେଜେଟରେ ତାହା ପ୍ରକାଶ କରାଇ ଥିଲେ ।"

Digitized by srujanika@gmail.com